# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୮/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, September 8/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 284 | ମୂଲ୍ୟ ₹୭/-




**ସାବାଲେଙ୍କାଙ୍କୁ ୟୁଏସ୍ ଓପନ ଟାଇଟଲ**

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା।

୧୪

୦୨

**ଅଲ୍ଲୁ ଶ୍ରେଷ୍ଠ ଅଭିନେତା, ରଶ୍ମିକା ଶ୍ରେଷ୍ଠ ଅଭିନେତ୍ରୀ**

'ଏସ୍ଆଇଆଇଏମ୍ଏ ୨୦୨୫'ରେ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିର ଶ୍ରେଷ୍ଠ ଅଭିନେତା ଭାବେ ଅଲ୍ଲୁ ଅର୍ଜୁନଙ୍କୁ ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରଶ୍ମିକା ମନ୍ଦାନାଙ୍କୁ ସମ୍ମାନିତ କରାଯାଇଛି।





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

# ସାର ପାଇଁ ରାସ୍ତାରେ ଚାଷୀ

ରାଜ୍ୟର ବିଭିନ୍ନ ଜିଲାରେ ୟୁରିଆ ସାରର ଅଭାବ ଦେଖାଦେଇଛି। ସାର ପାଇଁ କେଉଁଠି ଚାଷୀମାନେ ଗୋଦାମ ଆଗରେ ଅନିଦ୍ରା ହୋଇ ରାତିରୁ ଲମ୍ବା ଲାଇନ୍ ଲଗାଇଲେଣି ତ କେଉଁଠି ରାସ୍ତା ଅବରୋଧ କଲେଣି। ଶନିବାର କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଏବଂ ଭବାନୀପାଟଣା ସରକାରୀ ସାର ବିକ୍ରୟ କେନ୍ଦ୍ର ସମ୍ମୁଖରେ ଚାଷୀମାନେ ଲମ୍ବା ଧାଡ଼ି ଲଗାଇଥିବାବେଳେ ବରଗଡ଼ ଜିଲା ଘେଁସଠାରେ ଏକ ୟୁରିଆ ସାର ବୋଝେଇ ଟ୍ରକ୍‌କୁ ଚାଷୀମାନେ ଅଟକାଇବା ସହ ଯୋଗାଣ କେନ୍ଦ୍ରକୁ ଘେରିଥିଲେ। ଅନୁରୂପ ଭାବେ ରବିବାର ମଧ୍ୟ ଦେବଗଡ଼ ଜିଲା ରିଆମାଳ ବ୍ଲକରେ ସାର ଅଭାବ ଏବଂ କଳାବଜାରକୁ ବିରୋଧ କରି ଶତାଧିକ ଚାଷୀ ରାସ୍ତାରୋକୋ କରିଥିବାବେଳେ ମାଲକାନାଗିରି ଜିଲା ଏମ୍‌ଭି -୭୯ରେ ସମାନ ଅଭିଯୋଗ ଆଣି ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି। ରାଜ୍ୟରେ ସାର ଅଭାବ ନାହିଁ ବୋଲି ସରକାରୀସ୍ତରରେ କୁହାଯାଉଥିବାବେଳେ ବାସ୍ତବକ୍ଷେତ୍ରରେ ତାହା ଭିନ୍ନ ବୋଲି ଉପରୋକ୍ତ ଘଟଣାରୁ ମନେହେଉଛି। ସାର କଳାବଜାର କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଚାଷୀଙ୍କୁ ଠିକ୍‌ଭାବେ ସାର ଯୋଗାଇବାକୁ ଦାବି ହୋଇଛି।



ଚାଷୀମାନେ ସାର ନ ପାଇ ମାଲକାନାଗିରି ଜିଲା କାଳିମେଳା ବ୍ଲକ ମହାରାଜପଲ୍ଲୀ ପଞ୍ଚାୟତ ସମ୍ମୁଖ ୩୨୬ ନମ୍ବର ଜାତୀୟ ରାଜପଥ ରବିବାର ଅବରୋଧ କରିଛନ୍ତି।

**ଦେବଗଡ଼/କାଳିମେଳା/ଏମ୍‌ଭି- ୭୯, ୭।୯ ( ଶଶାଙ୍କ ଶେଖର ଝାଙ୍କର/ଜୀବନ କୃଷ୍ଣ ଦାସ/ଭିକି ବାରିକ)**

- **କଳାବଜାର ବିରୋଧରେ ଦେବଗଡ଼ରେ ଶତାଧିକ ଚାଷୀଙ୍କ ବିକ୍ଷୋଭ**
- **ମାଲକାନଗିରିରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ**

ଦେବଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଚାଷ ପାଇଁ ରୁଆ, ବେଉଷଣ କାର୍ଯ୍ୟ ଜାରି ରହିଛି। ଏପରିସ୍ଥଳେ ଚାଷୀଙ୍କୁ ୟୁରିଆ ସାରର ଆବଶ୍ୟକତା ରହିଛି। ସରକାର ୟୁରିଆ ସାର ବସ୍ତା ପ୍ରତି ୨୬୭ ଟଙ୍କା ଦର ଧାର୍ଯ୍ୟ କରିଛନ୍ତି। ହେଲେ ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ଯଥେଷ୍ଟ ପରିମାଣର ସାର ଯୋଗାଇ ଦିଆଯାଉନାହିଁ। ଏହାର ଫାଇଦା ଉଠାଇ ଘରୋଇ ଡିଲର ୟୁରିଆ ସାର ବସ୍ତା ୩୫୦ରୁ ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। ଠିକ୍ ସମୟରେ ୟୁରିଆ ସାର ନ ପାଇଲେ ଭଲ ଧାନ ଅମଳ କରିବାର ଆଶା ହରାଉଛନ୍ତି ଚାଷୀ। ଫଳରେ ସେମାନେ ଅନ୍ୟ ଉପାୟ ନ ପାଇ ଚଢ଼ାଦରରେ ସାର କିଣିବାକୁ ବାଧ୍ୟ ହେଉଛନ୍ତି। ରାତିବେଳା ☞ପୃଷ୍ଠା-୪

## ହକି ଏସିଆ କପ୍: ଭାରତ ଚାମ୍ପିୟନ

ରାଜଗିର(ବିହାର),୭।୯: ରାଜଗିର ହକି ଷ୍ଟାଡିୟମରେ ଚାଲିଥିବା ହକି ଏସିଆ କପ୍‌ର ୧୨ତମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଛି। ପୂରା ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ଆୟୋଜକ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ କୋରିଆକୁ ହରାଇ ଚତୁର୍ଥ ଥର ପାଇଁ ଚାମ୍ପିୟନ ହୋଇଛି। ଏହି ବିଜୟ ସହ ଭାରତୀୟ ଦଳ ଆସନ୍ତା ବର୍ଷ ହେବାକୁ ଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଛି। (ବିସ୍ତୃତ ରିପୋର୍ଟ: ଖେଳ ପୃଷ୍ଠା)

**ଆଜିର ସମ୍ପାଦକୀୟ**

**କାଠଗୁଡ଼ା ଗଡ଼ିଗଲା**

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

**ବନ୍ତଳା, ୭।୯(ସୁଶିତ ସାହୁ)**

- **ନାଳରୁ ମିଳିଲା କ୍ଷତବିକ୍ଷତ ମୃତଦେହ**
- **ଦୋଷୀଙ୍କୁ ଧରିବା ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ**

ଖେଳିବା ପାଇଁ ଘରୁ ବାହାରକୁ ଯାଇଥିବା ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଏନେଇ ନାବାଳିକାଙ୍କ ବାପା ରବିବାର ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ଘଟିଛି ଅନୁଗୋଳ ବ୍ଲକ ବାଲୁଅକଟା ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗାଁରେ। ନାବାଳିକାଙ୍କ ଭାଇଙ୍କ କହିବା ଅନୁଯାୟୀ, ଶନିବାର ଅପରାହ୍ନ ୩ଟା ବେଳେ ସମ୍ପୃକ୍ତ ନାବାଳିକା ଖେଳିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇପଡ଼ିଥିଲେ। ଏନେଇ ରାତି ୧୦ଟାରେ ପରିବାର ଲୋକେ ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଥିଲେ। ରବିବାର ସକାଳେ ପୁନର୍ବାର ଖୋଜିବାକୁ ଯାଇ ନାବାଳିକାଙ୍କ ☞ପୃଷ୍ଠା-୪

## ରୁଷିଆର କ୍ୟାନ୍‌ସର ଟିକା ବ୍ୟବହାର ପାଇଁ ପ୍ରସ୍ତୁତ

**ମସ୍କୋ,୭।୯**

ରୁଷୀୟ ବୈଜ୍ଞାନିକମାନେ ବିକଶିତ କରିଥିବା ନୂଆ କ୍ୟାନ୍‌ସର ଟିକାର ସଫଳ କ୍ଲିନିକାଲ ପରୀକ୍ଷା ପରେ ତାହା ଏବେ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଥିବା ଫେଡେରାଲ ମେଡିକାଲ ଆଣ୍ଡ୍ ବାୟୋଲୋଜିକାଲ ଏଜେନ୍ସି (ଏଫ୍‌ଏମ୍‌ବିଏ) ପକ୍ଷରୁ କୁହାଯାଇଛି। ଇଷ୍ଟର୍ନ ଇକୋନୋମିକ୍ ଫୋରମ୍‌ରେ ଏଫ୍‌ଏମ୍‌ବିଏ ମୁଖ୍ୟ ଭେରୋନିକା ସ୍କୋର୍ଟସୋଭା ଏହା ଘୋଷଣା କରିଛନ୍ତି। କୋଭିଡ୍-୧୯ ଭାକ୍ସିନ୍‌ରେ ବ୍ୟବହୃତ ଦୃଷ୍ଟିକୋଣ ଏମ୍‌ଆର୍‌ଏନ୍‌ଏ ଟେକ୍‌ନୋଲୋଜି ଆଧାରରେ ଇଣ୍ଟେରୋମିକ୍ସ ନାମକ କ୍ୟାନ୍‌ସର ଟିକା ପ୍ରସ୍ତୁତ ହୋଇଛି। ଦୁର୍ବଳ ଭୂତାଣୁ ବ୍ୟବହାର କରିବା ପରିବର୍ତ୍ତେ ଏମ୍‌ଆର୍‌ଏନ୍‌ଏ ଭାକ୍ସିନ୍ ଶରୀରର କୋଷଗୁଡ଼ିକୁ ପ୍ରୋଟିନ୍ ଉତ୍ପନ୍ନ କରିବାକୁ ଶିଖାଇଥାଏ, ଯାହା କ୍ୟାନ୍‌ସର ସେଲ୍ ବିରୋଧରେ ପ୍ରତିରୋଧ କ୍ଷମତା ବଢ଼ାଇଥାଏ।


DSPL-248

ଓମ୍‌ଫେଡ୍ ®

କ୍ଷୀର ଓଡ଼ିଶାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦୀ ଓ
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କୁ
ଆନ୍ତରିକ ଧନ୍ୟବାଦ

ପନିର ଓ ୟୁଏଚଟି ମିଲ୍କରୁ ଜିଏସଟି ଛାଡ ଏବଂ ବଟର, ଘିଅ, ଆଇସକ୍ରିମ୍ ପରି ଦୁଗ୍ଧଜାତ ଦ୍ରବ୍ୟ ଉପରେ ଜିଏସଟି ହ୍ରାସ ପାଇଁ ଓମଫେଡ଼ ସହ ଜଡ଼ିତ ଓଡ଼ିଶାର ଅଗଣିତ ଗୋପାଳକ, ଦୁଗ୍ଧଉତ୍ପାଦକ ଓ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବହାରକାରୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଆନ୍ତରିକତାର ସହ ଧନ୍ୟବାଦ ଅର୍ପଣ କରୁଛୁ।

ସରକାରଙ୍କ ଏପରି ଯୁଗାନ୍ତକାରୀ ପଦକ୍ଷେପ ଓମ୍‌ଫେଡ୍ ସହ ଜଡ଼ିତ ପ୍ରାୟ୍ ଚାରି ହଜାର ଦୁଗ୍ଧ ଉତ୍ପାଦକ ସମବାୟ୍ ସମିତିର ଅଢ଼େଇ ଲକ୍ଷ ଗୋପାଳକଙ୍କୁ ଲାଭବାନ କରିବ । ଓମ୍‌ଫେଡ୍ ପ୍ରସ୍ତୁତ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବହାର କରୁଥିବା ରାଜ୍ୟର ପ୍ରାୟ୍ ଦୁଇ କୋଟିରୁ ଉର୍ଦ୍ଧ୍ୱ ଗ୍ରାହକ ଏହି ଐତିହାସିକ ନିଷ୍ପତ୍ତି ମାଧ୍ୟମରେ ଉପକୃତ ହେବେ । ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନ ଓ ବିପଣନରେ ଓମଫେଡ଼ ସର୍ବଦା ଗୁଣାତ୍ମକ ମାନ ବଜାୟ୍ ରଖିଆସିଛି। ଉଚ୍ଚ ଗୁଣବତ୍ତା ଓ ଶୁଦ୍ଧତା ପାଇଁ ଏହା ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ଓଡ଼ିଆ ଅସ୍ମିତାର ଉପଯୁକ୍ତ ଉଦାହରଣ ସାଜିଛି।

ଜିଏସଟି ହ୍ରାସ ମାଧ୍ୟମରେ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଓମଫେଡ଼ ସହ ସଂଲଗ୍ନ ଦୁଗ୍ଧଉତ୍ପାଦକ ଓ ଗ୍ରାହକଙ୍କ ମୁହଁରେ ହସ ଫୁଟାଇବା ସାଙ୍ଗକୁ ସରକାରଙ୍କ ପ୍ରତି ଗଭୀର ବିଶ୍ୱାସର ବାତାବରଣ ସୃଷ୍ଟି କରିବ।

ଓଡ଼ିଶା ରାଜ୍ୟ ସମବାୟ୍ ଦୁଗ୍ଧଉତ୍ପାଦକ ମହାସଂଘ ଲିମିଟେଡ୍









OIPR-06063/13/0222/2526

# ଆମେରିକା ସାମଗ୍ରୀ ଉପରେ ୭୫% ଟାରିଫ୍ ଲଗାଅ

## ପ୍ରଧାନମନ୍ତ୍ରୀଙ୍କୁ କେଜ୍‌ରିୱାଲଙ୍କ ଆହ୍ୱାନ

**ରାଜକୋଟ,୭।୯**

ଭାରତରୁ ରପ୍ତାନି ସାମଗ୍ରୀ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସାହସ ଥିଲେ ଆମେରିକାରୁ ଆମଦାନୀ ସାମଗ୍ରୀ ଉପରେ ୭୫ ପ୍ରତିଶତ ଟାରିଫ୍ ଲଗାଇବାକୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍‌ରିୱାଲ ରବିବାର ଆହ୍ୱାନ ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ କେଜ୍‌ରିୱାଲ କହିଛନ୍ତି, ଆମେରିକାରୁ ଆମଦାନୀ ତୁଳା ଉପରେ ଭାରତ ଡିସେମ୍ବର ୩୧ ପର୍ଯ୍ୟନ୍ତ ୧୧ ପ୍ରତିଶତ ଶୁଳ୍କ ଛାଡ଼ କରିଥିବାରୁ ଏହା ଭାରତୀୟ କପାଚାଷୀଙ୍କୁ କ୍ଷତିଗ୍ରସ୍ତ କରିଛି। ଏହା ଆମେରିକା ଚାଷୀଙ୍କୁ ଧନୀ କରିବା ସହ ଗୁଜରାଟ ଚାଷୀଙ୍କୁ ଗରିବ କରିଦେବ ବୋଲି ସେ କହିଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ସାହସ ଦେଖାନ୍ତୁ, ତାଙ୍କ ପଛରେ ସାରା ଦେଶ ଛିଡ଼ା ହୋଇଛି। ଆମେରିକାର ୫୦% ଟାରିଫ୍ ଜବାବରେ ଭାରତ ଆମେରିକାରୁ ଆସୁଥିବା ସାମଗ୍ରୀ ଉପରେ ୭୫% ଶୁଳ୍କ ଲଗାଉ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଥିରେ ନଇଁଛନ୍ତି କି ନାହିଁ ଦେଖାଯାଉ ବୋଲି ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ରବିବାର କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ବିଜେୱାଇଏମ୍ ଅଧ୍ୟକ୍ଷ ତେଜସ୍ୱୀ ସୂର୍ଯ୍ୟ ଏବଂ ଅଭିନେତା ତଥା ମଡେଲ ମିଲିନ୍ଦ ସୋମନ 'ନମୋ ଯୁବ ରନ୍ ଫର୍ ନଶାମୁକ୍ତ ଭାରତ'ର ଶୁଭାରମ୍ଭ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଶରଣ ଆଶାୟୀ ୟୁକ୍ରେନୀୟ ମହିଳାଙ୍କୁ ଆମେରିକାରେ ହତ୍ୟା

**ୱାଶିଂଟନ,୭।୯**

ଯୁଦ୍ଧ କ୍ଷତିଗ୍ରସ୍ତ ୟୁକ୍ରେନ୍‌ରୁ ପଳାଇଆସି ଆମେରିକାରେ ଶରଣ ନେବାକୁ ଚାହୁଁଥିବା ଜଣେ ୨୩ ବର୍ଷୀୟା ମହିଳାଙ୍କୁ ଟ୍ରେନ୍‌ରେ ଛୁରିଭୁସି ହତ୍ୟା କରାଯାଇଛି। ଇରିନା ଜାରୁଟ୍‌ସ୍କା ନାମ୍ନୀ ମହିଳା ଗତ ମାସ ୨୨ ତାରିଖରେ ଲିନ୍‌କ୍ସ ବ୍ଲୁଲାଇନ୍ ଟ୍ରେନ୍ ଧରିବା ବେଳେ ୟୁନିଫର୍ମରେ ଥିଲେ। ଚାର୍ଲୋଟେ ଏରିଆ ଟ୍ରାଞ୍ଜିଟ୍ ସିଷ୍ଟମ୍ ଦ୍ୱାରା ଜାରି ସର୍ଭିଲାନ୍ସ ଫୁଟେଜ୍‌ରୁ ମହିଳା ଜଣକ ଟ୍ରେନ୍‌ରେ ନିଜ ଫୋନ୍‌ରେ ବ୍ୟସ୍ତ ରହିଥିବା ଓ ବିପଦ ସମ୍ପର୍କରେ ଅବଗତ ନ ଥିବା ଜଣାପଡ଼ିଛି। ଏହାର ମାତ୍ର ୪ ମିନିଟ୍ ପରେ ଡେକାର୍ଲୋସ୍ ବ୍ରାଉନ୍ ଜୁନିୟର(୩୪) ନାମକ ଜଣେ ପୂର୍ବତନ ଅଭିଯୁକ୍ତ ଏକ ଫୋଲ୍ଡିଂ ଛୁରିରେ ତାଙ୍କୁ ୩ ଥର ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଜାରୁଟ୍‌ସ୍କାଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ଷ୍ଟେଶନରେ ବ୍ରାଉନ୍ ଟ୍ରେନ୍‌ରୁ ଓହ୍ଲାଇଯାଇଥିଲେ। ପୋଲିସ ତାଙ୍କୁ ଗିରଫ କରିଛି। କୋର୍ଟ ରେକର୍ଡ ଅନୁଯାୟୀ ବ୍ରାଉନଙ୍କ ନାମରେ ୨୦୧୧ରୁ ଡକାୟତି, ବିପଜ୍ଜନକ ଅସ୍ତ୍ର ରଖିବା ଆଦି ବହୁ ଅପରାଧ ମାମଲା ରହିଛି। ସେ ୫ ବର୍ଷ ଜେଲରେ ରହିବା ପରେ ଜାନୁଆରୀରେ ପୁଣିଥରେ ଗିରଫ ହୋଇଥିଲେ।

# ଜାପାନ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା



ଶିଗେରୁ ଇଶିବା

**ଟୋକିଓ,୭।୯**

ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ନିଜ ପଦରୁ ଇସ୍ତଫା ଦେବାକୁ ରବିବାର ଘୋଷଣା କରିଛନ୍ତି। ଜୁଲାଇରେ ହୋଇଥିବା ସଂସଦୀୟ ନିର୍ବାଚନରେ ପରାଜୟ ପାଇଁ ନିଜକୁ ଦାୟୀ କରିବାକୁ ଇଶିବାଙ୍କ ଉପରେ ତାଙ୍କ ଦଳ ଚାପ ପକାଇ ଆସୁଥିଲା। ଗତବର୍ଷ ଅକ୍ଟୋବରରେ କ୍ଷମତାକୁ ଆସିଥିବା ଇଶିବା ମାସେରୁ ଊର୍ଦ୍ଧ୍ୱ ସମୟ ହେଲା ନିଜ ଦଳ ଭିତରେ ଦକ୍ଷିଣପନ୍ଥୀ ବିରୋଧୀଙ୍କ ଦାବିକୁ ବିରୋଧ କରିଆସୁଥିଲେ। ଜାପାନ ଅନେକ ଆଭ୍ୟନ୍ତରୀଣ ଏବଂ ବାହ୍ୟ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବାବେଳେ ଏଭଳି ସମୟରେ ଇସ୍ତଫା ଦେବା ରାଜନୈତିକ ଶୂନ୍ୟସ୍ଥାନ ସୃଷ୍ଟି କରିବ ବୋଲି ସେ କହୁଥିଲେ। ତେବେ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପି) ଆଗୁଆ ନେତା ନିର୍ବାଚନ ପାଇଁ ସୋମବାର ନିଷ୍ପତ୍ତି ନେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ସେ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏକ ଟେଲିଭିଜନ ପ୍ରେସ୍ କନ୍‌ଫରେନ୍ସରେ ଇଶିବା କହିଛନ୍ତି, ସେ ଦଳର ପରବର୍ତ୍ତୀ ନେତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବେ। ଜୁଲାଇରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ନିର୍ବାଚନରେ ଇଶିବାଙ୍କ ଶାସକ ମେଣ୍ଟ ୨୪୮ ଆସନ ବିଶିଷ୍ଟ ଉଚ୍ଚ ସଦନରେ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିଲା। ଫଳରେ ତାଙ୍କ ସରକାରଙ୍କ ସ୍ଥାୟିତ୍ୱ ଦୋହଲିଯାଇଥିଲା। ପୂର୍ବରୁ ହୋଇଥିବା ନିମ୍ନ ସଦନ ନିର୍ବାଚନରେ ମଧ୍ୟ ତାଙ୍କ ନେତୃତ୍ୱାଧୀନ ମେଣ୍ଟ ସଂଖ୍ୟାଗରିଷ୍ଠତା ହରାଇଥିଲା।

# ୟୁକ୍ରେନ୍ କ୍ୟାବିନେଟ୍ ବିଲ୍ଡିଂରେ ରୁଷିଆର ଆକ୍ରମଣ

**କିଭ୍,୭।୯**

ୟୁକ୍ରେନ୍ ରାଜଧାନୀ କିଭ୍‌ରେ ରୁଷିଆ ରବିବାର ସବୁଠୁ ବଡ଼ ଆକ୍ରମଣ କରିଛି। ଯୁଦ୍ଧ ଆରମ୍ଭ ଦିନରୁ ଏଭଳି ବଡ଼ ଏୟାରଷ୍ଟ୍ରାଇକ୍ କେବେ ହୋଇ ନ ଥିଲା। ଏଥିରେ ଜଣେ ଶିଶୁଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୮ ଜଣ ଆହତ ହୋଇଛନ୍ତି। କେନ୍ଦ୍ରୀୟ କିଭ୍‌ରେ ୟୁକ୍ରେନ୍ କ୍ୟାବିନେଟ ଥିବା ସରକାରୀ ବିଲ୍ଡିଂ ଉପରେ ରୁଷିଆ ସୈନ୍ୟ ଆକ୍ରମଣ କରିବାରୁ ସେଠାରେ ନିଆଁ ଲାଗିଯାଇଛି। କ୍ୟାବିନେଟ୍ ବିଲ୍ଡିଂର ଉପର ମହଲାରୁ ଘନ କଳାଧୂଆଁର କୁଣ୍ଡଳୀ ଉଠୁଥିବା ଦେଖିବାକୁ ମିଳିଛି। ଏହାର ଜବାବରେ ୟୁକ୍ରେନ୍ ବ୍ରାୟାନ୍‌ସ୍କ ଅଞ୍ଚଳରେ ଥିବା ରୁଷିଆର ଡ୍ରୁଝ୍‌ବା ତୈଳ ପାଇପ୍ ଲାଇନ ଉପରେ ଆକ୍ରମଣ କରିଛି।

କିଭ୍‌କୁ ଲକ୍ଷ୍ୟ କରି ରୁଷିଆ ୮୦୫ଟି ଡ୍ରୋନ୍ ଏବଂ ୧୩ଟି ମିଶାଇଲ୍ ଛାଡ଼ିଥିବାବେଳେ ୟୁକ୍ରେନ୍ ସେଥିରୁ ୭୪୭ଟି ଡ୍ରୋନ୍ ଏବଂ ୪ଟି ମିଶାଇଲକୁ ଖସାଇଦେଇଛି। ଅବଶିଷ୍ଟ ୫୬ଟି ଡ୍ରୋନ୍ ଏବଂ ୯ଟି ମିଶାଇଲ୍ ୟୁକ୍ରେନ୍‌ର ୩୭ଟି ସ୍ଥାନରେ ମାଡ଼ ହୋଇଛି। ସୂଚନାଯୋଗ୍ୟ, ମସ୍କୋ ଏପର୍ଯ୍ୟନ୍ତ କେବେ କିଭ୍‌ର ସରକାରୀ ବିଲ୍ଡିଂକୁ ଟାର୍ଗେଟ କରି ନ ଥିବାବେଳେ ପ୍ରଥମ ଥର ଏଭଳି ଆକ୍ରମଣ କରିଛି। କ୍ୟାବିନେଟ୍ ବିଲ୍ଡିଂରେ ୟୁକ୍ରେନ୍ ମନ୍ତ୍ରୀମାନଙ୍କ କାର୍ଯ୍ୟାଳୟ ରହିଛି। ନିଆଁ ଲିଭାଇବା ଓ ଆହତମାନଙ୍କୁ ନେବା ପାଇଁ ଦମକଳ ଗାଡ଼ି ଓ ଆମ୍ବୁଲାନ୍ସ ଉକ୍ତ ବିଲ୍ଡିଂ ନିକଟରେ ପହଞ୍ଚିଥିବାବେଳେ ବାହାର ଲୋକଙ୍କ ପ୍ରବେଶକୁ ରୋକାଯାଇଛି। ପ୍ରଥମ ଥର ପାଇଁ ଶତ୍ରୁପକ୍ଷର ଆକ୍ରମଣରେ ସରକାରୀ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍ ପ୍ରଧାନମନ୍ତ୍ରୀ ୟୁଲିଆ ସ୍ୱିରିଡେଙ୍କୋ କହିଛନ୍ତି। ଏଭଳି ଧ୍ୱଂସର ଜବାବ ବିଶ୍ୱ କଥାରେ ନୁହେଁ କାମରେ ଦେବା ଜରୁରୀ। ରୁଷିଆ ତୈଳ ଓ ଗ୍ୟାସ୍ ବିରୋଧରେ କଟକଣାକୁ ଆହୁରି ବଢ଼ାଇବା ଆବଶ୍ୟକ ବୋଲି ସ୍ୱିରିଡେଙ୍କୋ କହିଛନ୍ତି।

ୟୁକ୍ରେନ୍ ଯୁଦ୍ଧ ଥମିବାର ନାଁ ନେଉନାହିଁ। ଶାନ୍ତି ଆଲୋଚନା ଆଶା ମଧ୍ୟ ମଉଳିବାରେ ଲାଗିଛି। ୨ ସପ୍ତାହ ମଧ୍ୟରେ କିଭ୍‌କୁ ଟାର୍ଗେଟ କରି ରୁଷିଆ ଦୁଇଥର ବଡ଼ ଆକ୍ରମଣ କଲାଣି। ଯୁଦ୍ଧ ବନ୍ଦ ହେବା ପରେ କ୍ଷତିଗ୍ରସ୍ତ ଅଞ୍ଚଳରେ 'ରିଆସୁରାନ୍ସ ଫୋର୍ସ' ଭାବେ ୟୁକ୍ରେନ୍‌ର ୨୬ ସହଯୋଗୀ ଦେଶ ସୈନ୍ୟ ମୁତୟନ କରିବେ ବୋଲି କିଛିଦିନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ଯୁଦ୍ଧ ବନ୍ଦ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ସେମାନେ ଚାପ ପକାଇଥିଲେ।

## ୮୦୫ ଡ୍ରୋନ୍ ସହ ମସ୍କୋର ସବୁଠୁ ବଡ଼ ଆକ୍ରମଣ



# ପଞ୍ଜାବ ବନ୍ୟାରେ ୧୩,୨୮୯ କୋଟି କ୍ଷତି

## ୯ରେ ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ ପ୍ରଧାନମନ୍ତ୍ରୀ

**ଚଣ୍ଡିଗଡ଼,୭।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୯ରେ ପଞ୍ଜାବ ଗସ୍ତ କରି ବନ୍ୟା ସ୍ଥିତିର ସମୀକ୍ଷା କରିବେ। ସେ ଆକାଶ ମାର୍ଗରୁ ପଞ୍ଜାବର ସୀମାନ୍ତ ଜିଲାଗୁଡ଼ିକ ସମେତ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକର ସର୍ଭେ କରିବେ। ପ୍ରଧାନମନ୍ତ୍ରୀଙ୍କ ପଞ୍ଜାବ ଗସ୍ତ ନେଇ ସରକାରୀ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି ଏବଂ ଏହା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ନେଇ ପଞ୍ଜାବ ଭାଜପା ସଭାପତି ସୁନୀଲ ଝାକର ସୂଚନା ଦେଇଛନ୍ତି। ଏହାସହ ସେ ପଡ଼ୋଶୀ ହିମାଚଳ ପ୍ରଦେଶକୁ ମଧ୍ୟ ଗସ୍ତ କରିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ତେବେ ବନ୍ୟା ଯୋଗୁ ପଞ୍ଜାବକୁ ୧୩ ହଜାର ୨୮୯ କୋଟି ଟଙ୍କାର କ୍ଷତି ହୋଇଥିବା ନେଇ ରାଜ୍ୟ ସରକାର ଆକଳନ କରିଛନ୍ତି। ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତ ବିଭାଗ ସହ ଜଡ଼ିତ ଭିତ୍ତିଭୂମି କ୍ଷେତ୍ରରେ ସର୍ବାଧିକ ୫,୦୪୩ କୋଟି ଟଙ୍କାର କ୍ଷତି ହୋଇଥିବାବେଳେ ୧,୮୫୮ କୋଟି ଟଙ୍କାର ଫସଲ ନଷ୍ଟ, ଏବଂ ୧,୫୨୦ କୋଟି ଟଙ୍କାର ଜଳ ଯୋଗାଣ କ୍ଷତି ହୋଇଥିବା ନେଇ ରାଜ୍ୟ ସରକାର ଆକଳନ କରିଛନ୍ତି। ରାଜ୍ୟର ମଣ୍ଡି ବୋର୍ଡ ଗୁଡ଼ିକୁ ୧,୦୨୨ କୋଟି ଟଙ୍କା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରକୁ ୭୮୦ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିବା ନେଇ ଆକଳନ ହୋଇଛି। ସେହିପରି କୃଷି କ୍ଷେତ୍ରକୁ ୩୧୭ କୋଟି, ଶିକ୍ଷା କ୍ଷେତ୍ରକୁ ୫୪୨ କୋଟି ଏବଂ ଶକ୍ତି କ୍ଷେତ୍ରକୁ ୧୦୩ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏନେଇ ରାଜ୍ୟର ଅଧିକାରୀମାନେ କେନ୍ଦ୍ରୀୟ ଦଳଗୁଡ଼ିକୁ ରିପୋର୍ଟ ପ୍ରଦାନ କରିଛନ୍ତି। ତେଣୁ ଏହି କ୍ଷତିପୂରଣ ପାଇଁ ପଞ୍ଜାବ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ରିଲିଫ୍ ପ୍ୟାକେଜ୍ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇ ଆସୁଛି।

# ଅନୁପର୍ଣ୍ଣା ରଏ ଶ୍ରେଷ୍ଠ ନିର୍ଦ୍ଦେଶିକା

**ନୂଆଦିଲ୍ଲୀ, ୭।୯ (ପି.ଟି.)**

ଭେନିସ୍ ଫିଲ୍ମ ଫେଷ୍ଟିଭାଲର ୮୨ତମ ସଂସ୍କରଣରେ ଭାରତୀୟ ଫିଲ୍ମ ନିର୍ମାତା ଅନୁପର୍ଣ୍ଣା ରଏ ଇତିହାସ ରଚିଛନ୍ତି। ସେ ତାଙ୍କ ଫିଲ୍ମ 'ସଙ୍ଗସ୍ ଅଫ୍ ଫର୍‌ଗଟେନ୍ ଟ୍ରିସ୍' ପାଇଁ ଓରିଜୋଣ୍ଟି ସେକ୍ସନରେ ଶ୍ରେଷ୍ଠ ନିର୍ଦ୍ଦେଶିକା ଭାବେ ପୁରସ୍କାର ଜିତିଛନ୍ତି। ସାଧାରଣତଃ ଯୁବ ପ୍ରତିଭା, ଡେବ୍ୟୁ କରୁଥିବା କଳାକାର, ସ୍ୱଦେଶୀ ଫିଚର, ନୂତନ ଟ୍ରେଣ୍ଡଙ୍କୁ ଦର୍ଶାଉଥିବା ଚଳଚ୍ଚିତ୍ରଗୁଡ଼ିକୁ ଓରିଜୋଣ୍ଟି ପ୍ରତିଯୋଗିତା ସେକ୍ସନରେ ସ୍ଥାନିତ କରାଯାଇଥାଏ। ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବେ ଏହି ବିଭାଗରେ ଅନୁପର୍ଣ୍ଣା ସମ୍ମାନିତ ହୋଇଛନ୍ତି।

ମୁମ୍ବାଇରେ ୨ ପ୍ରବାସୀ ମହିଳାଙ୍କ ଦୈନନ୍ଦିନ ଜୀବନକୁ ନେଇ 'ସଙ୍ଗସ୍ ଅଫ୍ ଫର୍‌ଗଟେନ୍ ଟ୍ରିସ୍' ଫିଲ୍ମ ଆଧାରିତ। ଅନୁରାଗ କଶ୍ୟପ ଏହି ଫିଲ୍ମର ପ୍ରୋଯୋଜକ ଅଛନ୍ତି। ଶନିବାର ଆୟୋଜିତ ଉତ୍ସବରେ ଭେନିସ୍ ଫିଲ୍ମ ଫେଷ୍ଟିଭାଲ ଓରିଜୋଣ୍ଟି ଜୁରିର ଅଧ୍ୟକ୍ଷ ତଥା ଫରାସୀ ଫିଲ୍ମ ନିର୍ମାତା ଜୁଲିଆ ଡକ୍ୟୁର୍ନୁ ଅନୁପର୍ଣ୍ଣାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଭେନିସ୍ ଫିଲ୍ମ ଫେଷ୍ଟିଭାଲ



# ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଏନ୍‌ଡିଏର କର୍ମଶାଳା

- ପଛ ଧାଡ଼ିରେ ବସିଲେ ପ୍ରଧାନମନ୍ତ୍ରୀ
- ଆଜି ବିରୋଧୀ ଏମ୍‌ପିଙ୍କ ମକ୍ ପୋଲ୍

**ନୂଆଦିଲ୍ଲୀ,୭।୯**

ଉପରାଷ୍ଟ୍ରପତି ନିର୍ବାଚନ ମଙ୍ଗଳବାର ହେବାକୁ ଥିବାବେଳେ ଏଥିପାଇଁ ଶାସକ ଓ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ତତ୍ପରତା ଦେଖାଦେଇଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ଏମ୍‌ପିମାନେ ଶକ୍ତିପ୍ରଦର୍ଶନ ପାଇଁ ରବିବାରଠାରୁ ୨ ଦିନିଆ କର୍ମଶାଳାରେ ଏକାଠି ହୋଇଛନ୍ତି। ପାର୍ଲାମେଣ୍ଟ କମ୍ପ୍ଲେକ୍ସର ଜିଏମ୍‌ସି ବାଲଯୋଗୀ ଅଡିଟୋରିୟମ୍‌ରେ ଆୟୋଜିତ କର୍ମଶାଳାରେ ଯୋଗ ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଛ ଧାଡ଼ିରେ ବସିଥିବା ଦେଖାଯାଇଛି। ସେହିପରି ବିରୋଧୀ ଏମ୍‌ପିମାନେ ସୋମବାର ଏକାଠି ହୋଇ ମକ୍ ପୋଲ୍‌ରେ ଭାଗନେବେ। ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବା ପ୍ରକ୍ରିୟା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯିବ। କଂଗ୍ରେସ ଅଧ୍ୟକ୍ଷ ସୋମବାର ସନ୍ଧ୍ୟାରେ ବିରୋଧୀ ଏମ୍‌ପିମାନଙ୍କ ପାଇଁ ଏକ ନୈଶଭୋଜିର ଆୟୋଜନ କରିଥିବା ଇଣ୍ଡିଆ ବ୍ଲକ୍ ସୂତ୍ରରୁ କୁହାଯାଇଛି। ସୋମବାର ଅପରାହ୍ନ ୨ଟା ୩୦ ମିନିଟ୍ ସମୟରେ ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲ୍‌ରେ ମକ୍ ପୋଲ୍ ଅନୁଷ୍ଠିତ ହେବ। ୯ ତାରିଖରେ ଶାସକ ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ଏବଂ ବିରୋଧୀ ଦଳଗୁଡ଼ିକର ମିଳିତ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହେବାକୁ ଯାଉଛି। ଶାସକ ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ସଂଖ୍ୟା ରହିଥିବାବେଳେ ଏହାକୁ ଏକ ଆଦର୍ଶଗତ ଲଢ଼େଇ ବୋଲି ବିରୋଧୀ କହିଛନ୍ତି।




ଏନ୍‌ଡିଏ କର୍ମଶାଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ୟ ଏମ୍‌ପିମାନଙ୍କ ସହ ପଛ ଆସନରେ ବସିଛନ୍ତି।

## ଫୁରସତ

# ସମୁଦ୍ର ଭିତରେ ଗର୍ଲଫ୍ରେଣ୍ଡଙ୍କୁ ପ୍ରପୋଜ

**ମସ୍କୋ:** ସମ୍ପ୍ରତି ପ୍ରେମୀଯୁଗଳ ପରସ୍ପରକୁ ପ୍ରପୋଜ କରିବାର ବିଭିନ୍ନ ନୂତନ ପନ୍ଥା ଆପଣାଉଛନ୍ତି। କେତେଜଣ ସାର୍ବଜନୀନ ସ୍ଥାନରେ ପ୍ରପୋଜ କରିବାକୁ ପସନ୍ଦ କରନ୍ତି ତ ଆଉ କେତେଜଣ ବ୍ୟକ୍ତିଗତ ଭାବେ ନିଜ ପ୍ରେମୀଙ୍କୁ ପ୍ରପୋଜ କରିବାକୁ ପସନ୍ଦ କରିଥାନ୍ତି। ନିକଟରେ ରୁଷିଆର କ୍ରାସ୍‌ନୋୟାର୍ସ୍କ ବାସିନ୍ଦା ତଥା ଯୁବ ଡାଇଭର ଡାନିଲ (୨୧) ତାଙ୍କ ଗର୍ଲଫ୍ରେଣ୍ଡ ନାସ୍ତ୍ୟା (୨୧)ଙ୍କୁ ଏକ ନିଆରା ଉପାୟରେ ପ୍ରପୋଜ୍ କରିଛନ୍ତି। ନିକଟରେ ପୂର୍ବ ୟୁରୋପର କ୍ରିମେଆ ଉପଦ୍ୱୀପସ୍ଥିତ ବ୍ଲାକ ସି'ର କେପ୍ ତାର୍ଖାନକୁଟ ଉପକୂଳରେ ଡାନିଲ ଗର୍ଲଫ୍ରେଣ୍ଡ ନାସ୍ତ୍ୟାଙ୍କ ସହ ମିଶି ଡାଇଭିଂ କରିଥିଲେ। ଏହା ନାସ୍ତ୍ୟାଙ୍କର ପ୍ରଥମ ଡାଇଭ ଥିଲା। ତେବେ ଏହି ଡାଇଭରେ ନାସ୍ତ୍ୟାଙ୍କୁ ପ୍ରପୋଜ କରି ଡାନିଲ ଏହାକୁ ଏକ ସ୍ମରଣୀୟ ଅଭିଜ୍ଞତାରେ ପରିଣତ କରିଥିଲେ।

ସମୁଦ୍ର ମଧ୍ୟରେ ନାସ୍ତ୍ୟା ପଥୁରିଆ ସମୁଦ୍ର ଭୂମିକୁ ଅନୁଧ୍ୟାନ କରୁଥିଲେ। ଏହି ସମୟରେ ପଛକୁ ଚାହିଁବା ମାତ୍ରେ ସେ ଡାନିଲଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଡାନିଲ୍ ତାଙ୍କ ନିକଟରେ ହାତରେ ଏକ ଖୋଲା ରିଙ୍ଗ୍ ବାକ୍ସ ଧରି ପହଁଚୁଥିଲେ। ଡାନିଲ୍ ଧୀରେ ଧୀରେ ନାସ୍ତ୍ୟାଙ୍କ ଆଙ୍ଗୁଠିରେ ରିଙ୍ଗ୍‌ଟିକୁ ପିନ୍ଧାଇଥିଲେ ଓ ତାଙ୍କୁ ପ୍ରପୋଜ କରିଥିଲେ। ଡାନିଲଙ୍କ ପ୍ରପୋଜକୁ ନାସ୍ତ୍ୟା ସ୍ୱୀକାର କରିଥିଲେ ଓ ଉଭୟ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏହା ତାଙ୍କ ଖୁସିର ସବୁ ସୀମାକୁ ପାର୍ କରିଥିଲା ବୋଲି ନାସ୍ତ୍ୟା କହିଛନ୍ତି। ସମୁଦ୍ରର ନୀରବତା ଏହି ମୁହୂର୍ତ୍ତକୁ ଆହୁରି ଯାଦୁକରୀ କରିଥିଲା। ଏହି ବିଶେଷ ମୁହୂର୍ତ୍ତ ସବୁଦିନ ପାଇଁ ସେମାନଙ୍କ ସ୍ମୃତିରେ କଏଦ୍ ହୋଇ ରହିବ ବୋଲି ଏହି ପ୍ରେମୀ ଯୁଗଳ କହିଛନ୍ତି। ଡାନିଲ୍ ଏବଂ ନାସ୍ତ୍ୟା ୩ ବର୍ଷ ଧରି ପରସ୍ପରକୁ ଡେଟ୍ କରି ଆସୁଛନ୍ତି ଏବଂ ଗ୍ରୀଷ୍ମ ଋତୁରେ କାମ କରିବା ପାଇଁ ସେମାନେ ସାଧାରଣତଃ କ୍ରିମେଆ ଆସିଥାନ୍ତି। ସମୁଦ୍ର ପ୍ରତି ଉଭୟଙ୍କର ଖୁବ୍ ଆକର୍ଷଣ ରହିଛି। ଭବିଷ୍ୟତରେ ସମୁଦ୍ର ଉପକୂଳ ନିକଟରେ ବସତି ସ୍ଥାପନ କରିବାକୁ ଏହି ପ୍ରେମୀଯୁଗଳ ଲକ୍ଷ୍ୟ ରଖିଛନ୍ତି।



# ଅଲ୍ଲୁ ଶ୍ରେଷ୍ଠ ଅଭିନେତା, ରଶ୍ମିକା ଶ୍ରେଷ୍ଠ ଅଭିନେତ୍ରୀ

## ଏସ୍‌ଆଇଆଇଏମ୍‌ଏ ଆୱାର୍ଡ-୨୦୨୫

**ଦୁବାଇ:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରେ ଶନିବାର ସାଉଥ୍ ଇଣ୍ଡିଆନ୍ ଇଣ୍ଟରନ୍ୟାଶନାଲ ମୁଭି ଆୱାର୍ଡ୍ସ (ଏସ୍‌ଆଇଆଇଏମ୍‌ଏ) ୨୦୨୫ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ତେଲୁଗୁ, କନ୍ନଡ଼, ତାମିଲ ଏବଂ ମାଲୟାଲମ ଫିଲ୍ମ ଇଣ୍ଡଷ୍ଟ୍ରିରେ ଦକ୍ଷତା ପ୍ରତିପାଦନ କରିଥିବା କଳାକାରମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରାଯାଇଛି। ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ 'ପୁଷ୍ପା ୨: ଦି ରୁଲ୍'ର ଜଲୱା ଦେଖିବାକୁ ମିଳିଛି। ଏହି ଫିଲ୍ମକୁ ଏକାଧିକ ଆୱାର୍ଡ ମିଳିଛି। ଫିଲ୍ମ ପାଇଁ ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ସମ୍ମାନିତ କରାଯାଇଛି। ସେହିପରି ଏହି ଫିଲ୍ମ ପାଇଁ ନିର୍ଦ୍ଦେଶକ ସୁକୁମାର ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଛନ୍ତି। 'କଲ୍‌କୀ ୨୮୯୮ ଏଡି' ଫିଲ୍ମକୁ ମଧ୍ୟ ଏକାଧିକ ଆୱାର୍ଡ ମିଳିଛି। ଶ୍ରେଷ୍ଠ ତେଲୁଗୁ ଫିଲ୍ମ ଭାବେ ଏହି ଫିଲ୍ମ ସମ୍ମାନିତ ହୋଇଛି। ସେହିପରି ଏହି ଫିଲ୍ମ ପାଇଁ ଅଭିନେତା କମଲ ହାସନଙ୍କୁ ଶ୍ରେଷ୍ଠ ଖଳନାୟକ ଓ ଅଭିନେତା ଅମିତାଭ ବଚ୍ଚନଙ୍କୁ ଶ୍ରେଷ୍ଠ ସହ ଅଭିନେତା ଭାବେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ କନ୍ନଡ଼, ତାମିଲ ଏବଂ ମାଲୟାଲମ ଫିଲ୍ମ ଇଣ୍ଡଷ୍ଟ୍ରିରେ ମଧ୍ୟ ଦକ୍ଷତା ପ୍ରତିପାଦନ କରିଥିବା କଳାକାରମାନଙ୍କୁ ବିଭିନ୍ନ ଶ୍ରେଣୀରେ ସମ୍ମାନିତ କରାଯାଇଛି।



# ସମାଲୋଚନାକୁ ଭୟ କଲେ ପରିବର୍ତ୍ତନ ଅସମ୍ଭବ: ତଥାଗତ

**ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍**

ଛୋଟ ଗଛ ଲଗାଇବା ସହ ବଡ଼ ଗଛର ସୁରକ୍ଷା ଜରୁରୀ- **ଆଦ୍ୟାଶା ସତପଥୀ**




କେନ୍ଦୁଝର ଜିଲା ଆନନ୍ଦପୁରସ୍ଥିତ ଫକୀରପୁର ସିଟି ସ୍କୁଲ ପରିସରରେ ରବିବାର ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍‌ରେ ଉପସ୍ଥିତ (ବାମରୁ) ଆନନ୍ଦପୁର ଆଞ୍ଚଳିକ ଟ୍ରେନିଂ କଲେଜର ସହକାରୀ ପ୍ରଫେସର ଡ. ସବିତା ଜେନା, ପରିବେଶବିତ୍ ବୈଲୋଚନ ସୂତାର, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଫକୀରପୁର ସିଟି ସ୍କୁଲର ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ ଏବଂ ପରିବେଶବିତ୍ ସରୋଜ କୁମାର ସାହୁ।

ଘସିପୁରା/ଆନନ୍ଦପୁର,୭।୯ (ନିରଞ୍ଜନ ସାହୁ/ସୁଶାନ୍ତ କୁମାର ସାହୁ)

ସମାଲୋଚନାକୁ ଭୟ କରି ପଦକ୍ଷେପ ଗ୍ରହଣ କରା ନ ଗଲେ ପରିବର୍ତ୍ତନ ଅସମ୍ଭବ। ଏହା ସବୁ କ୍ଷେତ୍ରରେ ପ୍ରଯୁଜ୍ୟ। ଜଣେ ଗଛଟିଏ ଲଗାଉଛି, ଅନ୍ୟ ଜଣେ କହୁଛି କାହିଁକି ଲଗାଉଛୁ, ତାହାକୁ ଅଣଦେଖା କରି ଆଗକୁ ବଢ଼ିବା ସମାଜ ପାଇଁ ମଙ୍ଗଳ। ଯେମିତି ସୁସ୍ଥ ପ୍ରଶାସନିକ ବ୍ୟବସ୍ଥାରେ ନିଆଯାଉଥିବା କୌଣସି ଉତ୍ତମ ପଦକ୍ଷେପକୁ ଯଦି କେହି ସମାଲୋଚନା କରେ ତାକୁ ଅଣଦେଖା କରି ଆଗକୁ ବଢ଼ିବା ବୁଦ୍ଧିମାନ୍‌ର କାମ ହେବା ଆବଶ୍ୟକ। ତା'ହେଲେ ସମାଜର ବିକାଶ ସମ୍ଭବ। କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଫକୀରପୁରର ସିଟି ସ୍କୁଲ ପରିସରରେ ରବିବାର ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନକ୍ଲେଭ୍‌ରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ସମବେତ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ।

ନିଜ ବକ୍ତବ୍ୟରେ ତଥାଗତ ଆହୁରି କହିଥିଲେ, ରାଜନୀତିଠାରୁ ଦୂରେଇ ରହି 'ଆନିମଲ୍-ମ୍ୟାନ୍' ଓ 'ମାଟି କଥା' ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରଖି କାମ କରୁଛନ୍ତି। ଏଥିସହ କଥା ଛଳରେ ତ୍ରୁଟିଗତ ପ୍ରଶାସନିକ ବ୍ୟବସ୍ଥାକୁ କଡ଼ା ସମାଲୋଚନା କରି ରାସ୍ତା ନିର୍ମାଣ ଆଳରେ ଗଛ କଟା ଚାଲିଥିବ, ଶେଷରେ ରାସ୍ତା ରହିଥିବ ମଣିଷ ନ ଥିବ। ଏହିଭଳି ବ୍ୟବସ୍ଥାରେ ସୁଧାର ଆସିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ ପରିବେଶର ସୁରକ୍ଷା ଦାୟିତ୍ୱ ଯୁବପିଢ଼ିଙ୍କ ଉପରେ ନିର୍ଭର କରୁଛି। ଛୋଟ ଛୋଟ ଗଛ ଲଗାଇ ପରିବେଶକୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଥିବା ବ୍ୟକ୍ତିବିଶେଷ ବଡ଼ ବଡ଼ ଗଛର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଲେ ପରିବେଶର ସନ୍ତୁଳନ ସହଜରେ ହୋଇପାରନ୍ତା ବୋଲି ପ୍ରକାଶ କରିଥିଲେ। ଏପରିକି ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା, ଜଙ୍ଗଲରୁ ଗଛ ଧ୍ୱଂସ ହେବାକୁ ଦିଆ ନ ଯିବା ଦିଗରେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଫକୀରପୁର ସିଟି ସ୍କୁଲର ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ, ଆନନ୍ଦପୁର ଆଞ୍ଚଳିକ ଟ୍ରେନିଂ କଲେଜର ସହକାରୀ ପ୍ରଫେସର ଡ. ସବିତା ଜେନା, ପରିବେଶବିତ୍ ବୈଲୋଚନ ସୂତାର, ସରୋଜ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଧରିତ୍ରୀର ସହଯୋଗରେ ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନକ୍ଲେଭ୍ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏଥିସହିତ ଉପସ୍ଥିତ ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦେବା ସହିତ ପୃଥିବୀକୁ ବିପର୍ଯ୍ୟୟରୁ ମୁକ୍ତ କରିବାକୁ ଉଦ୍ୟମ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ବର୍ତ୍ତମାନ ପରିବେଶର ଯେଉଁ ପ୍ରଭାବ ରହିଛି, ଏହା କ'ଣ ପାଇଁ ଏବଂ ଏହାର ନିରାକରଣ କିପରି କରାଯାଇପାରିବ ଏ ନେଇ ସଭାରେ ପରିବେଶବିତ୍ ନିରଞ୍ଜନ ସାହୁ, ଚନ୍ଦନ କୁମାର ପଣ୍ଡା, ସର୍ବେଶ୍ୱର ଦଲେଇ, ଶୁଭସ୍ମିତା ମିଶ୍ର, କାଉନ୍‌ସିଲର ସନତ କର, ସୁରେନ୍ଦ୍ର ଦାସ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ। କେନ୍ଦୁଝର ଜିଲାର ବିଭିନ୍ନ ପ୍ରାନ୍ତରୁ ଅନେକ ମହିଳା, ପୁରୁଷ ପରିବେଶବିତ୍ କିପରି ନିଜର ନିତିଦିନ କାର୍ଯ୍ୟରୁ ପରିବେଶ ସମ୍ବନ୍ଧୀୟ କାର୍ଯ୍ୟ କରିପାରିବେ ଏହି ପ୍ରସଙ୍ଗରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ପରିବେଶବିତ୍ ତ୍ରିଲୋଚନ ସାହୁ ସଂଯୋଜନା କରିଥିବା ବେଳେ ପ୍ରାରମ୍ଭରେ ସାମାଜିକକର୍ମୀ ଅନିଲ ସାହୁ ଅତିଥିଙ୍କୁ ସଭାକୁ ନିମନ୍ତ୍ରଣ କରିଥିଲେ। ମା' ତାରିଣୀଙ୍କ ଫଟୋଚିତ୍ର ନିକଟରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରିବେଶବିତ୍ ବଳଦେବ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଯୁବପିଢ଼ି, ପରିବେଶବିତ୍, ସଚେତନ ନାଗରିକ ଯୋଗଦେଇଥିଲେ। ଶେଷରେ ଫକୀରପୁର ସିଟି ସ୍କୁଲ ପରିସରରେ ଅତିଥିଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା।

## ଡିଜିଟାଲ ସାକ୍ଷରତା ପ୍ରୋତ୍ସାହିତ କରିବାକୁ ଆହ୍ୱାନ

ଭୁବନେଶ୍ୱର,୭।୯(ସୁଚିସ୍ମିତା ସାହୁ)

**ଆଜି 'ଅନ୍ତର୍ଜାତୀୟ ସାକ୍ଷରତା ଦିବସ'**



ଦେଶ ତଥା ରାଜ୍ୟର ଆର୍ଥିକ ପ୍ରଗତି ସହିତ ସାମାଜିକ ବିକାଶ ଏବଂ ବ୍ୟକ୍ତିଗତ ଉନ୍ନତି ପାଇଁ ଶିକ୍ଷା ଅତ୍ୟନ୍ତ ଜରୁରୀ। ଶିକ୍ଷା କେବଳ ଜଣେ ବ୍ୟକ୍ତିର ମୌଳିକ ଅଧିକାର ନୁହେଁ, ସମାଜରୁ ଦାରିଦ୍ର୍ୟ ଓ ଅସମାନତା ଦୂର କରିବାରେ ସହାୟକ ହୁଏ। ତେଣୁ ସାକ୍ଷରତା ହାର ବୃଦ୍ଧି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ସହ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଶିକ୍ଷା ପ୍ରତି ସମସ୍ତଙ୍କ ମନରେ ଆଗ୍ରହ ଓ ଉତ୍ସାହ ଜାଗ୍ରତ କରିବା ଏବଂ ଶିକ୍ଷାର ମହତ୍ତ୍ୱ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୮କୁ 'ଅନ୍ତର୍ଜାତୀୟ ସାକ୍ଷରତା ଦିବସ' ଭାବେ ପାଳନ କରାଯାଉଛି। ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ପକ୍ଷରୁ ୭ ନଭେମ୍ବର ୧୯୬୫ରେ ଏହା ଘୋଷଣା କରାଯାଇଥିବାବେଳେ ୧୯୬୬ ମସିହାରୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଇ ଆସୁଛି। ତେବେ ଚଳିତବର୍ଷର ଥିମ୍ ରହିଛି 'ଡିଜିଟାଲ ଯୁଗରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା'। ଡିଜିଟାଲ ମାଧ୍ୟମରେ ପାଠପଢ଼ିବା ବା ଡିଜିଟାଲି ଶିକ୍ଷିତ ହେଲେ ସ୍ଥାୟୀ ବିକାଶର ଲକ୍ଷ୍ୟ ପୂରଣ ହେବା ସହ ଶାନ୍ତିପୂର୍ଣ୍ଣ, ନ୍ୟାୟ ଏବଂ ସ୍ଥାୟୀ ସମାଜ ଗଠନ ହେବ ବୋଲି ଆହ୍ୱାନ ଦିଆଯାଇଛି।

୨୦୧୧ ଜନଗଣନା ଅନୁଯାୟୀ, ଭାରତରେ ସାକ୍ଷରତା ହାର ୭୪.୦୪% ରହିଥିଲା। ହେଲେ ଏ କ୍ଷେତ୍ରରେ ମହିଳା ଏବଂ ପୁରୁଷଙ୍କ ମଧ୍ୟରେ ବହୁ ପାର୍ଥକ୍ୟ ରହିଥିଲା। ମହିଳାଙ୍କ ସାକ୍ଷରତା ହାର ୬୫.୪୬ ରହିଥିବା ବେଳେ ପୁରୁଷଙ୍କ ହାର ୮୨.୧୪ ଥିଲା। ହେଲେ ସରକାରଙ୍କ ଦୀର୍ଘସ୍ଥାୟୀ ଯୋଜନା ଓ ପଦକ୍ଷେପ ଦ୍ୱାରା ଭାରତ ସମେତ ଓଡ଼ିଶାରେ ସାକ୍ଷରତା ହାର ବଢ଼ି ଚାଲିଛି। ଏଥିସହ ପୁରୁଷ ଓ ମହିଳାଙ୍କ ସାକ୍ଷରତା ହାର ବ୍ୟବଧାନ ମଧ୍ୟ କମିବାରେ ଲାଗିଛି। ପିରିୟଡିକ୍ ଲେବର ଫୋର୍ସ ସର୍ଭେ ୨୦୨୩-୨୪ ରିପୋର୍ଟ ଅନୁସାରେ, ଏବେ ଭାରତର ସାମଗ୍ରିକ ସାକ୍ଷରିତ ହାର ୮୦.୯%କୁ ବୃଦ୍ଧି ପାଇଛି। ତେବେ ସହରାଞ୍ଚଳରେ ୯୦% ରହିଥିବା ବେଳେ ଗ୍ରାମାଞ୍ଚଳରେ ୭୭% ରହିଛି। ସେହିପରି ପୁରୁଷଙ୍କ ସାକ୍ଷରତା ହାର ୮୮% ରହିଥିବା ବେଳେ ମହିଳାଙ୍କ ସାକ୍ଷରତା ହାର ୮୧% ରହିଛି।

# କଂଗ୍ରେସ ଜନତାଙ୍କ ଏକମାତ୍ର ବିକଳ୍ପ: ଭକ୍ତ

## ସଙ୍ଗଠନ ସୃଜନ କଂଗ୍ରେସର ଗଣତାନ୍ତ୍ରିକ ମୂଲ୍ୟବୋଧର ପରିଚୟ

ଭୁବନେଶ୍ୱର,୭।୯(ରବିନାରାୟଣ ଜେନା)



ଭକ୍ତ ଚରଣ ଦାସ

କଂଗ୍ରେସ ସବୁବେଳେ ଗଣତନ୍ତ୍ର, ସମ୍ବିଧାନ ଏବଂ ଲୋକଙ୍କ ଅଧିକାର ଉପରେ ଅଗ୍ରାଧିକାର ଦେଇଆସିଛି। କଂଗ୍ରେସ କେବଳ ଗଣତନ୍ତ୍ରର ଭାଷଣ ଦିଏ ନାହିଁ, ବରଂ ଗଣତାନ୍ତ୍ରିକ ଉପାୟରେ ନିଜ ଦଳକୁ ନିର୍ମାଣ କରିବାରେ ବିଶ୍ୱାସ କରେ। ଆଗାମୀ ଦିନରେ କଂଗ୍ରେସ ହିଁ ଲୋକଙ୍କ ଏକମାତ୍ର ବିକଳ୍ପ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ରବିବାର ଭକ୍ତ ଗଣମାଧ୍ୟମକୁ କହିଛନ୍ତି, ଦେଶରେ ସମ୍ବିଧାନ, ଭୋଟ ଚୋରି, ନାରୀଙ୍କୁ ନ୍ୟାୟ ଆଦି ବିଷୟକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜନତାଙ୍କ ପାଖକୁ ଯାଉଛନ୍ତି। ଓଡ଼ିଶାରେ ମଧ୍ୟ ରାହୁଲଙ୍କ ବାର୍ତ୍ତା ଯେଭଳି ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ଆବଶ୍ୟକ ସମସ୍ତ ପ୍ରୟାସ କରୁଛୁ। ରାହୁଲଙ୍କ ପ୍ରୟାସ ବର୍ତ୍ତମାନ ଏକ ଜନ ଜାଗରଣର ରୂପ ନେବାକୁ ବସିଲାଣି। ସଙ୍ଗଠନ ସୃଜନ ଅଭିଯାନ ରାହୁଲଙ୍କ ଏକ ଅନନ୍ୟ ପ୍ରୟାସ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ତୃଣମୂଳସ୍ତରରେ ଜିଲା ସଭାପତି ଚୟନ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଚାଲିଛି। କଂଗ୍ରେସର ୩୫ ଗୋଟି ସାଙ୍ଗଠନିକ ଜିଲା ପାଇଁ ଏଆଇସିସିରୁ ଜଣେ ଏବଂ ପିସିସିରୁ ତିନିଜଣ ଏଭଳି ଚାରିଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଏହି ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ଜିଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ଅପୂର୍ବ ଉତ୍ସାହ ପରିଲକ୍ଷିତ ହେଉଛି, ଯାହା କଂଗ୍ରେସ ଦଳର ଭବିଷ୍ୟତ ପାଇଁ ଅତି ଶୁଭଙ୍କର। ଆଗାମୀ ୧୪ ତାରିଖରେ ସଙ୍ଗଠନ ସୃଜନ କାର୍ଯ୍ୟକ୍ରମର ପରିସମାପ୍ତି ହୋଇ ପ୍ରତ୍ୟେକ ସାଙ୍ଗଠନିକ ଜିଲା ପାଇଁ ସଭାପତି ନିଯୁକ୍ତି ହେବ। ତୃଣମୂଳ ସ୍ତରରେ ଏଭଳି ଗଣତାନ୍ତ୍ରିକ ଉପାୟରେ, ସମସ୍ତ କଂଗ୍ରେସ କର୍ମୀଙ୍କ ମତାମତକୁ ସମ୍ମାନ ଦେଇ ନେତା ଚୟନର ଏତେ ବ୍ୟାପକ କାର୍ଯ୍ୟକ୍ରମ କେବଳ କଂଗ୍ରେସ ଦଳ ପକ୍ଷରେ ହିଁ ସମ୍ଭବ ବୋଲି ଭକ୍ତ କହିଛନ୍ତି।

## ଜଳିଗଲା ୧୦୮ ଆମ୍ବୁଲାନ୍ସ ଇଞ୍ଜିନ୍, ମୃତ୍ୟୁ ସହ ସଂଘର୍ଷ କଲେ ବୃଦ୍ଧା

ପରଜଙ୍ଗ,୭।୯ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ଗେଙ୍ଗୁଟିଆ ଗ୍ରାମକୁ ରବିବାର ପୂର୍ବାହ୍ନରେ ରୋଗୀ ଆଣିବାକୁ ଯାଇଥିବା ୧୦୮ ଆମ୍ବୁଲାନ୍ସରେ ତ୍ରୁଟି ପରିଲକ୍ଷିତ ହୋଇ ଇଞ୍ଜିନ୍ ଜଳି ଯାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଗେଙ୍ଗୁଟିଆ ଗ୍ରାମର ବୃଦ୍ଧା ବାସନ୍ତୀ ବେହେରା(୮୦)ଙ୍କ ସ୍ୱାସ୍ଥ୍ୟ ବସ୍ଥାକୁ ନେଇ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଡାକିଥିଲେ। ଆମ୍ବୁଲାନ୍ସଟି ଅନୁଗୋଳ ଜିଲା ବଅଁରପାଳରୁ ଗେଙ୍ଗୁଟିଆ ଗାଁକୁ ଆସିଥିଲା। ମାତ୍ର ଗାଁରେ ଆମ୍ବୁଲାନ୍ସଟି ଷ୍ଟାର୍ଟ ହୋଇ ନ ଥିଲା। ଫଳରେ ପ୍ରାୟ ୨ ଘଣ୍ଟା ଧରି କର୍ମଚାରୀ ଓ ଗ୍ରାମର କେତେଜଣ ଯୁବକ ମିଶି ଠେଲିଥିଲେ। ହେଲେ ଠେଲିଠେଲି ନୟାନ୍ତ ହୋଇଥିଲେ ମଧ୍ୟ ଆମ୍ବୁଲାନ୍ସଟି ଷ୍ଟାର୍ଟ ହୋଇ ନ ଥିଲା। ଏହାର କିଛି ସମୟ ପରେ ଆମ୍ବୁଲାନ୍ସ ଇଞ୍ଜିନରୁ ଧୂଆଁ ବାହାରିଥିଲା। ଆମ୍ବୁଲାନ୍ସର ଯାନ୍ତ୍ରିକ ତ୍ରୁଟି ଯୋଗୁ ରୋଗୀ ବାସନ୍ତୀ ମୃତ୍ୟୁ ସହ ଲଢେଇ କରୁଥିଲେ। ଗାଡ଼ିଗୁଡ଼ିକ ଠିକ୍ ସମୟରେ ମରାମତି କରାଯାଉ ନ ଥିବାରୁ ଏଭଳି ବାରମ୍ବାର ତ୍ରୁଟି ହେଉଥିବା କର୍ମଚାରୀ କହିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେଲେ ରୋଗୀମାନେ ଉତ୍ତମ ସେବା ପାଇପାରିବେ ବୋଲି ସାଧାରଣରେ ଦାବି ହେଉଛି।

# ଲୋକସେବା ଭବନକୁ ଅନଧିକୃତ ଗସ୍ତ କରିପାରିବେନି ଓଏଏସ୍, ଓଆର୍‌ଏସ୍ ଅଫିସର

## ସବୁ ଜିଲାପାଳ, ଆର୍‌ଡିସିଙ୍କୁ ଦିଆଗଲା ଚିଠି

ଭୁବନେଶ୍ୱର,୭।୯(ରବିନାରାୟଣ ଜେନା)

ରାଜ୍ୟର ବିଭିନ୍ନ ଜିଲା ଓ ଆର୍‌ଡିସି ସ୍ତରରେ କାର୍ଯ୍ୟରତ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଏବଂ ଓଡ଼ିଶା ରାଜସ୍ୱ ସେବା(ଓଆର୍‌ଏସ୍) ଅଧିକାରୀଙ୍କୁ ଲୋକସେବା ଭବନ ପରିଦର୍ଶନ ଏଣିକି ମହଙ୍ଗା ସାବ୍ୟସ୍ତ ହେବ। ଯେଉଁ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀ ସମ୍ପୃକ୍ତ ଜିଲାପାଳ କିମ୍ବା ଆର୍‌ଡିସିଙ୍କ ବିନା ସ୍ୱୀକୃତିରେ ଲୋକସେବା ଭବନରେ ପ୍ରବେଶ କରିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହିଭଳି ଏକ କଡ଼ା ନିର୍ଦ୍ଦେଶନାମା ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ଜାରି କରାଯାଇଛି। ଏହାକୁ ନେଇ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି।

ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ପ୍ରଜ୍ଞାଧାରା ମିଶ୍ର ଏ ସଂକ୍ରାନ୍ତରେ ଶନିବାର ସବୁ ଜିଲାପାଳ ଓ ଆର୍‌ଡିସିଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ରାଜ୍ୟର ବହୁ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀ ସରକାରୀ କାର୍ଯ୍ୟ ଛାଡ଼ି ଲୋକସେବା ଭବନ ଚଲାପଥରେ ଟହଲ ମାରୁଥିବା ଦେଖିବାକୁ ମିଳିଛି। ଏଭଳି କେତେକ ଘଟଣା ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ନଜରକୁ ଆସିବା ପରେ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ମୁଖ୍ୟାଳୟରେ ନିଜ କାର୍ଯ୍ୟ ଛାଡ଼ି ଲୋକସେବା ଭବନରେ ବାରମ୍ବାର ବୁଲିବା ଦ୍ୱାରା ଲୋକଙ୍କ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ରାଜସ୍ୱ ସେବାରେ ବିଶେଷ ବ୍ୟାଘାତ ଉପୁଜୁଛି। କାର୍ଯ୍ୟଦିବସରେ ଏଣିକି ବିନା ଅନୁମତିରେ ଏହି ଦୁଇ ବର୍ଗର ଅଧିକାରୀ ଯେଭଳି ଲୋକସେବା ଭବନରେ ଦେଖା ନ ଯିବେ ସେଥିପ୍ରତି ଦୃଷ୍ଟିଦେବା ସହିତ ସମ୍ପୃକ୍ତ ଅଧିକାରୀଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ଲୋକଙ୍କ ସେବାରେ ଯେଭଳି କୌଣସି ତ୍ରୁଟି ପରିଲକ୍ଷିତ ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଚିଠିରେ ଦର୍ଶାଯାଇଛି। ଏପରି କି ସମ୍ପୃକ୍ତ ଅଧିକାରୀଙ୍କୁ 'ୱାର୍ନିଂ' ଦେବା ସହ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଜିଲାପାଳ ଓ ଆର୍‌ଡିସି ପରାମର୍ଶ ପ୍ରଦାନ କରନ୍ତୁ ବୋଲି କୁହାଯାଇଛି। ଏହାସତ୍ତ୍ୱେ ଯଦି ସମ୍ପୃକ୍ତ ବର୍ଗର ଅଧିକାରୀଙ୍କୁ ଲୋକସେବା ଭବନ ଓ ଅନ୍ୟାନ୍ୟ ରାଜ୍ୟ ମୁଖ୍ୟାଳୟରେ ଦେଖିବାକୁ ମିଳେ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି।

ଉଲ୍ଲେଖଯୋଗ୍ୟ, ଲୋକସେବା ଭବନକୁ ବିଭିନ୍ନ ସମୟରେ ଦଲାଲମାନେ ପଶି ଆସୁଥିବା ନଜିର ରହିଛି। କେତେବେଳେ ନକଲି ପାସ୍ କରି ପ୍ରବେଶ କରୁଛନ୍ତି ତ ଆଉ କେତେବେଳେ ଅଧିକାରୀଙ୍କ ପରୋକ୍ଷ ନିର୍ଦ୍ଦେଶରେ ପଶୁଛନ୍ତି। ଏହିପରି ଭାବେ କିଛିଦିନ ପୂର୍ବରୁ ସମବାୟ ବିଭାଗର ଜଣେ କର୍ମଚାରୀ ନକଲି ପାସ୍ ଦେବା ଅଭିଯୋଗରେ ଜେଲ ଯାଇଥିବାବେଳେ ରାଜୀବ ଭବନରେ ମଧ୍ୟ ଅନୁରୂପ ଅବସ୍ଥା ଦେଖାଦେଇଥିଲା।




# ନବୀନଙ୍କ ୪ଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୭।୯(ରବିନାରାୟଣ ଜେନା)



ନବୀନ ପଟ୍ଟନାୟକ

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ରବିବାର ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ବିମାନବନ୍ଦରଠାରେ ଗଣମାଧ୍ୟମକୁ କହିଛନ୍ତି ଯେ, ଉପରାଷ୍ଟ୍ରପତି ନିର୍ବାଚନ ନେଇ ଦିଲ୍ଲୀ ଗସ୍ତ କରୁଛନ୍ତି। ଏହି ସମୟରେ ଦଳୀୟ ସାଂସଦଙ୍କ ସହିତ ସେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ ଯେ, ଶନିବାର ବିଜେଡି ପକ୍ଷରୁ ଅନୁଷ୍ଠିତ ପିଏସି ବୈଠକରେ ଉପରାଷ୍ଟ୍ରପତି ନିର୍ବାଚନ ସଂକ୍ରାନ୍ତରେ ଦଳର ବରିଷ୍ଠ ନେତାଙ୍କ ମତାମତ ଲୋଡାଯାଇଥିଲା। ନେତାମାନେ ନିଜ ନିଜର ମତ ପ୍ରକାଶ କରିଥିଲେ ହେଁ କୌଣସି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇ ନ ଥିଲା। ଦିନକ ପରେ ଉପରାଷ୍ଟ୍ରପତି ନିର୍ବାଚନ। ମହାରାଷ୍ଟ୍ରର ରାଜ୍ୟପାଳ ଥିବା ସି ପି ରାଧାକ୍ରିଷ୍ଣନଙ୍କୁ ଏନ୍‌ଡିଏ ପ୍ରାର୍ଥୀ କରିଥିବା ବେଳେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ସୁଦର୍ଶନ ରେଡ୍ଡିଙ୍କୁ 'ଇଣ୍ଡିଆ' ମେଣ୍ଟ ପ୍ରାର୍ଥୀ କରିଛି । ହେଲେ ବିଜେଡି କାହାକୁ ସମର୍ଥନ ଦେବ କିମ୍ବା ନିର୍ବାଚନରୁ ଦୂରେଇ ରହିବ ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# ସାପ କାମୁଡ଼ାରେ ମହିଳା ସରପଞ୍ଚ ମୃତ

ରାୟଗଡ଼ା,୭।୯(ଆଶିଷ ରଞ୍ଜନ ପଣ୍ଡା)

ବିଷାକ୍ତ ସାପ କାମୁଡ଼ାରେ ଜଣେ ମହିଳା ସରପଞ୍ଚଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତା ହେଲେ ରାୟଗଡ଼ା ବ୍ଲକ କୁଲି ପଞ୍ଚାୟତର ସରପଞ୍ଚ ମାଙ୍ଗା କାଡ୍ରାକା। ଶନିବାର ବିଳମ୍ବିତ ରାତିରେ ମାଙ୍ଗା ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କ ଡାହାଣ ଗୋଡ଼କୁ କାମୁଡ଼ି ଦେଇଥିଲା। ଏ ସମ୍ପର୍କରେ ସେ ତାଙ୍କ ସ୍ୱାମୀ ସୁରୀ କାଡ୍ରାକାଙ୍କୁ କହିବାରୁ ଆମ୍ବୁଲାନ୍ସ ସାହାଯ୍ୟରେ ସେ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସରପଞ୍ଚଙ୍କ ବିୟୋଗରେ ରାଜ୍ୟ ସଭା ପୂର୍ବତନ ସଦସ୍ୟ ଏନ୍. ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ରାଜ୍ୟରେ ୧୩ ଯାଏ ବର୍ଷା

ଭୁବନେଶ୍ୱର,୭।୯(ବନ୍ଦନା ସେଠୀ)

ରାଜ୍ୟରେ ପୁଣି ବଢିବ ବର୍ଷା। ଆଞ୍ଚଳିକ ପାଣିପାଗ ସୂଚନାନୁସାରେ, ସେପ୍ଟେମ୍ବର ୭ରୁ ୧୩ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ବଜ୍ରପାତ ହେବାର ସମ୍ଭାବନା ରହିଛି। ମୌସୁମୀ ଟ୍ରଫ୍ ବର୍ତ୍ତମାନ ପୂର୍ବ- ଦକ୍ଷିଣପୂର୍ବ ଦିଗରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଗତି କରୁଛି। ଏଥିସହ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ଉପକୂଳରେ ଉପରେ ବାୟୁମଣ୍ଡଳୀୟ ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷାର ତୀବ୍ରତା ବଢ଼ିଛି। ଏହି କ୍ରମରେ ସୋମବାର ରାଜ୍ୟର ୪ଟି ଜିଲା ଯଥା ମାଲକାନଗିରି, କୋରାପୁଟ, ରାୟଗଡ଼ା ଏବଂ ଗଜପତି ଜିଲାକୁ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଏବଂ ଗଞ୍ଜାମ ଜିଲାର କିଛି ସ୍ଥାନରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ଏବେ ଘୂର୍ଣ୍ଣିବଳୟ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସମୁଦ୍ର ପତ୍ତନଠାରୁ ୩.୧ ଏବଂ ୫.୮ କି.ମି. ଉଚ୍ଚତାରେ ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରତ୍ନଚିରା ପବ୍ଲିକେଶନ୍ ପକ୍ଷରୁ ଇନ୍ଦ୍ରମଣୀ ପାଣିଗ୍ରାହୀଙ୍କ ଜନ୍ମ ଶତବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

## କଟକ
- ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ବାରଙ୍ଗ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ କଲ୍ୟାଣୀ ନଗର ଓ ରାଜେନ୍ଦ୍ରନଗର ଗୁରୁଭ୍ରାତାଙ୍କ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ଉତ୍ସଙ୍ଗ, ସ୍ଥାନ: ଗୋବିନ୍ଦ ମଣ୍ଡପ, କଲ୍ୟାଣୀନଗର, ସମୟ: ସନ୍ଧ୍ୟା ୭ଟା ୩୦ମି।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରସାଦ ସେବନ ଓ ବନ୍ଧୁମିଳନ, ସ୍ଥାନ: ପୁରୁଣାବଜାର ଟୋକା ଗଣେଶ ପୂଜା ମଣ୍ଡପ, ଭଦ୍ରକ, ସମୟ: ରାତି ୮ଟା।

## ମୟୂରଭଞ୍ଜ
- ଅଲମ୍ପିଆଡ୍ ପୁରସ୍କାରପ୍ରାପ୍ତ ଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ:ଚିତ୍ରଡ଼ା ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ, ମୋରଡ଼ା,ସମୟ: ପୂର୍ବାହ୍ନ ୯ଟା।
- ଜିଲା ବିଦ୍ୟାଳୟ ସମୂହ ଫୁଟବଲ, କବାଡ଼ି ଓ ଖୋ-ଖୋ ପ୍ରତିଯୋଗିତା, ସ୍ଥାନ: ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ବିଶୋଇ,ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ବାସ୍ତବ ବାରିପଦା ପକ୍ଷରୁ ନାଟକ 'ପାପୀ', ନାଟ୍ୟ ଚେତନା ଭୁବନେଶ୍ୱର ପକ୍ଷରୁ ନାଟକ 'ରେବତୀ, ସେବତୀ ଏଇବତୀ',ସ୍ଥାନ:ଶହୀଦ ସ୍ମୃତି ଭବନ ବାରିପଦା,ସମୟ: ୮ଟା ୩୦

## ବ୍ରହ୍ମପୁର
- ଫ୍ରେଣ୍ଡସ ହେଲ୍‌ପିଂ କ୍ଲବର ସଚେତନତା ରାଲି, ସ୍ଥାନ: ମେଣ୍ଟୁ ଛକ ଆସିକା ରୋଡ, ସମୟ: ସକାଳ ୭.୧୫।
- ଜନଶୁଣାଣି ଶିବିର, ସ୍ଥାନ: ଲାଠି ପଞ୍ଚାୟତ ଗୃହ, ସମୟ: ପୂର୍ବହ୍ନ ୧୦ଟା

## ଗଞ୍ଜାମ
- ଗ୍ରାମପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ଆଙ୍କୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦.୩୦।
- ଜିଲାପାଳ ଓ ଆରକ୍ଷୀଅଧିକ୍ଷକଙ୍କ ଯୁଗ୍ମ ଶୁଣାଣି, ସ୍ଥାନ: ଶେରଗଡ଼ ବ୍ଲକ୍ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ନିଃଶୁଳ୍କ ଫିଜିଓଥେରାପି ଶିବିର, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ବଜ୍ରପାତକୁ ନେଇ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିରିଡ଼ି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷିତ ସପ୍ତାହ ପାଳନ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୨ଟା।
- କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ ଅଥରିଟିର ୫୪ତମ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ,ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା
- ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜନ୍ମୋତ୍ସବ, ସ୍ଥାନ: ଦିବ୍ୟ ଜୀବନ ସଂଘ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୪ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିଞ୍ଝାରପୁର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ, ସ୍ଥାନ: ଗଣିଆ ଡାକବଙ୍ଗଳା, ସମୟ: ମଧ୍ୟାହ୍ନ ୧୨.୩୦ଟା
- ଚାନ୍ଦ ଓଷା ପର୍ବ, ସ୍ଥାନ: କଣ୍ଟିଲୋ ହାଟମୁଣ୍ଡପାଟଣା, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋଲନରା, ସମୟ: ପୂର୍ବାହ୍ନ: ୧୦ଟା।

## ନବରଙ୍ଗପୁର
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ପଞ୍ଚାୟତ ସମିତି ପୁନର୍ଗଠନ ନିମନ୍ତେ ଆଲୋଚନା ବୈଠକ, ସ୍ଥାନ: ଧୋଡ୍ରା ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ, ସ୍ଥାନ: ନବରଙ୍ଗପୁରର ଡିଆଇଟି, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆନ୍ତର୍ଜାତୀୟ ସାକ୍ଷରତା ଦିବସ, ସ୍ଥାନ: ଏକ୍ସ ବୋର୍ଡ ବିଦ୍ୟାଳୟ, କୋଷାଗୁମୁଡା, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, କୋଟପାଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୁଲାରସିଂ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଦୁଧାରୀ,ସେମିଳିଗୁଡ଼ା ବ୍ଲକ, ଉମୁରି ପଞ୍ଚାୟତ କାର୍ଯ୍ୟାଳୟ ପରିସର,ଉମୁରି ବ୍ଲକ,କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟପାଳଙ୍କ କୋରାପୁଟ କଫି ବୋର୍ଡ ପରିଦର୍ଶନ, ସ୍ଥାନ: କଫି ବୋର୍ଡ଼, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା ୨୫।
- ରାଜ୍ୟପାଳଙ୍କ ଶାବର ଶ୍ରୀକ୍ଷେତ୍ର ପରିଦର୍ଶନ, ସ୍ଥାନ: କୋରାପୁଟ ଶାବର ଶ୍ରୀକ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା ୫।

## ମାଲକାନଗିରି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ:କାଲିମେଳା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- କେବିକେ ଦ୍ୱାରା ଚାଷୀଙ୍କୁ ଚାଷ ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ, ସ୍ଥାନ:ମାଲକାନଗିରି ବ୍ଲକ ବାଡ୍ରିଅଟାଳ ଗ୍ରାମ, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଜମନକିରା ବ୍ଲକ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ବିଦ୍ୟାଙ୍ଗ ଅଧିକାର ସମ୍ପର୍କିତ କୁଇଜ କାର୍ଯ୍ୟକ୍ରମ, ସ୍ଥାନ : ସରକାରୀ ମହିଳା ମହାବିଦ୍ୟାଳୟ ସଭା କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ପଞ୍ଚମୁଖୀ ଯୁବକ ସଂଘ ଓ ଚେତନା ନାଟ୍ୟ ଅନୁଷ୍ଠାନ ଆୟୋଜନରେ ନୂଆଁଖାଇ ଭେଟଘାଟ, ସ୍ଥାନ : ମହାବୀରପଡା, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୁଇଁତଲା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସକାଳ ୬ଟା ୩୦।
- ପାଣି ପାଇଁ ବସ୍ତିବାସୀଙ୍କ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ୱାଟକୋ କାର୍ଯ୍ୟାଳୟ, ଉଦିତ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଓଡିଆ ସାହିତ୍ୟରେ ଭାଷାର ସରଳୀକରଣ ଆବଶ୍ୟକତା ଶୀର୍ଷକ ଆଲେଶଚନାଚକ୍ର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ୧୦ଟା୩୦।
- ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: କୁଆଁରମୁଣ୍ଡା ବ୍ଲକ,ସମୟ: ସକାଳ ୧୦ ଟା।
- ପଞ୍ଚାୟତସ୍ତରୀୟ ଆଇଇସି ପ୍ରୋଗ୍ରାମ,ସ୍ଥାନ: ଡୁମେରଯୋର ପଞ୍ଚାୟତ,କୁଆଁରମୁଣ୍ଡା ବ୍ଲକ
- ସମୟ,ଅପରାହ୍ନ: ଅପରାହ୍ନ ୨ଟା।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଏମ୍. ରାମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଭବାନୀପାଟଣା ଟାଉନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ହରଭଙ୍ଗା (ଚାରିଛକ), ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ, ସ୍ଥାନ: ଦେବଗଡ଼ ଟାଉନ୍ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାଘର ମାଉସୀ ବିଲେଇ**
**ନିଆଁ ମାଗିଗଲା କେଉଟ ସାହି**
**ମାଛ ଗନ୍ଧ ଶୁଙ୍ଘି ଫେରିଲା ନାହିଁ।**

ଶ୍ରଦ୍ଧାରେ ବିଲେଇକୁ ପୁଷି ମାଉସୀ ବୋଲି କୁହାଯାଇଥାଏ। ସାଧାରଣତଃ ବିଲେଇ ଆଇଁଷ ରଙ୍କୁଣା। ଯେଉଁଠି ମାଛ କି ଶୁଖୁଆର ଟିକିଏ ଗନ୍ଧ ପାଏ ସେ ସେଇଠି ନସର ପସର ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ଆମିଷଲୋଭୀ ବ୍ୟକ୍ତିଙ୍କର ଏତାଦୃଶ ଲକ୍ଷଣ ଦେଖାଯାଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବୋହିଗଲା ପାଣି ଯାଉ ତେଣିକି**
**ବନ୍ଧେଇଲା ପାଣି ରହୁ ଏଣିକି ।**

ପାଣି ବା ଜଳ ସଦାସର୍ବଦା ନିମ୍ନଗାମୀ ହୋଇଥାଏ। ଏହାର ଧର୍ମ ବୋହିଚାଲିବା। ପାଣିକୁ ଅଟକାଇ ରଖିବା ପାଇଁ ସେଥିରେ ବନ୍ଧ ବାନ୍ଧିବାକୁ ପଡ଼ିଥାଏ। ପରୋକ୍ଷରେ ଯାହା ବିତିଯାଇଛି ବା ଘଟିଯାଇଛି ସେଥିକି ଅନୁଶୋଚନା ନ କରି ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ଦେବଗଡ଼ ରିୟାମାଳ ମୁଖ୍ୟରାସ୍ତାର ଝାଡ଼େଶ୍ୱର ମନ୍ଦିର ଛକ ନିକଟରେ ଚାଷୀମାନେ ରାସ୍ତାରୋକ କରୁଛନ୍ତି।

## ସାର ପାଇଁ ...

ଡିଲର ଗୋଦାମ ଖୋଲି ଅଧିକ ଦାମ୍‌ରେ ସାର ବିକ୍ରି କରୁଥିବାବେଳେ ଦିନରେ ଗୋଦାମ ଖୋଲିବାରେ ବିଳମ୍ବ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଦେବଗଡ଼ ଜିଲା ପୁରୁଣାଗଡ଼ ହକିଛକ ନିକଟରେ ଥିବା ଘରୋଇ ଡିଲରଙ୍କ ଗୋଦାମରେ ସାର ଗଚ୍ଛିତ ଥିବା ସୂଚନାପାଇ ରବିବାର ସକାଳେ ଶତାଧିକ ଚାଷୀ ସେଠାରେ ପହଞ୍ଚିଥିଲେ। ହେଲେ କଳାବଜାର ଉଦ୍ଦେଶ୍ୟରେ ଡିଲର ଜାଣିଶୁଣି ଗୋଦାମ ଖୋଲିବାରେ ବିଳମ୍ବ କରିଥିଲେ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ସେମାନେ ପୂର୍ବାହ୍ନ ୧୦ଟାରେ ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା। ଫଳରେ ଡିଲର ଗୋଦାମ ଖୋଲିବାରୁ ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ରାସ୍ତା ଅବରୋଧ ହଟିଥିଲା। ପରେ ଚାଷୀମାନେ ଘଣ୍ଟା ଘଣ୍ଟା ଧରି ଖରାରେ ଛିଡା ହୋଇ ସାର କିଣୁଥିବା ଦେଖିବାକୁ ମିଳିଥିଲା। କୃଷି ବିଭାଗ ଓ ଜିଲା ପ୍ରଶାସନ ସାର କଳାବଜାର ରୋକିବାକୁ ପଦକ୍ଷେପ ନେବା ସହ ତୁରନ୍ତ ଆବଶ୍ୟକତା ଅନୁଯାୟୀ ସାର ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

ଏନେଇ ଦେବଗଡ଼ ଜିଲା କୃଷକ ସଂଘ ସଭାପତି ବିଜୟ କୁମାର ପ୍ରଧାନ କହିଛନ୍ତି, ଜିଲାରେ ସାର ଅଭାବ ଯୋଗୁ ଚାଷ କାର୍ଯ୍ୟ ପ୍ରଭାବିତ ହେଉଛି। ଫଳରେ ଅନେକ ସମୟରେ ଚାଷୀମାନେ ଧର୍ମଘଟ, ରାସ୍ତାରୋକୋ କରିଛନ୍ତି। ଏଭଳି ପରିସ୍ଥିତିରେ ଜିଲା ପ୍ରଶାସନ ସାର କଳାବଜାର ରୋକିବାକୁ ପ୍ରୟାସ କଲେ ଚାଷୀ ଉପକୃତ ହେବେ। ସେହିପରି ଜିଲା ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମ କହିଛନ୍ତି, ଜିଲାରେ ରାସାୟନିକ ସାର ଯୋଗାଣରେ ଅବ୍ୟବସ୍ଥା ପାଇଁ କୃଷି ବିଭାଗ ଓ ପ୍ରଶାସନ ଦାୟୀ। କିଛିଦିନ ପୂର୍ବରୁ ଡିଏପି ଓ ଗ୍ରୋମୋର ସାର ଅଭାବ ଦେଖାଦେବାରୁ ଜିଲା କୃଷି କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ପରେ କୃଷି ବିଭାଗ ପକ୍ଷରୁ ସାର ଯୋଗାଇ ଦିଆଯାଇଥିଲା। ପ୍ରଶାସନର ଖାମଖିଆଲ ନୀତି ପାଇଁ ଏବେ ୟୁରିଆ ସାର ଯୋଗାଣରେ ଅବ୍ୟବସ୍ଥା ଦେଖାଦେଇଛି। ବିଭାଗ ପକ୍ଷରୁ ତୁରନ୍ତ ସାର ଯୋଗାଇ ଦିଆ ନଗଲେ କୃଷି ବିଭାଗ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ବାଧ ହେବୁ। ଅପରପକ୍ଷେ ଭାରପ୍ରାପ୍ତ ଜିଲା କୃଷି ଅଧିକାରୀ ମନୋଜ ମାରାଣ୍ଡିଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ। ସେହିପରି ମାଲକାନାଗିରି ଜିଲା କାଲିମେଲା ବ୍ଲକ ମହାରାଜପଲ୍ଲୀ ପଞ୍ଚାୟତ ସମ୍ମୁଖ ୩୨୬ ନମ୍ବର ଜାତୀୟ ରାଜପଥରେ ଶତାଧିକ ଚାଷୀ ରବିବାର ବସି ରହିଥିଲେ। ସକାଳ ୭ଟାରୁ ବିଜୟୱାଡା-ରାଞ୍ଚିକୁ ସଂଯୋଗ କରୁଥିବା ରାଜରାସ୍ତାରେ କାଠ ଓ ଟାୟାର ରଖି ପ୍ରତିବାଦ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି ମୋଟର ଅଟକି ରହିଥିଲା। ଏହି ଖବର ଜଣାପଡ଼ିବା ପରେ ମହାରାଜପଲ୍ଲୀ ପଞ୍ଚାୟତ ଲ୍ୟାମ୍ପ୍‌ସ ଶାଖା ପରିଚାଳକ ଗୁରୁଚାନ୍ଦ ମଣ୍ଡଳ ପୂର୍ବାହ୍ନ ପ୍ରାୟ ୧୧ଟାରେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଚାଷୀଙ୍କ ସହ ଆଲୋଚନା କରି ମଙ୍ଗଳବାର ସୁଦ୍ଧା ସାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା। ମହାରାଜପଲ୍ଲୀ ପଞ୍ଚାୟତକୁ ଏପର୍ଯ୍ୟନ୍ତ ୟୁରିଆ ସାର ଆସିନାହିଁ। ଫଳରେ ଜମିରେ ସାର ପକାଇବା ସମୟ ଗଡ଼ି ଯାଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ମହାରାଜପଲ୍ଲୀ ପଞ୍ଚାୟତ ଲ୍ୟାମ୍ପ୍‌ସ ଶାଖା ପରିଚାଳକ ଗୁରୁଚାନ୍ଦଙ୍କୁ ଯୋଗାଯୋଗ କରିବାରୁ ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ୬୦୦ ରୁ ୬୫୦ ବ୍ୟାଗ ସାର ଆସିଲେ ଚାଷୀଙ୍କୁ ବଣ୍ଟାଯିବ । ତାଲିକା ପ୍ରସ୍ତୁତି କରି ରଖାଯାଇଛି, ଆସିବାମାତ୍ରେ ଦିଆଯିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ କାଲିମେଳା ବ୍ଲକ ପୁସୁଗୁଡା ପଞ୍ଚାୟତରେ ଚଢାଦରରେ ୟୁରିଆ ସାର ବିକ୍ରିକୁ ନେଇ ଚାଷୀଙ୍କ ପକ୍ଷରୁ ରାସ୍ତା ଅବରୋଧ ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

## ଚାଷୀ ସମସ୍ୟା, ସାର ବଣ୍ଟନର ସମୀକ୍ଷା କଲେ ମନ୍ତ୍ରୀ

### ସାର ହେରଫେର କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, (ଅନୁରାଧା ମହାରଣା)/ ଗୋପାଳପୁର ୭।୯ (ନବୀନ ରାଜ ଆଚାରୀ)

ରାଜ୍ୟରେ ସାର ଓ ଚାଷୀଙ୍କ ସମସ୍ୟା ଦୂର ପାଇଁ ରବିବାର ବାଣିଜ୍ୟ ପରିବହନ ଓ ଖଣି ଇସ୍ପାତ୍ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୋପାଳପୁର ନିର୍ବାଚନମଣ୍ଡଳୀ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଗୋଳନ୍ଥରାସ୍ଥିତ ବନ୍ଦେ ମାତରଂ ଗୃହଠାରେ ମନ୍ତ୍ରୀ ଜେନାଙ୍କ ଅଧ୍ୟକ୍ଷତାରେ ରଙ୍ଗେଇଲୁଣ୍ଡା ଓ କୁକୁଡାଖଣ୍ଡି ବ୍ଲକର ଚାଷୀଙ୍କ ସମସ୍ୟା ଓ ସାର ବିକ୍ରୟ ସଂକ୍ରାନ୍ତରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ସମବାୟ ସମିତି ସଭାପତି, ସମ୍ପାଦକମାନେ ନିଜ ସମବାୟ ସଂସ୍ଥାର ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେତେକ ପାକ୍ସରେ ଜାଗା ନ ଥିବା ଯୋଗୁ ସ୍ଥାୟୀ କାର୍ଯ୍ୟାଳୟ ତଥା ଗୋଦାମ ଗୃହ ନିର୍ମାଣ ହୋଇପାରୁ ନାହିଁ ଏବଂ ପାକ୍ସ ସମ୍ପାଦକ ପଦ ଖାଲିଥିବାରୁ ସମସ୍ୟା ହେଉଥିବା ଜଣାଇଥିଲେ। ମନ୍ତ୍ରୀ ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାରଙ୍କୁ ତୁରନ୍ତ ଜାଗା ଜମି ଯୋଗାଇ ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଅନ୍ୟାନ୍ୟ ସମସ୍ୟାର ସମାଧାନ ୭ଦିନ ଭିତରେ କରିବାକୁ ଉପସ୍ଥିତ ଥିବା ସହକାରୀ ସମବାୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ପାକ୍ସୱାରୀ କେତେ ସାର ଆବଶ୍ୟକ ସେନେଇ ତାଲିକା ପ୍ରସ୍ତୁତ କରି ତୁରନ୍ତ ଯୋଗାଣ ନିମନ୍ତେ ଉପସ୍ଥିତ ଥିବା ଜିଲା କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ୯୯୯ ମେଟ୍ରିକ ଟନ ସାର ୨୯ଟି ସମବାୟ ସମିତି କାର୍ଯ୍ୟାଳୟରେ ପହଞ୍ଚି ସାରିଛି। ଯେଉଁ ବ୍ୟକ୍ତି କିମ୍ବା ଅଧିକାରୀ ସାରରେ ହେରଫେର୍ କରିବେ, ତାଙ୍କ ଉପରେ ସରକାର ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ଜିଲା କୃଷି ଅଧିକାରୀ ଅଜୟ କୁମାର କର, ସହକାରୀ ସମବାୟ ଅଧିକାରୀ ଦେବାଶିଷ ସ୍ୱାଇଁ ଓ ରଙ୍ଗେଇଲୁଣ୍ଡା ବ୍ଲକ ସହକାରୀ କୃଷି ଅଧିକାରୀ କିଶୋର କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ନାବାଳିକାଙ୍କୁ ବଳାତ୍କାର ...

କ୍ଷତବିକ୍ଷତ ମୃତଦେହ ଗାଁ ନାଳରେ ମୁହଁ ମାଡ଼ି ପଡିଥିବା ତାଙ୍କ ଭାଇ ଦେଖିବାକୁ ପାଇଥିଲେ। ନାବାଳିକାଙ୍କ ତଣ୍ଟି, ହାତ, କାନ ପାଖରେ କଟାଦାଗ ରହିଛି। ତାଙ୍କୁ କେହି ବଳାତ୍କାର ପରେ ହତ୍ୟା କରିଥିବା ତାଙ୍କ ଭାଇ କହିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଅନୁଗୋଳ ସଦର ଥାନା ପୋଲିସ, ବନ୍ତଳା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିଥିଲେ। ହେଲେ ଦୋଷୀଙ୍କୁ ଧରିବା ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ଅନୁଗୋଳ-ବନ୍ତଳା ମୁଖ୍ୟରାସ୍ତାକୁ ଶାବଳଭଙ୍ଗାଠାରେ ଅବରୋଧ କରିବା ସହ ମୃତଦେହ ଘଟଣାସ୍ଥଳରୁ ଉଠାଇବାକୁ ଦେଇ ନ ଥିଲେ। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଆସିବା ଦାବିରେ ସେମାନେ ଅଟଳ ରହିଥିଲେ। ଘଟଣାସ୍ଥଳରେ ସଦର ଆଇଆଇସି ମୃଣାଳ କାଲ, ଏସ୍‌ଡିପିଓ ରମାକାନ୍ତ ମହାଳିକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ। ଶେଷରେ ଲୋକଙ୍କ ଦାବି ଅନୁଯାୟୀ, ଅନୁଗୋଳରୁ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଥିଲା। ଘଟଣାସ୍ଥଳରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ନିଜେ ଦାୟିତ୍ୱ ନେଇ ତଦନ୍ତ କରିବା ସହ ୭ଦିନ ଭିତରେ ଦୋଷୀଙ୍କୁ ଧରି କଠୋର ଦଣ୍ଡବିଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ୫ଘଣ୍ଟା ପରେ ଗ୍ରାମବାସୀ ରାସ୍ତା ଅବରୋଧ ହଟାଇଥିଲେ। ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ ପୀଡ଼ିତାଙ୍କୁ ପରିବାରଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ଅନୁଗୋଳ ଥାନା ଅଧିକାରୀ ଧୀରେଶ ଦାସ, ବନ୍ତଳା ଥାନା ଅଧିକାରୀ ନଟବର ନନ୍ଦ ରହି ତଦନ୍ତରେ ସହଯୋଗ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରଥମେ ହୋଇଥିବା ନିଖୋଜ ଅଭିଯୋଗ କ୍ରମେ ପୋଲିସ ୧୪/୨୫ ନମ୍ବରରେ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟରେ ବଳାତ୍କାର ହୋଇଥିବା ଜଣାପଡ଼ିଲେ ତଦନୁଯାୟୀ ଦଫା ଲଗାଯିବ ବୋଲି ଆଇଆଇସି କାଲ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଂକଟ ଥିଲେ ମଧ୍ୟ ନୂତନ ଯୋଜନା ସକାଶେ ମନ ବଳାଇବେ। ଅଶ୍ୱିନୀ ନକ୍ଷତ୍ରର ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପଡ଼ୋଶୀ କିମ୍ବା ସମ୍ପର୍କୀୟମାନେ ଆପଣଙ୍କୁ ଅଣଦେଖା କରି ସମାଲୋଚିତ ହୋଇପାରନ୍ତି।

**ବୃଷ** ଆଜି ରୋହିଣୀ ନକ୍ଷତ୍ର କାର୍ଯ୍ୟସିଦ୍ଧି ହେବା କାରଣରୁ ମାନସିକ ଶାନ୍ତି ପାଇବେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇପାରିବେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟାର ସମାଧାନ ହୋଇଯିବ। ସଭାସମିତି, ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମିଥୁନ** ସମ୍ପର୍କୀୟଙ୍କ ସହାୟତାରେ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ । ଆର୍ଦ୍ରା ନକ୍ଷତ୍ର ବିବାଦୀୟ କ୍ଷେତ୍ରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ପିଲାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ଉଚିତ ପଦକ୍ଷେପ ନିଅନ୍ତୁ। ଫାଇଲପତ୍ର କିମ୍ବା କୌଣସି ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାୟତାରେ କାମ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ। ବ୍ୟବସାୟରେ ଲାଭବାନ ହେବେ ମାତ୍ର ଆଶାନୁରୂପ ନ ହୋଇପାରେ। ଆଲୋଚନା ପରିସରରେ ନ୍ୟାୟୋଚିତ ଏବଂ ଗଠନମୂଳକ ପରାମର୍ଶ ଦେଇ ପ୍ରଶଂସିତ ହେବେ। ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ସିଂହ** ମଘା ନକ୍ଷତ୍ର ଆଜି ଯାହା ପାଇବାକୁ ଇଚ୍ଛା କରୁଛନ୍ତି ତାହା ପାଇବା କଷ୍ଟକର ହେବ। ଉଚ୍ଚ ପଦାଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସାମିଲ ହେବେ। ପାରିବାରିକ କ୍ଷେତ୍ରରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ସାଂଗଠନିକ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ପ୍ରତ୍ୟେକ କାର୍ଯ୍ୟ ବିବାଦୀୟ ହେବାରୁ ବ୍ୟସ୍ତତା ବଢ଼ିଯିବ। ବିବାଦୀୟ କଥାରେ ମୁଣ୍ଡ ପୂରାଇଲେ ଅଯଥା ଦୋଷୀ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦୂରେଇଯିବାର ସମ୍ଭାବନା ରହିଛି।

**ତୁଳା** ସ୍ୱାତୀ ନକ୍ଷତ୍ରର କର୍ମକ୍ଷେତ୍ରରେ ଲାଗିରହିଥିବା ସମସ୍ୟା ସମାଧାନ ହେବ। ଅବଶ୍ୟ ଏହି ଦିଗରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ ଅବଶ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେଇପାରନ୍ତି । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ।

**ବିଛା** ଅନ୍ୟମନସ୍କ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। ଅନୁରାଧା ନକ୍ଷତ୍ର ଆନୁଷ୍ଠାନିକ କାମରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କଳା, କ୍ରୀଡ଼ା, ସଙ୍ଗୀତ, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ସୁନାମ ଅର୍ଜନ କରିବେ। କାମ ହାସଲ ପାଇଁ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶତ୍ରୁଠାରୁ ଦୂରେଇ ରହି କାମ କରିବା ଭଲ ହେବ। ଉତ୍ତରାଷାଢ଼ା ନକ୍ଷତ୍ର ପରିବାରର ଇଚ୍ଛା ବିରୁଦ୍ଧରେ କାମ କଲେ ସମାଲୋଚିତ ହେବାର ସୂଚନା ରହିଛି।

**ମକର** ଶ୍ରବଣା ନକ୍ଷତ୍ରର ସାମାନ୍ୟ ଅସୁସ୍ଥତାଜନିତ ମନଟା ଭଲ ରହି ନ ପାରେ। ବିଭିନ୍ନ ପ୍ରକାରର ସମସ୍ୟା ଜନିତ କଳା ସାହିତ୍ୟରେ ସମସ୍ୟା ବୃଦ୍ଧି ପାଇପାରେ। ଭୁଲ୍ ବୁଝାମଣା ଯୋଗୁ ନିଜ ଲୋକମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ପୂର୍ବଶତ୍ରୁତାରେ ମନ ବିଚଳିତ ରହିପାରେ।

**କୁମ୍ଭ** କାମଗୁଡିକ ପୂର୍ଣ୍ଣାଙ୍ଗ କରିବାକୁ ଅନ୍ୟମାନଙ୍କ ସାହାଯ୍ୟର ଆବଶ୍ୟକତା ଅନୁଭବ କରିବେ। ପାରିବାରିକ ଶୃଙ୍ଖଳା ରକ୍ଷାରେ ସମ୍ପର୍କୀୟଙ୍କ ସହାୟତା ନେବେ। ପୂର୍ବଭାଦ୍ରପଦ ନକ୍ଷତ୍ର ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ବେଳେ ସ୍ୱର୍ଶକାତର କଥାରେ ଚିହ୍ନା ପଡିବା ଠିକ୍ ହେବନାହିଁ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ଅସୁବିଧା ଦେଖାଦେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ କାମରେ ବାହାରକୁ ଯିବାକୁ ପଡ଼ିପାରେ। ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ସୁସ୍ଥତା ରହିବ ନାହିଁ। ସାମାଜିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଆଗ୍ରହୀ ହେବେ।

ଆଜି ସେପ୍ଟେମ୍ବର ୮ ତାରିଖ, ବିଶ୍ୱ ସାକ୍ଷରତା ଦିବସ, ଅପରପକ୍ଷ ଓ ପିତୃତର୍ପଣ ଆରମ୍ଭ, ସ୍ୱାମୀ ଶିବାନନ୍ଦ ଜୟନ୍ତୀ, ଜହ୍ନିଓଷା ଆରମ୍ଭ, ଶରଣ, ଆଶ୍ୱିନ କୃଷ୍ଣପ୍ରତିପଦା ସୋମବାର। ରାଶିନକ୍ଷତ୍ର- ପୂର୍ବଭାଦ୍ରପଦ/କୁମ୍ଭ, ଦିବା ଘ. ୦୨.୨୮ ମି. ଗତେ ମୀନଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ (ମହାଳୟା ବିଧିରେ କରାଯିବ)। ସକାଳ ଘ.୦୫.୩୬ମି. ଗତେ ଘ.୦୭.୦୮ମି. ମଧ୍ୟେ, ଘ. ୧୦.୩୦ମି. ଗତେ ଘ. ୧୨.୫୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୮ ମି. ଗତେ ଘ. ୦୮.୪୦ମି. ମଧ୍ୟେ ରାହୁ କାଳ ।

## ସଂକ୍ଷେପରେ

### ହାତୀକୁ ଦେଖି ପଡ଼ିଯାଇ ବୃଦ୍ଧଙ୍କ ମୃତ୍ୟୁ

କେନ୍ଦୁଝର,୭।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଉଖୁଣ୍ଡା ସେକ୍ସନ ବରାହପଶି ଗ୍ରାମରେ ଶନିବାର ରାତିରେ ହାତୀକୁ ଦେଇ ପଡ଼ିଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଅନାଦି ମହାନ୍ତ(୮୦)। ସେ ଅନ୍ୟ ଗ୍ରାମବାସୀଙ୍କ ସହିତ କୋବି ବାଡ଼ି ଜଗିଥିଲେ। ରାତି ପ୍ରାୟ ୧ ଟାରେ ଏକ ହାତୀ ତାଙ୍କ ପାଖକୁ ମାଡି ଆସିବାରୁ ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କୁ ମୃତ୍ୟୁ ଘଟିଛି। ତାଙ୍କୁ ସରକାରଙ୍କ ନିୟମାନୁଯାୟୀ ଆର୍ଥିକ ସହାୟତା ମିଳିବ ବୋଲି ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିଆ କହିଛନ୍ତି।

### କଂଗ୍ରେସ କେନ୍ଦୁଝର ପର୍ଯ୍ୟବେକ୍ଷକଙ୍କ ପାଟଣା ଗସ୍ତ

ପାଟଣ,୭।୯(ବୀର କିଶୋର ଦାଶ): କେନ୍ଦୁଝର ଜିଲା କଂଗ୍ରେସ ଦଳ ପର୍ଯ୍ୟବେକ୍ଷକ ତଥା ତାମିଲନାଡୁ ଭେଲାଚେରୀ ବିଧାୟକ ଜେଏମ୍ଏଚ୍ ହାସନ ମୌଲାନା ଶନିବାର ପାଟଣା ନିର୍ବାଚନ ମଣ୍ଡଳୀ ଗସ୍ତ କରିଛନ୍ତି। ଜିଲା କଂଗ୍ରେସ କମିଟି ସଭାପତି ପଦ ପାଇଁ ନିର୍ବାଚନ ମଣ୍ଡଳୀର କଂଗ୍ରେସ କର୍ମୀମାନେ ନିଜ ପସନ୍ଦର ନାମ ତାଲିକା ଦେବେ। ସେହି ତାଲିକାକୁ ଭିତ୍ତି କରି ଜିଲା ସଭାପତି ଚୟନ କରାଯିବ ବୋଲି ଜେଏମ୍ଏଚ୍ ହାସନ କହିଥିଲେ। ଗସ୍ତ ସମୟରେ ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ଜିଲା କଂଗ୍ରେସ କମିଟି ସଂଯୋଜିକା ସଙ୍ଗୀତା ସିଂ, ଜିଲା କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ମିଶ୍ର, ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧିର, ଜଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ସଦର ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ପାଟଣା ବ୍ଲକ୍ କଂଗ୍ରେସ ସଭାପତି କୈଳାସ ଚନ୍ଦ୍ର ବାରିକ, ପାଟଣା ଯୁବ କଂଗ୍ରେସ ସଭାପତି ପରମେଶ୍ୱର ନାଏକ, ପାଟଣା ବ୍ଲକ୍ର ବରିଷ୍ଠ କଂଗ୍ରେସ ନେତା ଇଂ. ବିଦ୍ୟାଧର ଦାଶ, ପୂର୍ବତନ ପାଟଣା ବ୍ଲକ୍ ସଭାପତି ଲକ୍ଷ୍ମଣ ଦାଶ, ଗୌରହରି ନାଏକ, ରବିନ୍ଦ୍ର କୁମାର ପୃଷ୍ଟି, ମଣି ରତ୍ନ ବାରିକଙ୍କ ସହିତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଢେଙ୍କିକୋଟ,୭।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅନ୍ତର୍ଗତ ଖଣ୍ଡଘର ପଞ୍ଚାୟତ କାଶିବେଡା ଗ୍ରାମରେ ଶନିବାର ସନ୍ଧ୍ୟାରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ପିତାମ୍ବର ରାଉତ(୬୬)। ସେ ସନ୍ଧ୍ୟା ୬ ଟାରେ ଘର ନିକଟସ୍ଥ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ଘର ଲୋକ ଯାଇ ପୋଖରୀରେ ବୁଡ଼ିଯାଇଥିବା ଦେଖିଥିଲେ। ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଘଟଗାଁ ଥାନାରେ ଏକ ମାମଲା (ନଂ. ୪୫/୨୫) ରୁଜୁ ହୋଇଛି।

### ସାସଙ୍ଗ ପଞ୍ଚାୟତ ବିଦ୍ୟାଳୟରେ ଗୁରୁପୂଜନ

ବଉଲା,୭।୯(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସାସଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ନବ କିଶୋର ବିଶ୍ୱାଳ, ସ୍ୱତନ୍ତ୍ର ଅତିଥି ଭାବେ ଶିକ୍ଷାବିତ୍ ବିଦ୍ୟାଧର କର, ମୁଖ୍ୟ ବକ୍ତାଭାବେ ବିନୋଦ ବିହାରୀ ପଣ୍ଡା, ସମ୍ମାନିତ ଅତିଥିଭାବେ ସିଆରସିସି ଅଞ୍ଜନ କୁମାର ଦାସ, ପ୍ରଶନ୍ନ ବେହେରା, ଶିକ୍ଷକ ମାଧବାନନ୍ଦ ଜେନା, ଶିଶିର କୁମାର ବିଶ୍ୱାଳ, ଲକ୍ଷ୍ମୀକାନ୍ତ ମିଶ୍ର, ପଦ୍ମନାଭ ପଣ୍ଡା, ସାନ୍ତନୁ କୁମାର ରାଉତ, ପ୍ରଦୀପ କୁମାର ସ୍ୱାଇଁ ଯୋଗଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜୟଦୁର୍ଗା ଫାଉଣ୍ଡେଶନର ସିଲେଇ କେନ୍ଦ୍ର ପକ୍ଷରୁ ଗୁରୁ ଦିବସ ପାଳନ କରାଯାଇଥିଲା।

# ଜେଜେ ମା'ଙ୍କ କାନ୍ଧରେ ୩ ନାତିଙ୍କ ଦାୟିତ୍ୱ

କେନ୍ଦୁଝର,୭।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

- ବାପାଙ୍କ ମୃତ୍ୟୁ ପରେ ମା' ଛାଡ଼ି ଚାଲିଗଲେ
- ସହାୟତା ଅପେକ୍ଷାରେ ଅସହାୟ ଜୁଆଙ୍ଗ ପରିବାର

ଦୁଇ ବର୍ଷ ପୂର୍ବେ ବାପାଙ୍କ ଅକାଳ ବିୟୋଗ ହୋଇଥିଲା। ବାପାଙ୍କ ମୃତ୍ୟୁର କିଛିଦିନ ପରେ ମା' ଜନ୍ମିତ ପିଲାଙ୍କୁ ଅନାଥ କରି କେଉଁଆଡ଼େ ଚାଲିଗଲେ। କୋମଳ ବୟସରେ ଅସହାୟ ହୋଇପଡ଼ିଥିବା ୩ ପିଲାଙ୍କ ଦାୟିତ୍ୱ ୭୪ ବର୍ଷ ବୟସ୍କ ଜେଜେ ମା' ଦାଣ୍ଡ ବେଓ୍ୱାଙ୍କ କାନ୍ଧରେ ରହିଛି। ମିଳୁଥିବା ଭତ୍ତା ଟଙ୍କା ଏବଂ ପର ଘରେ କାମ କରି ୩ ନାତିଙ୍କ ପେଟକୁ ଦାନା ଦେଉଛନ୍ତି। ଏଭଳି ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତର କୁଣ୍ଢେଇ ଗାଁରେ ମୁରଲି ଜୁଆଙ୍ଗ ପରିବାର କ୍ଷେତ୍ରରେ।

ପ୍ରକାଶ ଯେ, ମା', ସ୍ତ୍ରୀ ଓ ୩ ପୁଅଙ୍କୁ ନେଇ ମୁରଲି ଜୁଆଙ୍ଗଙ୍କ ପରିବାର ଭଲରେ ଚାଲୁଥିଲା। ସ୍ୱାମୀ, ସ୍ତ୍ରୀ ପରଘରେ ମଜୁରି କରି ଖର୍ଚ୍ଚ ତୁଲାଇବା ସହ ପିଲାଙ୍କୁ ପାଠ ପଢ଼ାଉଥିଲେ। ୨ ବର୍ଷ ପୂର୍ବେ ମୁରଲିଙ୍କ ଅକାଳ ବିୟୋଗ ପରେ ପରିବାର ଉପରେ ଦୁଃଖ ମାଡ଼ି ଆସିଥିଲା। ମୁରଲିଙ୍କ ମୃତ୍ୟୁର କିଛିଦିନ ପରେ ବିଧବା ସ୍ତ୍ରୀ ପୁଅ କ୍ଷୀରୋଦ (୧୨), ସୁମନ୍ତ (୧୦) ଓ ଅନନ୍ତ (୮)ଙ୍କୁ ଅସହାୟ ଭାବେ ଛାଡ଼ି କେଉଁଆଡ଼େ ଚାଲିଗଲେ। ଘରେ ରୋଜଗାର କରିବାକୁ କେହି ନ ଥିବା ବେଳେ ବୃଦ୍ଧା ଜେଜେ ମା' ତିନି ପିଲାଙ୍କୁ ବଡ଼ କଷ୍ଟରେ ଚଳାଉଛନ୍ତି। ମିଳୁଥିବା ମାସିକ ଭତ୍ତାରେ ଘର ଚଳାଇବା ସମ୍ଭବ ହେଉ ନ ଥିବାରୁ ପରିଣତ ବୟସରେ ମଜୁରି କରିବାକୁ ପଡୁଛି। ଉପାୟ ନାହିଁ, ପିଲାଙ୍କୁ ଦୁଇମୁଠା ଖାଇବାକୁ ଦେବାକୁ ପଡ଼ିବ ବୋଲି ଜେଜେ ମା' କହିଛନ୍ତି। ଆର୍ଥିକ ଅଭାବରୁ ପିଲା ଜାଳକାଠ ଯୋଗାଡ଼ କରିବା ସହ ଛେଳି ଚରାଉଛନ୍ତି। ବୃଦ୍ଧା ଜେଜେ ମା'



ଜେଜେ ମା' ନିକଟରେ ନାତି।

କିଛି କାମ ନ ପାଇଲେ, ଚୁଲି ଜଳିବା ବନ୍ଦ ହୋଇଯାଉଛି। ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ପାଇନାହାନ୍ତି। ଜୁଆଙ୍ଗ ଲୋକଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର ଭାବେ ସ୍ଥାପିତ ଜୁଆଙ୍ଗ ଉନ୍ନୟନ ସଂସ୍ଥା ପକ୍ଷରୁ ମଧ କୌଣସି ସାହାଯ୍ୟ ପାଇ ନ ଥିବା କହିଛନ୍ତି। ୩ ପିଲାଙ୍କ କଥା ସରକାର ବୁଝିବାକୁ ଜେଜେ ମା' ନିବେଦନ କରିଛନ୍ତି। ପିଲାଙ୍କ କଥା ବୁଝିବାକୁ କେହିନାହିଁ। ସରକାରଙ୍କ ଅବହେଳାରୁ ପୁରାତନ ଜନଜାତି ଦୁଃଖ ଦୁର୍ଦ୍ଦଶାରେ ରହୁଛନ୍ତି। ଏହାର ସମାଧାନ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପୂର୍ବତନ ଏମ୍ପି ତଥା କଂଗ୍ରେସ ରାଜ୍ୟ ଆଦିବାସୀ ନେତା ଯଶୋବନ୍ତ ସିଂ ଲାଗୁରୀ କହିଛନ୍ତି।

# ରିପୋର୍ଟ ପ୍ରଦାନ କଲେ ସିଇଓ

କେନ୍ଦୁଝର/ହାଟଡିହୀ,୭।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

**ଡିଏମ୍ଏଫ୍ ଆରଏଫ୍ପି ଅନିୟମିତତା ପ୍ରସଙ୍ଗ**

**ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୁଣି ଅଭିଯୋଗ**

କେନ୍ଦୁଝର ଡିଏମ୍ଏଫ୍ରେ ପିଏମୟୁ(ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ) ଚୟନ ପାଇଁ ୨୯ ମେ ୨୦୨୫ରେ ପ୍ରକାଶିତ ଆରଏଫ୍ପିରେ ଅନିୟମିତତା ଅଭିଯୋଗ ହୋଇଥିଲା। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରିପୋର୍ଟ ମଗାଯାଇଥିଲା। ଡିଏମ୍ଏଫ୍ ସିଇଓ ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି। ଡିଏମ୍ଏଫ ସିଇଓଙ୍କ ଚିଠି(ନଂ. ୨୦୬୪/୮ଜୁଲାଇ୨୦୨୫) ଅନୁସାରେ ଉକ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ପ୍ଲାନିଂ ଆଣ୍ଡ କନଭରଜେନ୍ସ ବିଭାଗକୁ ପ୍ରଦାନ ହୋଇଛି।

ରିପୋର୍ଟରେ ଦର୍ଶାଯାଇଛି, ଗତ ୨୯ ମାର୍ଚ୍ଚ ୨୦୨୫ରେ ଅନୁଷ୍ଠିତ ଏକ୍ଜିକ୍ୟୁଟିଭ କମିଟିର ଅନୁମୋଦନ କ୍ରମେ ଆରଏଫ୍ପି ପ୍ରକାଶ ପାଇଥିଲା। ଏଥିପାଇଁ ଏକ ସିଲେକ୍ସନ କମିଟି ଗଠନ ଜରିଆରେ ଆରଏଫ୍ପି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ନିୟମ ମୁତାବକ ଠିକ୍ ଭାବେ କରାଯାଇଛି। ମାତ୍ର ଧାର୍ଯ୍ୟ ନିୟମ ଅନୁସାରେ ଉକ୍ତ ଆରଏଫ୍ପି ପ୍ରକାଶ କରାଯାଇ ନ ଥିବା ନେଇ ଗତ ୧ ଜୁନ୍ ୨୦୨୫ରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ତରଫରୁ ନିର୍ଦ୍ଦେଶ କ୍ରମେ ରାଜ୍ୟ ଯୋଜନା ଏବଂ ସଂଯୋଜନା(ପ୍ଲାନିଂ ଆଣ୍ଡ କନଭରଜେନ୍ସ) ବିଭାଗ ଚିଠି ନଂ. ୮୪୪୦/୧୬ ଜୁନ୍ ୨୦୨୫ରେ ଜିଲାପାଳ ତଥା ଡିଏମ୍ଏଫ୍ ଅଧ୍ୟକ୍ଷଙ୍କୁ ରିପୋର୍ଟ ମଗାଯାଇଥିଲା। ଓଡିଏମ୍ଏଫ୍ ରୁଲ୍ ୨୦୧୫ର ରୁଲ୍ ୫ ଅନୁସାରେ ଏଷ୍ଟିମେଟ୍ ମୂଲ୍ୟ ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେଲେ ତାହା ଟ୍ରଷ୍ଟ ବୋର୍ଡ ଦ୍ୱାରା ଅନୁମୋଦନ ହେବ। କିନ୍ତୁ ଆରଏଫ୍ପିରେ ଟର୍ନ ଓଭର ମୂଲ୍ୟ ୫୦ କୋଟି ଟଙ୍କା ଥିବା ବେଳେ ଆରଏଫ୍ପିରେ ଚୟନ ହୋଇଥିବା ଏଜେନ୍ସିକୁ ଏଗ୍ରିମେଣ୍ଟ ମୂଲ୍ୟର ୧୦ ଶତକଡ଼ା ଦରମା ୩୦ ଦିନ ମଧ୍ୟରେ ଅଗ୍ରୀମ ଦିଆଯିବ ବୋଲି ଉଲ୍ଲେଖ ଅଛି। ସେହିପରି ଗତ ୧୯ ନଭେମ୍ବର ୨୦୨୨ ପରଠୁ ଆଉ ଡିଏମ୍ଏଫ୍ ଟ୍ରଷ୍ଟ ବୋର୍ଡ ବୈଠକ ହୋଇନି। ଅପରପକ୍ଷେ ରୁଲ୍ ୬ ଅନୁସାରେ ଏକଜିକ୍ୟୁଟିଭ କମିଟିର ଆରଏଫ୍ପି ପ୍ରକାଶ କରିବା କ୍ଷମତା ନାହିଁ। ଉକ୍ତ ଆରଏଫ୍ପିକୁ ବିରୋଧ କରି ଓଡ଼ିଶା ହାଇକୋର୍ଟଙ୍କ ନିକଟରେ ଏକ ମାମଲା ମଧ୍ୟ ଦାୟର ହୋଇଛି। ଅପରପକ୍ଷେ ପଦବୀର ଅପବ୍ୟବହାର କରି ଏକ କାଳ୍ପନିକ, ମିଥ୍ୟା ରିପୋର୍ଟ ପ୍ରଦାନ କରାଯାଇଛି ବୋଲି ପୁନଶ୍ଚ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଇସ୍ପାତ ଏବଂ ଖଣି, ଫାଇନାନ୍ସ, ପ୍ଲାନିଂ ଆଣ୍ଡ କନଭରଜେନ୍ସଙ୍କ କାର୍ଯ୍ୟାଳୟରେ ୪ ସେପ୍ଟେମ୍ବର ୨୦୨୫ରେ ଅଭିଯୋଗ ହୋଇଛି। ସିଇଓ ଏବଂ ଜିଲାପାଳ ତଥା ଡିଏମ୍ଏଫ୍ ଅଧ୍ୟକ୍ଷ ଉଭୟଙ୍କୁ ସମାନଭାବେ ଦାୟୀ କରାଯାଇଛି। ତଦନ୍ତ କରି ଉଭୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗରେ ଦର୍ଶାଯାଇଛି।

# ଶୀତଳଭଣ୍ଡାରରେ ଆମିଷ ବଜାର ନିର୍ମାଣ



ରାଜପଥ କଡ଼ରେ ଥିବା ଆମିଷ ଦୋକାନ।

ଚମ୍ପୁଆ,୭।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍ଏସି ସ୍ଥାପନକୁ ଇତି ମଧ୍ୟରେ ୧୨ ବର୍ଷ ପୁରି ଥିଲେ ହେଁ ସହରରେ ଆମିଷ ବଜାର ନାହିଁ। ନୂତନ ଆମିଜ ବଜାର ନିର୍ମାଣ ପାଇଁ ୩ ବର୍ଷ ପୂର୍ବରୁ କଂକ୍ରିଟ୍ ବାଡ଼ ଦିଆଇଥିଲା। ମାତ୍ର ନିର୍ମାଣ କାର୍ଯ୍ୟ ଏବେ ଶୀତଳଭଣ୍ଡାରରେ ପଡ଼ିଛି। ପରିଷଦକୁ ସ୍ୱଚ୍ଛ, ସୁନ୍ଦର କରି ଗଢ଼ିତୋଳିବା ପାଇଁ ଅନେକ କାର୍ଯ୍ୟ କରାଯାଉଛି। ମାତ୍ର ପ୍ରଶାସନ ଆମିଷ ବଜାର ନିର୍ମାଣ ଲକ୍ଷରୁ ବାଟ ହୁଡିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, ୩ ବର୍ଷ ପୂର୍ବରୁ ଆମିଷ ବଜାର ପାଇଁ ଜାଗା ଚିହ୍ନଟ କରି ମାଟି ଫିଲିଂ ଓ କଂକ୍ରିଟ୍ ବାଡ଼ ଦିଆଯାଇ ଛାଡ଼ି ଦିଆଯାଇଛି। ସ୍ୱତନ୍ତ୍ର ଆମିଷ ବଜାର ନିର୍ମାଣ ପାଇଁ ଏନ୍ଏସି ଅନ୍ତରିକତା ପ୍ରକାଶ କରୁ ନ ଥିବାରୁ ବାଧ୍ୟ ହୋଇ ବ୍ୟବସାୟୀ ୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ବ୍ୟବସାୟ କରୁଛନ୍ତି। ଏନ୍ଏସି ଲଗାମ ଲଗାଉ ନ ଥିବାରୁ ପରିବେଶ ପ୍ରଦୂଷିତ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଯେଉଁଥି ପାଇଁ ଦୁର୍ଘଟଣା ବଢୁଥିବାର ମଧ ନଜିର ରହିଛି। ମାଛ ବଜାରର ତ୍ରିକୋଣ ସ୍ଥଳରେ ରହିଥିବା ବେଳେ ମୁଖ୍ୟ ବଜାରକୁ ଜାତୀୟ ରାଜପଥ ଯାଇଛି। ଅନ୍ୟ ଏକ ରାସ୍ତା ଉପ ଜିଲାପାଳଙ୍କ ଆବସିକ ବାସଭବନ, କଚେରି ଏବଂ ଅନ୍ୟ ରାସ୍ତାଟି ମୁସଲିମ ବସ୍ତିକୁ ଯାଇଛି। ଫଳରେ ଆମିଷ ବଜାରର ପୁତିଗନ୍ଧମୟ ପରିବେଶ ସାଧାରଣ ଜୀବନ ଯାତ୍ରାକୁ ଅସହ୍ୟ କରିଛି। ଏହା ଛଡ଼ା ନିୟନ୍ତ୍ରିତ ବଜାର କମିଟି ତରଫରୁ ଆମିଷ ବଜାରର ଦର ନିର୍ଦ୍ଧାରଣ କରାଯାଉ ନ ଥିବା ଏବଂ ଓଜନରେ ସ୍ୱଚ୍ଛତା ରହୁ ନ ଥିବାରୁ ସାଧାରଣ ଉପଭୋକ୍ତା ଠକାମୀର ଶିକାର ମଧ ହେଉଛି। ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏନ୍ଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା କହିଛନ୍ତି, ୨୦ରୁ ୨୫ ଟି ମାଛ, ମାଂସ ଦୋକାନ ଗୃହ ପାଇଁ ଖୁବ୍ଶୀଘ୍ର ଟେଣ୍ଡର ଆହ୍ୱାନ କରାଯାଇ କାମ ଆରମ୍ଭ ହେବ।

## ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଅନୁକୂଳ

ଆନନ୍ଦପୁର,୭।୯(ସୁଶାନ୍ତ କୁମାର ସାହୁ): ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ ବିରିଡ଼ିହା ଗ୍ରାମରେ ରବିବାର ସକାଳ ୮ଘଟିକା ସମୟରେ ଇନ୍ଦୁ ପୂର୍ଣ୍ଣିମା ତଥା ଭାଗବତ ଜନ୍ମ ଅବସରରେ ମା' ଲକ୍ଷ୍ମୀ କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ଆଚାର୍ଯ୍ୟ ହେମନ୍ତ ଷଡ଼ଙ୍ଗୀ ପୂଜାର୍ଚ୍ଚନା କରି ବିରିଡ଼ିହା ଗ୍ରାମର ଗ୍ରାମାଦେବୀ ପୀଠରୁ ମାଟି ଅନୁକୂଳ କରାଯାଇଥିଲା। ନାମ ସଂକୀର୍ତ୍ତନ ସହ ଶଙ୍ଖ ହୁଳହୁଳି ବାଜା ବଜାଇ ପବିତ୍ର ମାଟିକୁ ମଣ୍ଡପରେ ସ୍ଥାପନ କରିଥିଲେ। ପୂଜା କମିଟିର ସଦସ୍ୟ ଉଦୟନାଥ ସାହୁ ନିଷ୍ଠାପର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି। ସଂଯୋଜକ ଭାବଗ୍ରାହୀ ବେହେରା, ବିଷ୍ଣୁଚରଣ ସାହୁ, ମଣିଭଦ୍ର ସାହୁ, ବୈଷ୍ଣବ ସାହୁ, ଭଗବାନ ବେହେରା, ବଳରାମ ମୁଦୁଲି, ନବକିଶୋର ବେହେରା, ଯୁଧିଷ୍ଠିର ବେହେରା, ସୁଶାନ୍ତ କୁମାର ସାହୁ, ଦେବାଶିଷ ସାହୁ, ମୁରଲୀ ରଣା, ମନୋଜ କୁମାର ସାହୁ, ବଟକୃଷ୍ଣ ସାହୁ, ଚିନ୍ତାମଣି ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ପାଟଣା,୭।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା କଣ୍ଟିଆପଡ଼ା ଗାଁରେ ଭାଲୁ ଆକ୍ରମଣରେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ହେଲେ ଗ୍ରାମର ଶତ୍ରୁଘନ ନାଏକଙ୍କ ପୁଅ କୈଳାଶ(୩୫)। ସେ ସାଙ୍ଗମାନଙ୍କ ସହ ଜାମୁନାଳିଆ ଗ୍ରାମରୁ ଫୁଟବଲ ଖେଳ ଦେଖି ଫେରୁଥିଲେ। ବାଟରେ ଏକ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ପଛରେ ଆସୁଥିବା ଲୋକେ ପାଟି କରିବାରୁ ଭାଲୁ ଜଙ୍ଗଲ ଭିତରକୁ ପଳାଇଥିଲା। କୈଳାସଙ୍କ ହାତ ଏବଂ ଛାତିରେ ଗଭୀର କ୍ଷତ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମାଟି ପୂଜା



ମାଟି ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଉଛି।

ଢେଙ୍କିକୋଟ,୭।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ରେ ରବିବାର ପୂର୍ବାହ୍ନ ସାଢ଼େ ୯ଟାରେ ପବିତ୍ର ଇନ୍ଦ୍ର ପୂର୍ଣ୍ଣିମା ତିଥିରେ ମହାଲକ୍ଷ୍ମୀ ପୂଜା କମିଟି ତରଫରୁ ମହାଲକ୍ଷ୍ମୀ ପୂଜା ପାଇଁ ମାଟି ପୂଜା କରାଯାଇଛି। ପୂଜା କମିଟିର ପୁରୋଧା ତଥା ସଂକଳ୍ପଧାରୀ ରାମଚନ୍ଦ୍ର ସାହୁଙ୍କ ସଂକଳ୍ପରେ ମହାଲକ୍ଷ୍ମୀ ମଣ୍ଡପରେ ଥିବା ମାଆଙ୍କ ମେଢ଼ରେ ପୂଜକ ଉଦ୍ଧିତ ନାରାୟଣ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରି କେଲଦୁମାକୁ ମାଟି ପୂଜା ପାଇଁ ରୋଷଣୀ କରି ଯାଇଥିଲେ। ସେଠାରେ ଯଥାବିଧି ପୂଜାର୍ଚ୍ଚନା ଓ ହୋମଯଜ୍ଞ କରି ମାଟି ପୂଜା କରି ଆଣିଥିଲେ। ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ମହାନ୍ତ, ନୀଳମଣି ମଣ୍ଡଳ, ମକରଧଜ ସାହୁ, ଅଜୟ କୁମାର ବେଜ, ଦିଗାମ୍ବର ନାୟକ, ଆଶିଷ କୁମାର ମଣ୍ଡଳ, ଟୁଟୁ ସାହୁ, ତାପସ ଓଝା, ସୁଶାନ୍ତ ସେନାପତି, ବୁଲିଆ ସାହୁ, ବିଭୀଷଣ ମହାକୁଡ଼ ସମେତ ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ମାଟିରେ ମା' ମହାଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ପ୍ରତିମା ନିର୍ମାଣ କରାଯିବ।

# ପାଟଣାରୁ ୪ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ପାଟଣା,୭।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ରୁ ୪ ଶିକ୍ଷକଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ସଂସ୍କୃତ ପାଇଁ ବ୍ଲକ୍ ଅନ୍ତର୍ଗତ ମୁରୁସୁଆଁ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ବିଜ୍ଞାନ ପାଇଁ ତୁରୁମୁଙ୍ଗା ଦଧିବାମନ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିରଞ୍ଚି ନାରାୟଣ ମହାରଣା, ଏଲି ମେଣ୍ଟାରୀ ଶିକ୍ଷକରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ମଙ୍ଗଳପୁରର ଶିକ୍ଷୟିତ୍ରୀ ତିଳୋତ୍ତମା ବେହେରା, ଡୁମୁରିଆ ସିଆରସିସି ଯୁଧିଷ୍ଠିର ମହାନ୍ତ ଏହି ପୁରସ୍କାର ପାଇଛନ୍ତି। କେନ୍ଦୁଝର ମୁଖ୍ୟାଳୟ ଡିଏନ୍ ହାଇସ୍କୁଲରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍ପି ଅନନ୍ତ ନାୟକ, ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକୀର ଚରଣ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଡିଆଇଇଟି ଅଧ୍ୟକ୍ଷା କଲ୍ୟାଣୀ ମାଝି ଯୋଗଦେଇ ସଫଳ ଶିକ୍ଷକଙ୍କୁ ଉତ୍ତରୀୟ, ମାନପତ୍ର, ମେଡାଲ ଓ ୨୫ହଜାର ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲାପାଳ ମନ୍ଦଧର ମହାଳିକ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ସ୍ୱାଗତ ଭାଷଣ ଦେଇଥିଲେ। ଏଡିଓ ଶ୍ରୀକାନ୍ତ ବେହେରା, ରୁଦ୍ର ନାରାୟଣ ସାମଲ, ସତ୍ୟ ନାରାୟଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ସଂଯୋଜନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି ଧନ୍ୟବାଦ ଦେଇଥିଲେ। ଶିକ୍ଷକଙ୍କ ଏହି ସଫଳତା ପାଇଁ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ସହ ପରିଚାଳନା ପରିଷଦ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ଉମାକାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଅତିଥିଙ୍କ ନିକଟରୁ ଶିକ୍ଷକ ଉମାକାନ୍ତ ପୁରସ୍କାର ଗ୍ରହଣ କରୁଛନ୍ତି।

ଛେନାପଦି/ବଉଳା,୭।୯(ନିରାକାର ପରିଡା/ ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଇଞ୍ଚୋଳ ଗ୍ରାମର ଶିକ୍ଷକ ଉମାକାନ୍ତ ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ସେ ବୌଦ୍ଧ ଜିଲାରେ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟ କୁଣ୍ଡାମାଳରେ ଶାରୀରିକ ଶିକ୍ଷା ଶିକ୍ଷକ ଭାବରେ କାର୍ଯ୍ୟ କରୁଛନ୍ତି। ଶୁକ୍ରବାର ଗୁରୁ ଦିବସ ଅବସରରେ ବୌଦ୍ଧ ଟାଉନହଲଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କନ୍ଧମାଳ ଏମ୍ପି ସୁକାନ୍ତ ପାଣିଗ୍ରାହୀ, ବୌଦ୍ଧ ଜିଲାପାଳ ବିଭୁତି ଭୂଷଣ ନାୟକ, ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି। ସଫଳତାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳଭଦ୍ର ବିଶ୍ୱାଳ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପିତା ମାତା, ବନ୍ଧୁମାନେ ଶୁଭେଚ୍ଛା ଜଣାଇଛନ୍ତି।

# ପାଇପ୍ଲାଇନ ଉଚ୍ଛେଦ ଦାବିକଲେ ଅଞ୍ଚଳବାସୀ

ଯୋଡ଼ା,୭।୯(ମାନସ ମହାନ୍ତି)

**ସ୍ଲରୀ ପାଇପ୍ଲାଇନକୁ ନେଇ ଜନଅସନ୍ତୋଷ ବଢୁଛି**

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରେ ସ୍ଲରୀ ପାଇପ୍ଲାଇନ ଦ୍ୱାରା ଖଣିଜ ପରିବହନ ପାଇଁ ବିଭିନ୍ନ ଖଣି ଓ ଶିଳ୍ପ ସଂସ୍ଥା ଉଦ୍ୟମ ଚଳାଇଛନ୍ତି। ସ୍ଲରୀ ପାଇପ୍ଲାଇନ ଦ୍ୱାରା ଖଣିଜ ପରିବହନ ହେଲେ ୮ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ମାଲିକ ଜୀବନ ଜୀବିକା ହରାଇବେ। ଏଥି ସହିତ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଆର୍ଥିକ ସ୍ଥିତି ପରୋକ୍ଷଭାବେ ବ୍ୟାପକ ପ୍ରଭାବିତ ହେବ। ଏହାକୁ ନେଇ ଖଣି ଅଞ୍ଚଳରେ ତୀବ୍ର ଜନ ଅସନ୍ତୋଷ ଦେଖାଦେଇଛି। ସରକାର ସ୍ଲରୀ ପାଇପ୍ଲାଇନ୍କୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସ୍ଲରୀ ପାଇପ୍ଲାଇନ ନିର୍ମାଣ କରୁଥିବା ସଂସ୍ଥା ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସରକାର ପଦକ୍ଷେପ ନ ନେଲେ ଜନ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ କଡ଼ା ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଶାଗାସାହି ଏଏମ୍ଏନ୍ଏସ୍ ଖଣିରୁ ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ବଡ଼ କାଳୀମାଟି ଅଧୀନସ୍ଥ ଦବୁନାଠାରେ ଥିବା ଏଏମ୍ଏନ୍ଏସ୍ କାରଖାନାକୁ ଟ୍ରକ ଯୋଗେ ଲୁହାପଥର ପରିବହନ ହେଉଛି। ଏଥିରେ ଯୋଡ଼ା ଖଣି ମଣ୍ଡଳର ଅନେକ ହଜାର ଟ୍ରକ୍ ମାଲିକ ପରିବହନ କରି ନିଜର ଜୀବିକା ନିର୍ବାହ କରୁଛନ୍ତି। ମାତ୍ର ଗତ କିଛି ବର୍ଷ ହେବ କମ୍ପାନୀ ପକ୍ଷରୁ ଶାଗାସାହିରୁ ଦବୁନା ପର୍ଯ୍ୟନ୍ତ ମାଟି ଖୋଳି ସ୍ଲରୀ ପାଇପ୍ଲାଇନ ବିଛାଇବା କାର୍ଯ୍ୟ ଆରମ୍ଭ କରାଯାଇଛି। ଯୋଡ଼ା-ବାମେବାରି ରାଜ୍ୟ ରାଜପଥ କଡ଼ରେ ମାଟି ଖୋଳି ପାଇପ୍ ପୋତାଯାଉଥିବା ସମୟରେ ଦୁର୍ଘଟଣା ଘଟୁଛି। ଏହା ଦ୍ୱାରା ରାସ୍ତାଟି ଅତ୍ୟନ୍ତ ସଙ୍କୀର୍ଣ୍ଣ ହୋଇଯାଇଛି। ନିକଟରେ ପାଇପ୍ଲାଇନ ପାଇଁ ମାଟି ଖୋଳା ସମୟରେ ପୋତି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ରାସ୍ତାରେ ଲୋକେ ଯାତାୟାତ ସମୟରେ ମାଟି ଗାତରେ ପଡ଼ି ଆହତ ହେଉଥିବା ଦେଖିବାକୁ ମିଳୁଛି। ପାଇପ୍ଲାଇନ ବିଛାଇବା କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ବହୁ ଧନଜୀବନ ହାନୀ ହେବା ସହିତ ଅନେକ ହଜାର ଟ୍ରକ୍ ମାଲିକଙ୍କ ସହ ସ୍ଥାନୀୟ ଲୋକେ ରୋଜଗାର ହରାଇବେ ବୋଲି ଅଞ୍ଚଳର ମଦନ ମୋହନ ବେହେରା, ସନାତନ ବାରିକ, ଦେବଦତ୍ତ ବାରିକ, ମଙ୍ଗଲାଲ ମାଝୀ, କୀର୍ତ୍ତନ ବେହେରା, ସୁରେଶ ମୁଣ୍ଡା, ବସନ୍ତ ପାତ୍ର, ସୁବଳ ମହାନ୍ତ, ଶଶି ପାତ୍ର, ଭଗବାନ ସ୍ୱାଇଁ, ଯତୀନ୍ଦ୍ର ନାଏକ, ରବୀନ୍ଦ୍ର କୁମାର ଖୋମାଣିଆ, ଯଦୁ ମୁଣ୍ଡା, ନନ୍ଦ ବାରିକ, ଉଷା ମଲ୍ଲିକ, ସୁକୁରା ଚାମ୍ପିଆ, ରମେଶ ମୁଣ୍ଡା, ସୁଦର୍ଶନ ମୁଣ୍ଡା ପ୍ରମୁଖ ପ୍ରତିକ୍ରିୟାରେ କହିଛନ୍ତି। ଏ ନେଇ ସେମାନଙ୍କ ସହ ଶତାଧିକ ଖଣି ଅଞ୍ଚଳବାସୀ ଲିଖିତ ଭାବେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଛନ୍ତି। ଆଗାମୀ ଦିନରେ ସମସ୍ୟା ସମାଧାନ ନ ହେଲ ବଡ ଧରଣର ଜନ ଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଛନ୍ତି।



ସ୍ଲରୀ ପାଇପ୍ଲାଇନ ପାଇଁ ରାସ୍ତାକଡ଼ରେ ଖୋଳାଯାଇଛି।

# ସରକାରୀ ମହିଳା ମହାବିଦ୍ୟାଳୟରେ ଚାରାରୋପଣ

କେନ୍ଦୁଝର,୭।୯(ଦୀପକ ମିଶ୍ର)

ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ତରଫରୁ ଶନିବାର ଜାତୀୟ ସେବା ଯୋଜନା ତରଫରୁ ଚାରାରୋପଣ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଲଳିତ ରଞ୍ଜନ ସାହୁ ଯୋଗଦେଇ ମା' ପାଇଁ ଗଛ ଟିଏ ନାମରେ ସମସ୍ତେ ଗୋଟିଏ ଲେଖାଏ ଗଛ ଲଗାଇବା ପାଇଁ ପରାମର୍ଶ ଦେବା ସହ ମହାବିଦ୍ୟାଳୟ ପରିସରରେ ପ୍ରାୟ ପଚାଶଟିରୁ ଊର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ଏହି ଅବସରରେ ଯୁକ୍ତ ଦୁଇ ଜାତୀୟ ସେବା ଯୋଜନାର ସଂଯୋଜିକା ସସ୍ମିତା ମଞ୍ଜରୀ ନାଏକ ଉପସ୍ଥିତ ରହି ବୃକ୍ଷ ହିଁ ଜୀବନ ବୋଲି କହିବା ସହ ଗଛ ଲଗେଇବା ଏବଂ ତାହାର ଯତ୍ନ ନେବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଇଂରାଜୀ ବିଭାଗର ମୁଖ୍ୟ ବରିଷ୍ଠ ପ୍ରଫେସର୍ ହରପ୍ରସାଦ କେ. ମାଝୀ, ରାଜନୀତି ବିଭାଗର ମୁଖ୍ୟ ପ୍ରଫେସର୍ ଡ. ଦେବାନନ୍ଦ ମଲ୍ଲିକ, ଅନ୍ୟତମ ଅଧାପକ ଡ. ସୂର୍ଯ୍ୟକାନ୍ତ ନାଏକ, ଅର୍ଥନୀତି ଅଧାପିକା ସନ୍ଧ୍ୟାରଣୀ ଶଙ୍ଖୁଆଳ, ପଦାର୍ଥ ବିଜ୍ଞାନ ଅଧାପିକା ସୁମିତା ହାଁସଦା, ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧାପିକା, ଅଧାପକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

ଯେଉଁ ଶକ୍ତି ସବୁ ସାଧନ କରିପାରିବ– ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ– ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। –ଶ୍ରୀଅରବିନ୍ଦ



# କାଠଗୁଡ଼ା ଗଡ଼ିଗଲା

ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପୂର୍ଣ୍ଣ ଭାବେ କିଭଳି ଅନୁଭୂତ ହେଲାଣି ତା'ର ସଦ୍ୟ ଟ୍ରେଲର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା, ଦିଲ୍ଲୀ ଏବଂ ଜମ୍ମୁ ଓ କଶ୍ମୀରରୁ ଦେଖିବାକୁ ମିଳିଛି। ଏହି ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କେତେକ ସ୍ଥାନରେ ଗୋଟିଏ ଦିନରେ ଯେଭଳି ବର୍ଷା ହୋଇଛି, ତାହା ଗୋଟେ ମାସର ରେକର୍ଡ ସହ ସମାନ ବୋଲି କୁହାଗଲାଣି। ଚଳିତ ଋତୁରେ ହିମାଚଳ ପ୍ରଦେଶ ଓ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟରେ ଯେଉଁଭଳି ବନ୍ୟା ସ୍ଥିତିର ଭିଡିଓ ଦେଖିବାକୁ ମିଳିଛି, ସେଥିରୁ ମନୁଷ୍ୟକୃତ ବିପର୍ଯ୍ୟୟ ଯୋଗୁ ପ୍ରକୃତିର ରୋଷ କିଭଳି ରୂପ ଧାରଣ କରିପାରେ ତାହା ଅନୁମେୟ। ନଦୀଜଳରେ ଅସଂଖ୍ୟ କାଠଗଣ୍ଡି ଭାସିଯିବାର ଦୃଶ୍ୟ ସୂଚାଇ ଦେଇଛି ଯେ କେତେ ମାତ୍ରାରେ ସେହି ସବୁ ଅଞ୍ଚଳରେ ଗଛ କଟାଯାଉଛି। ଏଥିରେ ସ୍ଥାନୀୟ ଅଧିବାସୀ ଓ ସରକାରୀ କର୍ମଚାରୀଙ୍କ ସହ କେଉଁ ଧରଣର ମଧୁର ସମ୍ପର୍କ କାଠ ମାଫିଆ ରଖିଛନ୍ତି, ତାହା ବୁଝି ହୋଇଯାଉଛି। ଗଛ କାଟି ତାହାକୁ ଗଦାଗଦା କରି ରଖିଥିବା ବେଳେ ସେଗୁଡ଼ିକ ବନ୍ୟା ଜଳରେ ଭାସିଯିବା ପରେ ସବୁ ବିଷୟ ପଦାକୁ ଆସିଛି। ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟଗୁଡ଼ିକରେ କ୍ରମାଗତ ଭୂସ୍ଖଳନ ଓ ବନ୍ୟା ପାଇଁ ବେଆଇନ ଗଛକଟା ଦାୟୀ ବୋଲି ୪ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ କହିବା ସହ କେନ୍ଦ୍ର ସରକାର, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ପ୍ରଭାବିତ ରାଜ୍ୟଗୁଡ଼ିକୁ ଜବାବ ମାଗିଥିଲେ। ଏଥିସହିତ ସର୍ବୋଚ୍ଚ ଅଦାଲତଙ୍କ ଖଣ୍ଡପୀଠ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ସମେତ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ ଓ କଶ୍ମୀର ଏବଂ ପଞ୍ଜାବ ସରକାରଙ୍କୁ ଏ ନେଇ ନୋଟିସ ଜାରି କରିଛନ୍ତି। ଭିତ୍ତିଭୂମି ବିକାଶ ଓ ପରିବେଶ ସୁରକ୍ଷା ଦିଗରେ ଏମାନେ କ'ଣସବୁ ପଦକ୍ଷେପ ନେଉଛନ୍ତି ସେହି ବିଷୟରେ କୋର୍ଟ ଜାଣିବାକୁ ଚାହିଁବା ନିଶ୍ଚିତ ଭାବେ ଏକ ସମ୍ବେଦନଶୀଳ ପ୍ରସଙ୍ଗ ଆମ ସମସ୍ତଙ୍କ ସମ୍ମୁଖରେ ଦଣ୍ଡାୟମାନ।

> ସାମୟିକ ଲୋଭକୁ ଚରିତାର୍ଥ କରିବା ଲକ୍ଷ୍ୟରେ ପ୍ରକୃତିବିଗିଡ଼ା କାର୍ଯ୍ୟ ପ୍ରତି ବର୍ତ୍ତମାନ ଆଖିବୁଜି ଦେଲେ ଆଗକୁ ସେହି ସବୁ ଅଞ୍ଚଳ ନଦୀଗର୍ଭକୁ ଚାଲିଯିବା ଡେରି ନୁହେଁ। ଗଦା ହୋଇଥିବା କାଠଗୁଡ଼ା ଗଡ଼ିଯାଉଥିବାର ଦୃଶ୍ୟ ଏବେ ସମସ୍ତଙ୍କ ପାଇଁ ସତର୍କଘଣ୍ଟି ବୋଲି ଭାବିବା ଦରକାର।

ବିକାଶ ନାମରେ ପରିବେଶକୁ ଧ୍ୱଂସ କରାଗଲେ ତା'ର କୁଫଳ ଏହି ମଣିଷକୁ ଭୋଗ କରିବାକୁ ପଡୁଛି। ଅନାବଶ୍ୟକ ସ୍ଥଳେ ଓ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରା ନ ଯାଇ ଅବିଚାରିତ ଭାବେ ଗଛ କାଟି ଦିଆଯାଉଥିବାରୁ ତାହାର ସିଧାସଳଖ ପ୍ରଭାବ ପରିସଂସ୍ଥାନ ଉପରେ ପଡୁଛି। ହିମାଳୟ ସଂଲଗ୍ନ ରାଜ୍ୟଗୁଡ଼ିକରେ ବ୍ୟାପକ ଗଛକଟା, ନଦୀ ଅଞ୍ଚଳଗୁଡ଼ିକରେ ଅସଂଖ୍ୟ ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ ଏବଂ ପର୍ଯ୍ୟଟନକୁ ବଢ଼ାଇବା ଲାଗି ହେଉଥିବା ନିର୍ମାଣ ଭୂସ୍ଖଳନ, ବାଦଲଫଟା ବର୍ଷା ଓ ବନ୍ୟା ସୃଷ୍ଟି କରୁଛି ବୋଲି ଅନେକ ଗବେଷଣାତ୍ମକ ରିପୋର୍ଟ ପ୍ରକାଶ ପାଉଛି। ହେଲେ କେହି ଏହାକୁ ଶୁଣିବା ସ୍ଥିତିରେ ଥିବା ଭଳି ମନେହେଉ ନାହିଁ। ମଣିଷର ଲୋଭ ଓ ସାମୟିକ ଲାଭ ପାଇଁ ସମ୍ପୃକ୍ତ ଅଞ୍ଚଳର ମାଟି ଦିନକୁ ଦିନ ଫମ୍ପା ହେବାରେ ଲାଗିଛି। ସମସ୍ତେ ଜାଣିଛେ ଯେ, ଗଛ ସଂଖ୍ୟା କମିଗଲେ ମାଟି ଧୋଇଯିବା ସହ ବର୍ଷା ଜଳ ନଦୀକୁ ଯାଇ ଅସମ୍ଭାଳ ବନ୍ୟାସ୍ଥିତି ସୃଷ୍ଟି କରିଥାଏ। ପୁଣି ବିକାଶ ନାମରେ ଯେଉଁଠାରେ ଗଛ କଟା ଚାଲୁଛି, ସେହି ସଂଖ୍ୟାକୁ ପୂରଣ କରିବା ଲାଗି ନିକଟ ଅଞ୍ଚଳରେ ବନୀକରଣକୁ ଗୁରୁତ୍ୱ ଦିଆଯିବା କଥା। ହେଲେ ସେହି ଦିଗ ପ୍ରତି ବିଶେଷ ଦୃଷ୍ଟି ଦିଆଯାଉ ନ ଥିବାରୁ ସ୍ଥିତି ବିଗିଡ଼ିବାରେ ଲାଗିଛି। ଏସବୁକୁ ଦେଖି ସ୍ପଷ୍ଟ ଭାବେ କହିହେବ ଯେ, ମନୁଷ୍ୟକୃତ ଭୁଲ କାର୍ଯ୍ୟ ଯୋଗୁ ଜଳବାୟୁ ପରିବର୍ତ୍ତନ ଓ ତତ୍‌ଜନିତ ବିପଦ ବଢ଼ିଚାଲିଛି। କେବଳ ହିମାଳୟ ଅଞ୍ଚଳ ନୁହେଁ, ଓଡ଼ିଶାରେ ଥିବା ପରିବେଶ ସମ୍ବେଦନଶୀଳ ଅଞ୍ଚଳ ସାତକୋଶିଆ, ଚିଲିକା, ଶିମିଳିପାଳ ଆଦି ମଣିଷର ଲୋଭାତୁର କାର୍ଯ୍ୟ ଯୋଗୁ ବିଗିଡ଼ି ଗଲାଣି। ଚିଲିକାରେ ସିପ୍ଲେନ୍ ଉଡ଼ିବା ନେଇ ନିକଟରେ ଆଲୋଚନା ହେବା ସହଜରେ ଭାଙ୍ଗିପାରୁଥିବା ପରିବେଶ ଭାରସାମ୍ୟ (ଫ୍ରାଜାଇଲ୍ ଇକୋଲୋଜିକାଲ ବାଲାନ୍ସ)କୁ କ୍ଷତି ପହଞ୍ଚାଇବା ଜଳ ଜଳ ଦିଶୁଛି। ଏମିତି ଦେଖିଲେ ଓଡ଼ିଶାର ଅନେକ ଇଲାକା ବନ୍ୟା ଓ ବାତ୍ୟା ପ୍ରବଣ ରହିଛି। ଯଦି ମଣିଷର ଗୋଟିଏ ଗୋଟିଏ ପ୍ରକୃତିବିଗିଡ଼ା କାମ ବଢ଼ି ଚାଲିବ, ତାହାର କୁପ୍ରଭାବ ଏହି ପ୍ରାଣୀଜଗତ ଭୋଗିବା ଥୟ।

ଏଠି ମନେପଡ଼େ ୨୦୨୨ ଫେବୃଆରୀରେ ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ବ୍ରାଜିଲର ଆମାଜନ ଜଙ୍ଗଲରେ ବ୍ୟାପକ ଗଛ କଟାଯିବା ବିଷୟ। ଏଭଳି ଘଞ୍ଚ ଜଙ୍ଗଲ ଜଳବାୟୁ ସ୍ଥିର ରଖିବାରେ ସହାୟକ ହୋଇଥାଏ। ବିକାଶ ନାମରେ ଯେଉଁଭଳି ଭାବେ ଜଙ୍ଗଲ ଧ୍ୱଂସ କରାଗଲା ସେଥିଲାଗି ସେଠାକାର ତତ୍କାଳୀନ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋଙ୍କୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଥିଲା। ଏପଟେ ଭାରତର ନଦୀରେ ଭାସି ଯାଉଥିବା କାଠଗଣ୍ଡିର ଦୃଶ୍ୟ ପ୍ରତ୍ୟେକ ଭାରତୀୟଙ୍କୁ ବ୍ୟଥିତ କରିବା କଥା। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ଏଭଳି ପ୍ରକୃତି ବିରୋଧୀ କାର୍ଯ୍ୟରେ ଜଡ଼ିତ ଲୋକଗୁଡ଼ାକୁ ଠାବ କରି ଦଣ୍ଡିତ କରିବାର ସମୟ ଆସିଲାଣି। ଏ ଦିଗରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ସାମୟିକ ଲୋଭକୁ ଚରିତାର୍ଥ କରିବା ଲକ୍ଷ୍ୟରେ ବର୍ତ୍ତମାନ ଏସବୁ ପ୍ରତି ଆଖିବୁଜି ଦେଲେ ଆଗକୁ ସେହି ସବୁ ଅଞ୍ଚଳ ନଦୀଗର୍ଭକୁ ଚାଲିଯିବା ଡେରି ନୁହେଁ। ଗଦା ହୋଇଥିବା କାଠଗୁଡ଼ା ଗଡ଼ିଯାଉଥିବାର ଦୃଶ୍ୟ ଏବେ ସମସ୍ତଙ୍କ ପାଇଁ ସତର୍କଘଣ୍ଟି ବୋଲି ଭାବିବା ଦରକାର।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | 8 | 3 | 6 | |
| | | | | | 4 | | 8 | 7 |
| 9 | | 2 | | | | | | |
| | | | | 4 | 7 | | | |
| | | | 5 | | | | 4 | |
| | 3 | 4 | | | 2 | | 1 | |
| | | 1 | | | 6 | 9 | | |
| 2 | | | 8 | | | | 7 | 6 |
| 8 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 4 | 7 | 8 | 5 | 6 | 2 | 9 |
| 5 | 7 | 2 | 9 | 6 | 3 | 4 | 1 | 8 |
| 6 | 8 | 9 | 1 | 2 | 4 | 7 | 3 | 5 |
| 8 | 6 | 3 | 4 | 1 | 9 | 5 | 7 | 2 |
| 7 | 4 | 1 | 3 | 5 | 2 | 9 | 8 | 6 |
| 9 | 2 | 5 | 6 | 7 | 8 | 1 | 4 | 3 |
| 2 | 5 | 7 | 8 | 4 | 6 | 3 | 9 | 1 |
| 1 | 9 | 6 | 2 | 3 | 7 | 8 | 5 | 4 |
| 4 | 3 | 8 | 5 | 9 | 1 | 2 | 6 | 7 |

ଗତକାଲିର ଉତ୍ତର

# ଭୂପେନ୍‌ଦା'ଙ୍କୁ ଶ୍ରଦ୍ଧାଞ୍ଜଳି



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଜି ସେପ୍ଟେମ୍ବର ୮ ତାରିଖ। ଭାରତୀୟ ସଂସ୍କୃତି ଏବଂ ସଙ୍ଗୀତ ପ୍ରତି ଆଗ୍ରହ ରଖୁଥିବା ସମସ୍ତଙ୍କ ପାଇଁ ଏକ ବିଶେଷ ଦିନ। ଆଉ ବିଶେଷ ଭାବେ ମୋର ଆସାମର ଭାଇଭଉଣୀମାନଙ୍କ ପାଇଁ ଆଜିର ଦିନ ଅଧିକ ସ୍ୱତନ୍ତ୍ର। ଆଜି ଭାରତରତ୍ନ ଡକ୍ଟର ଭୂପେନ୍ ହଜାରିକାଙ୍କ ଜୟନ୍ତୀ। ସେ ଭାରତର ସବୁଠୁ ଅସାଧାରଣ ଓ ସବୁଠୁ ପ୍ରଭାବଶାଳୀ ଗାୟକଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଚଳିତ ବର୍ଷ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନର ଶୁଭାରମ୍ଭ ହେବା ଖୁସିର ବିଷୟ। ଏହା ଭାରତୀୟ କଳାଜଗତ ଓ ଜନଚେତନା ଦିଗରେ ତାଙ୍କର ମହାନ୍ ଅବଦାନକୁ ସ୍ମୃତିଚାରଣ କରିବାର ଏକ ଅବସର। ଭୂପେନ୍‌ଦା' ଆମକୁ ଯାହା ଦେଇଥିଲେ, ତାହା ସଙ୍ଗୀତଠାରୁ ଢେର ଦୂର ପର୍ଯ୍ୟନ୍ତ ପରିବ୍ୟାପ୍ତ। ତାଙ୍କର କାର୍ଯ୍ୟଗୁଡ଼ିକ ସ୍ୱରକୁ ଅତିକ୍ରମ କରୁଥିବା ଭାବନାକୁ ମୂର୍ତ୍ତିମନ୍ତ କରିଥିଲା। କେବଳ ଏକ କଣ୍ଠସ୍ୱର ନୁହେଁ, ବରଂ ସେ ଲୋକମାନଙ୍କ ହୃଦୟର ସ୍ପନ୍ଦନ ଥିଲେ। ଅନେକ ପିଢ଼ି ତାଙ୍କ ଗୀତ ଶୁଣି ବଡ଼ ହୋଇଛନ୍ତି। ତାଙ୍କ ସଙ୍ଗୀତରେ ସବୁବେଳେ ଦୟା, ଅନୁକମ୍ପା, ସାମାଜିକ ନ୍ୟାୟ, ଏକତା ଏବଂ ଗଭୀର ସମ୍ପର୍କବୋଧର ବିଷୟବସ୍ତୁ ସହିତ ଗୁଞ୍ଜରିତ ହୋଇଥାଏ। ଭୂପେନ୍‌ଦା'ଙ୍କ ରୂପରେ ଆସାମରୁ ଉତ୍ପତ୍ତି ହୋଇଥିବା ଏହି ସ୍ୱର ଏକ କାଳଜୟୀ ନଦୀ ପରି ପ୍ରବାହିତ ହୋଇଥିଲା। ଭୂପେନ୍‌ଦା' ସଶରୀରରେ ଆଜି ଆମ ଗହଣରେ ନାହାନ୍ତି, କିନ୍ତୁ ତାଙ୍କ ସ୍ୱର ଆଜି ବି ଆମେ ଶୁଣିପାରୁଛୁ। ସେ ସ୍ୱର ଆଜି ବି ସବୁ ସୀମା ଏବଂ ସଂସ୍କୃତିକୁ ଅତିକ୍ରମ କରିଛି। ସେଥିରେ ରହିଛି ମାନବୀୟ ଭାବନାର ସ୍ପର୍ଶ। ଭୂପେନ୍‌ଦା' ବିଶ୍ୱ ପରିଭ୍ରମଣ କରିଥିଲେ, ସମାଜର ସବୁବର୍ଗର ଲୋକଙ୍କ ସହ ମିଶିଥିଲେ। କିନ୍ତୁ ସେ ଆସାମ ସହିତ ଗଭୀର ଭାବରେ ଜଡ଼ିତ ଥିଲେ। ଆସାମର ସମୃଦ୍ଧ ମୌଖିକ ପରମ୍ପରା, ଲୋକସଙ୍ଗୀତ ଏବଂ ଲୋକକଥା କହିବାର ଧାରା ତାଙ୍କ ଶୈଶବକୁ ଗଭୀର ଭାବରେ ଗଢ଼ିତୋଳି ଥିଲା। ଏହି ଅଭିଜ୍ଞତା ତାଙ୍କର କଳାତ୍ମକ ଶବ୍ଦକୋଷର ମୂଳଦୁଆ ଥିଲା। ସେ ସବୁବେଳେ ଆସାମର ଜନଜାତିଙ୍କ ପରିଚୟ ଏବଂ ଏହାର ଲୋକଙ୍କ ନୀତିକୁ ସାଙ୍ଗରେ ନେଇ ଚାଲୁଥିଲେ। ଖୁବ୍‌କମ୍ ବୟସରେ ଭୂପେନ୍‌ଦା'ଙ୍କ ନିକଟରେ ଥିବା ପ୍ରତିଭାର ପରିପ୍ରକାଶ ଘଟିଥିଲା। ମାତ୍ର ପାଞ୍ଚ ବର୍ଷ ବୟସରେ ସେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଗୀତ ଗାଇଥିଲେ। ଖୁବ୍‌ଶୀଘ୍ର ସେ ଅନ୍ୟ କାହାର ନୁହେଁ ବରଂ ଅହମିୟା ସାହିତ୍ୟର ଅଗ୍ରଦୂତ ଲକ୍ଷ୍ମୀନାଥ ବେଜବରୁଆଙ୍କ ଧ୍ୟାନଆକର୍ଷଣ କରିଥିଲେ। କିଶୋର ବୟସ ବେଳକୁ ସେ ତାଙ୍କର ପ୍ରଥମ ଗୀତ ରେକର୍ଡ କରିଥିଲେ। କିନ୍ତୁ ସଙ୍ଗୀତ ତାଙ୍କ ବ୍ୟକ୍ତିତ୍ୱର କେବଳ ଗୋଟିଏ ଦିଗ ଥିଲା। ଭୂପେନ୍‌ଦା' ହୃଦୟରେ ଜଣେ ବୌଦ୍ଧିକ ବ୍ୟକ୍ତିତ୍ୱ ଥିଲେ। ସେ ଜିଜ୍ଞାସୁ, ସ୍ପଷ୍ଟବାଦୀ ଥିଲେ ଏବଂ ଦୁନିଆକୁ ଜାଣିବାର ଏକ ଅତୃପ୍ତ ଇଚ୍ଛା ତାଙ୍କ ଭିତରେ ରହିଥିଲା। ଜ୍ୟୋତି ପ୍ରସାଦ ଅଗ୍ରୱାଲା ଏବଂ ବିଷ୍ଣୁ ପ୍ରସାଦ ରଭାଙ୍କ ପରି ସାଂସ୍କୃତିକ କିମ୍ବଦନ୍ତୀଙ୍କ ବ୍ୟକ୍ତିତ୍ୱ ତାଙ୍କ ମନରେ ଗଭୀର ଛାପ ଛାଡ଼ିଥିଲା। ଏହା ତାଙ୍କର ଜିଜ୍ଞାସୁ ମନୋଭାବକୁ ମଧ୍ୟ ଗଭୀର କରିଥିଲା। ଶିଖିବା ପ୍ରତି ତାଙ୍କର ଅଦମ୍ୟ ଇଚ୍ଛା, ତାଙ୍କୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କଟନ କଲେଜ ପର୍ଯ୍ୟନ୍ତ ଟାଣିଆଣି ଥିଲା। ସେ ବିଏଚ୍‌ୟୁରେ ରାଜନୀତି ବିଜ୍ଞାନର ଛାତ୍ର ଥିଲେ, କିନ୍ତୁ ତାଙ୍କର ଅଧିକାଂଶ ସମୟ ସଙ୍ଗୀତ ସାଧନାରେ ବିତୁଥିଲା। ବନାରସ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ସଙ୍ଗୀତମନସ୍କ କରିଥିଲା। କାଶୀର ସାଂସଦ ହୋଇଥିବା ଦୃଷ୍ଟିରୁ ତାଙ୍କ ଜୀବନଯାତ୍ରା ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ ମୋଡ଼କୁ ଅନୁଭବ କରିପାରୁଛି ଏବଂ ଏହାକୁ ନେଇ ମୁଁ ଅତ୍ୟନ୍ତ ଗର୍ବିତ। କାଶୀଠାରୁ ଆଗକୁ ବଢ଼ିଥିବା ଜୀବନଯାତ୍ରାରେ ସେ କିଛି ସମୟ ଆମେରିକାରେ ବିତାଇଥିଲେ। ସେଠାରେ ସେ ତତ୍କାଳୀନ ସମୟର ଶ୍ରେଷ୍ଠ ବିଦ୍ୱାନ୍, ଚିନ୍ତାନାୟକ ଏବଂ ସଙ୍ଗୀତଜ୍ଞମାନଙ୍କ ସହ ବିଚାର ମନ୍ଥନ କରିବାର ସୁଯୋଗ ପାଇଥିଲେ। ସେ କିମ୍ବଦନ୍ତୀ କଳାକାର ଏବଂ ମାନବାଧିକାର ନେତା ପଲ୍ ରବସନଙ୍କୁ ଭେଟିଥିଲେ। ରବସନଙ୍କ ଗୀତ 'ଓଲ୍ଡ ମ୍ୟାନ ରିଭର' ଭୂପେନ୍‌ଦା'ଙ୍କ ପ୍ରତୀକାତ୍ମକ ରଚନା 'ବିସ୍ତୀର୍ଣ୍ଣୋ ଦୁପାରେ...'ପାଇଁ ପ୍ରେରଣା ପାଲଟିଥିଲା। ଆମେରିକାର ପୂର୍ବତନ ପ୍ରଥମ ମହିଳା ଏଲିନର ରୁଜଭେଲ୍ଟ ତାଙ୍କୁ ଭାରତୀୟ ଲୋକ ସଙ୍ଗୀତ ପରିବେଷଣ ପାଇଁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଭୂପେନ୍ ହଜାରିକା ସଙ୍ଗୀତ ସହିତ ମା' ଭାରତୀଙ୍କର ଜଣେ ସଚ୍ଚା ଉପାସକ ଥିଲେ। ଭୂପେନ୍‌ଦା'ଙ୍କ ପାଖରେ ଆମେରିକାରେ ରହି ଉଚ୍ଚ ପଦପଦବୀ ହାସଲ କରିବାର ଅନେକ ବିକଳ୍ପ ଥିଲା, କିନ୍ତୁ ସେ ଭାରତ ଫେରିଆସିଲେ ଏବଂ ସଙ୍ଗୀତ ସାଧନାରେ ନିଜକୁ ନିମଗ୍ନ କରିଦେଲେ। ରେଡିଓରୁ ଆରମ୍ଭ କରି ରଙ୍ଗମଞ୍ଚ ପର୍ଯ୍ୟନ୍ତ, ଚଳଚ୍ଚିତ୍ରଠାରୁ ଆରମ୍ଭକରି ଶିକ୍ଷା ସମ୍ପର୍କିତ ଡକ୍ୟୁମେଣ୍ଟାରୀ ପର୍ଯ୍ୟନ୍ତ, ସେ ପ୍ରତ୍ୟେକ ମାଧ୍ୟମରେ ପାରଙ୍ଗମ ଥିଲେ। ସେ ଯେଉଁଠାକୁ ଯାଉଥିଲେ, ନୂଆ ପ୍ରତିଭାଙ୍କୁ ସମର୍ଥନ କରିବା ଉପରେ ଗୁରୁତ୍ୱ ଦେଉଥିଲେ। ଭୂପେନ୍‌ଦା'ଙ୍କର କୃତିରେ ଗୀତିକବିତାର ସୌନ୍ଦର୍ଯ୍ୟ ଭରିରହିଥିଲା। ସେ ଅବିସ୍ମରଣୀୟ ସାମାଜିକ ବାର୍ତ୍ତା ମଧ୍ୟ ଦେଇଥିଲେ। ଗରିବ ଓ ଅବହେଳିତଙ୍କ ପାଇଁ ନ୍ୟାୟ, ଗ୍ରାମୀଣ ବିକାଶ, ସାଧାରଣ ନାଗରିକଙ୍କ ଶକ୍ତି ଇତ୍ୟାଦି ପ୍ରସଙ୍ଗକୁ ସ୍ପର୍ଶକରିଥିଲା। ତାଙ୍କ ସଙ୍ଗୀତ ମାଧ୍ୟମରେ ସେ ଆସାମର ବ୍ରହ୍ମପୁତ୍ର ସମେତ ଅନ୍ୟାନ୍ୟ ନଦୀମାନଙ୍କରେ ନୌକା ବାହିନେଉଥିବା ନାଉରିଆ, ଚା' ବଗିଚା ଶ୍ରମିକ, ମହିଳା, କୃଷକ ଆଦିଙ୍କ ଆଶା ଆକାଂକ୍ଷାକୁ ସ୍ୱର ଦେଇଥିଲେ। ତାଙ୍କ ରଚନା ଲୋକମାନଙ୍କର ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରୁଥିଲା। ଭୂପେନ୍‌ଦା'ଙ୍କ କୃତି ଆଧୁନିକତାକୁ ଦେଖିବା ପାଇଁ ଏକ ଶକ୍ତିଶାଳୀ ଦୃଷ୍ଟିକୋଣ ମଧ୍ୟ ପାଲଟିଥିଲା। ଅନେକ ଲୋକ, ବିଶେଷକରି ସାମାଜିକ ଭାବରେ ପଛୁଆବର୍ଗର ଲୋକମାନେ ତାଙ୍କ ସଙ୍ଗୀତରୁ ଶକ୍ତି ଏବଂ ଆଶା ପାଇଛନ୍ତି... ଆଜି ମଧ୍ୟ ପାଉଛନ୍ତି। ଭୂପେନ୍‌ଦା'ଙ୍କ ଜୀବନ ଯାତ୍ରାରେ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଭାବନାର ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳିଥାଏ। ତାଙ୍କର କୃତି ଦେଶସାରା ଲୋକଙ୍କୁ ଏକତ୍ରିତ କରିବା ପାଇଁ ଭାଷାଗତ ଏବଂ ଆଞ୍ଚଳିକ ସୀମା ଅତିକ୍ରମ କରିଥିଲା। ସେ ଅହମିୟା, ବଙ୍ଗଳା ଏବଂ ହିନ୍ଦୀ ଭାଷାରେ ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଥିଲେ। ତାଙ୍କ ସ୍ୱରରେ ଯେଉଁ ପୀଡ଼ାର କାହାଣୀ ରହିଥିଲା, ତାହା ସବୁବେଳେ ଆମ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥାଏ। 'ଦିଲ୍ ହୁମ୍ ହୁମ୍ କରେ'ରେ ଯେଉଁ ପୀଡ଼ାର ପ୍ରଭାବ ଦେଖିବାକୁ ମିଳିଥାଏ, ତାହା ସିଧା ହୃଦୟର ଗଭୀରତାକୁ ସ୍ପର୍ଶ କରିନିଏ। ଆଉ ଯେତେବେଳେ ସେ ପଚାରନ୍ତି, ଗଙ୍ଗା ବହତି ହେ କ୍ୟୁଁ', ଏମିତି ଲାଗେ ଯେମିତି ପ୍ରତ୍ୟେକ ଆତ୍ମାକୁ ବିଦାରିତ କରି ସେ ଜବାବ ମାଗୁଛନ୍ତି। ସେ ସାରା ଭାରତ ଆଗରେ ଆସାମର କଥା କହିଥିଲେ, ଦେଖାଇଥିଲେ ଏବଂ ଅନୁଭବ କରାଇଥିଲେ। ଏହା କହିବା ଆଦୌ ଅତିଶୟୋକ୍ତି ହେବ ନାହିଁ ଯେ ସେ ଆଧୁନିକ ଆସାମର ସାଂସ୍କୃତିକ ପରିଚୟ ଗଢ଼ିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଆସାମ ଭିତରେ ଏବଂ ସାରା ଦୁନିଆରେ ଥିବା ପ୍ରବାସୀ ଆସାମୀଙ୍କ ପାଇଁ ସେ ଆସାମର ସ୍ୱର ପାଲଟିଥିଲେ। ଭୂପେନ୍‌ଦା' ଜଣେ ରାଜନୈତିକ ବ୍ୟକ୍ତି ନ ଥିଲେ, କିନ୍ତୁ ସେ ଜନସେବା ଜଗତ ସହିତ ନିବିଡ଼ ଭାବରେ ଜଡ଼ିତ ଥିଲେ। ୧୯୬୭ ମସିହାରେ ସେ ଆସାମର ନୌବୋଇଚା ନିର୍ବାଚନମଣ୍ଡଳୀରୁ ଜଣେ ନିର୍ଦ୍ଦଳୀୟ ବିଧାୟକ ଭାବରେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହା ଦେଖାଇଥିଲା ଯେ ସାଧାରଣ ଲୋକଙ୍କର ତାଙ୍କ ଉପରେ କେତେ ବିଶ୍ୱାସ ଥିଲା। ସେ ରାଜନୀତିକୁ ନିଜ କ୍ୟାରିଅର ରୂପେ ବାଛି ନ ଥିଲେ, କିନ୍ତୁ ସବୁବେଳେ ଲୋକଙ୍କ ସେବାରେ ନିୟୋଜିତ ରହିଥିଲେ। ଭାରତବାସୀ ଏବଂ ଭାରତ ସରକାର ବର୍ଷ ବର୍ଷଧରି ତାଙ୍କର ବିପୁଳ ଅବଦାନକୁ ସ୍ୱୀକୃତି ପ୍ରଦାନ କରିଆସିଛନ୍ତି। ତାଙ୍କୁ ପଦ୍ମଶ୍ରୀ, ପଦ୍ମଭୂଷଣ, ପଦ୍ମବିଭୂଷଣ, ଦାଦାସାହେବ ଫାଲ୍‌କେ ପୁରସ୍କାର ଏବଂ ଅନ୍ୟାନ୍ୟ ବହୁ ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୯ରେ ଆମ କାର୍ଯ୍ୟକାଳ ମଧ୍ୟରେ ତାଙ୍କୁ ଭାରତରତ୍ନ ସମ୍ମାନ ପ୍ରଦାନ କରାଯିବା ମୋ ପାଇଁ ବ୍ୟକ୍ତିଗତ ଭାବରେ ଏବଂ ଏନ୍‌ଡିଏ ସରକାରଙ୍କ ଲାଗି ଏକ ଗୌରବର ମୁହୂର୍ତ୍ତ ଥିଲା। ସାରା ବିଶ୍ୱର ଲୋକମାନେ, ବିଶେଷକରି ଆସାମ ଏବଂ ଉତ୍ତର-ପୂର୍ବାଞ୍ଚଳର ଜନସାଧାରଣ ତାଙ୍କୁ ଏହି ସମ୍ମାନରେ ଭୂଷିତ କରାଯାଇଥିବାରୁ ଅପାର ଆନନ୍ଦ ପ୍ରକାଶ କରିଥିଲେ। ଏହା ଥିଲା ଭୂପେନ୍‌ଦା'ଙ୍କ ହୃଦୟରେ ଥିବା ସିଦ୍ଧାନ୍ତ ପ୍ରତି ସମ୍ମାନ। ସେ କହୁଥିଲେ, ସତ୍ୟତାରୁ ନିଃସୃତ ହୋଇଥିବା ସଙ୍ଗୀତ କୌଣସି ଗୋଟିଏ ପରିଧି ମଧ୍ୟରେ ସୀମିତ ରହି ନ ଥାଏ। ଗୋଟିଏ ଗୀତ ଲୋକଙ୍କ ସ୍ୱପ୍ନରେ ଡେଣା ଯୋଡ଼ି ପାରେ ଏବଂ ସାରା ଦୁନିଆର ଲୋକଙ୍କ ହୃଦୟକୁ ଛୁଇଁ ପାରେ। ୨୦୧୧ରେ ଭୂପେନ୍‌ଦା'ଙ୍କ ବିୟୋଗ ସମୟ ମୋର ମନେଅଛି। ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟାରେ ଲକ୍ଷଲକ୍ଷ ଲୋକ ସାମିଲ ହେବା ମୁଁ ଟିଭିରେ ଦେଖିଛି। ସେହି ସମୟରେ ପ୍ରତ୍ୟେକ ଆଖି ଲୁହଛଳଛଳ ଥିଲା। ବଞ୍ଚିଥିବା ସମୟ ଭଳି ମୃତ୍ୟୁ ସମୟରେ ମଧ୍ୟ ଲୋକମାନେ ତାଙ୍କ ସହ ରହିଥିଲେ। ସେଥିପାଇଁ ତାଙ୍କୁ ବ୍ରହ୍ମପୁତ୍ର ନଦୀ ଆଡ଼କୁ ମୁହଁ କରାଇ ଜାଲୁକବାଡ଼ି ପାହାଡ଼ ଉପରେ ଅନ୍ତିମ ବିଦାୟ ଦିଆଯାଇଥିଲା। ବ୍ରହ୍ମପୁତ୍ର ହେଉଛି ସେହି ନଦୀ ଯାହା ତାଙ୍କର ସଙ୍ଗୀତ, ତାଙ୍କର ପ୍ରତୀକ ଏବଂ ସ୍ମୃତିଗୁଡ଼ିକର ଜୀବନରେଖା ସାଜିଥିଲା। ଆସାମ ସରକାର ଭୂପେନ୍ ହଜାରିକା ସାଂସ୍କୃତିକ ଟ୍ରଷ୍ଟର କାର୍ଯ୍ୟକୁ ପ୍ରୋତ୍ସାହନ ଯୋଗାଇଦେବା ଖୁସିର ବିଷୟ। ଏହି ଟ୍ରଷ୍ଟ ଯୁବପିଢ଼ିଙ୍କ ମଧ୍ୟରେ ଭୂପେନ୍‌ଦା'ଙ୍କ ଜୀବନ ଯାତ୍ରାକୁ ଯୋଡ଼ିବାରେ ନିୟୋଜିତ ରହିଛି। ଭୂପେନ୍‌ଦା'ଙ୍କ ସାଂସ୍କୃତିକ ପରମ୍ପରାକୁ ସମ୍ମାନ ଦେବା ଲାଗି ଦେଶର ସବୁଠୁ ବଡ଼ ସେତୁକୁ ଭୂପେନ୍ ହଜାରିକା ସେତୁ ନାମରେ ନାମକରଣ କରାଯାଇଛି। ୨୦୧୭ରେ ଯେତେବେଳେ ମୋତେ ଏହି ସେତୁ ଉଦ୍‌ଘାଟନ କରିବାର ସୁଯୋଗ ମିଳିଲା, ସେତେବେଳେ ମୁଁ ଅନୁଭବ କରିଥିଲି ଯେ ଆସାମ ଏବଂ ଅରୁଣାଚଳ ପ୍ରଦେଶକୁ ଯୋଡ଼ିଥିବା ତଥା ଦୁଇ ରାଜ୍ୟ ମଧ୍ୟରେ ଦୂରତା ହ୍ରାସ କରୁଥିବା ଏହି ସେତୁର ନାମକରଣ ଭୂପେନ୍‌ଦା'ଙ୍କ ନାମରେ ହେବା ସବୁଠୁ ଉପଯୁକ୍ତ ହେବ। ଭୂପେନ୍ ହଜାରିକାଙ୍କ ଜୀବନ ଆମକୁ କରୁଣାର ଶକ୍ତି ବିଷୟରେ ଅନୁଭବ କରାଇଥାଏ। ଲୋକଙ୍କ କଥା ଶୁଣିବା ଏବଂ ନିଜ ମାଟି ସହ ଯୋଡ଼ି ହୋଇ ରହିବା ଶିଖାଇଥାଏ। ଆଜି ବି ପିଲାଠୁ ବୁଢ଼ା ଯାଏ ସମସ୍ତଙ୍କ କଣ୍ଠରେ ତାଙ୍କର ଗୀତ ଶୁଣିବାକୁ ମିଳିଥାଏ। ତାଙ୍କ ସଙ୍ଗୀତ ଆମକୁ ସ୍ୱାଭିମାନୀ ଏବଂ ସାହସୀ ହେବାକୁ ଶିଖାଏ। ଏହା ଆମକୁ ଆମ ନଦୀ, ଆମ ଶ୍ରମିକ, ଆମ ଚା' ବଗିଚା ଶ୍ରମିକ, ଆମ ନାରୀଶକ୍ତି ଏବଂ ଆମ ଯୁବଶକ୍ତିକୁ ମନେରଖିବାକୁ ଅନୁପ୍ରାଣିତ କରେ। ଏହା ଆମକୁ ବିବିଧତା ମଧ୍ୟରେ ଏକତାରେ ବିଶ୍ୱାସ କରିବାକୁ ପ୍ରେରଣା ଦେଇଥାଏ। ଭୂପେନ୍ ହଜାରିକାଙ୍କ ଭଳି ଜଣେ ଉଜ୍ଜ୍ୱଳ ପ୍ରତିଭାଙ୍କୁ ପାଇ ଭାରତ ଧନ୍ୟ ହୋଇଛି। ଆମେ ତାଙ୍କ ଜନ୍ମଶତାବ୍ଦୀ ବର୍ଷ ପାଳନ ଆରମ୍ଭ କରୁଛୁ। ଆସନ୍ତୁ ଆମେ ତାଙ୍କ ବାର୍ତ୍ତାକୁ ଦୂରଦୂରାନ୍ତରରେ ପହଞ୍ଚାଇବା ଲାଗି ଆମ ପ୍ରତିବଦ୍ଧତାକୁ ଦୋହରାଇବା। ଏହି ସଂକଳ୍ପ ଆମକୁ ସଙ୍ଗୀତ, କଳା ଏବଂ ସଂସ୍କୃତି ପାଇଁ ଅଧିକ କାମକରିବା ଲାଗି ପ୍ରେରଣା ଦେଉ, ନୂଆ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରୁ, ଭାରତରେ ସୃଜନଶୀଳତା ଏବଂ କଳାତ୍ମକ ଉତ୍କର୍ଷକୁ ଆଗକୁ ବଢ଼ାଉ। ମୋର ଅନେକ ଅନେକ ଶୁଭକାମନା।

# ଶାନ୍ତିର ସନ୍ଧାନ



ଅଲେଖ ଚନ୍ଦ୍ର ମିଶ୍ର

ଶାନ୍ତିକିଏ ନ ଚାହେଁ ? ହେଲେ ପାଆନ୍ତି କେତେଜଣ ? ଏ ପ୍ରଶ୍ନ ଯୁଗ ଯୁଗ ଧରି ଅସମାହିତ ରହିଆସିଛି; କାରଣ ଶାନ୍ତିର ମାର୍ଗ ଅସ୍ପଷ୍ଟ ଯାହା ଏକ ବ୍ୟକ୍ତିଗତ ବ୍ୟାପାର ହେଲେ ବି ସାମଗ୍ରିକ ସ୍ଥିତି ଉପରେ ନିର୍ଭରଶୀଳ। ଅନେକଙ୍କର ଧାରଣା ସୁଖ ହିଁ ଶାନ୍ତିର ମୁଖ୍ୟ ଉତ୍ସ। କିନ୍ତୁ ସୁଖ ଓ ଶାନ୍ତି ଦୁଇଟି ଅଲଗା କଥା। ସୁଖରେ ଥିବା ଲୋକ ଅଶାନ୍ତିରୁ ମୁକ୍ତ ନୁହେଁ, ଶାନ୍ତିରେ ଥିବା ଲୋକ ସୁଖ ପଛରେ ଧାଏଁନା। ଏହାର ଏକ ବଳିଷ୍ଠ ଉଦାହରଣ ପୃଥିବୀର ସର୍ବଶ୍ରେଷ୍ଠ ଧନୀ ଷ୍ଟିଭ ଜବ୍ସଙ୍କ ଜୀବନ କାହାଣୀ। ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ମାତ୍ର ୫୨ ବର୍ଷ ବୟସରେ ଦେହତ୍ୟାଗ କଲାବେଳେ (୨୦୧୩) ସେ କହିଥିଲେ, ''ଧନ ବଳରେ ମୁଁ ସବୁ କିଛି ପାଇଛି, ଏପରି କିଛି ଜିନିଷ ନାହିଁ ଯାହା ମୋର ଅପ୍ରାପ୍ୟ। କିନ୍ତୁ ଏ ରୋଗରୁ ମୁକ୍ତି ପାଇଁ କିମ୍ବା ଆସନ୍ନ ମୃତ୍ୟୁକୁ କିଛି ସମୟ ପାଇଁ ଘୁଞ୍ଚେଇ ଦେବା ପାଇଁ ମୋର ସକଳ ଧନ ସଂପତ୍ତି ଅସମର୍ଥ। ଅତଏବ ଧନ ଯେ ସବୁ କିଛି ଦେଇପାରେ ଏହା ଭୁଲ୍''।

କେହି କେହି ଭାବନ୍ତି ପ୍ରାପ୍ତି ହିଁ ଶାନ୍ତି ପ୍ରଦାନ କରେ। ନିଜର ଈପ୍ସିତ ବସ୍ତୁ ମିଳିଗଲେ ଶାନ୍ତି ଆପେ ମିଳିଯାଏ। କିନ୍ତୁ ରାଜା ମିଦାସ ଓ କୃଷକ ପୋହାମଙ୍କ କଥା (ଟଲଷ୍ଟୟଙ୍କ କାହାଣୀ ହାଓ ମଚ ଲ୍ୟାଣ୍ଡ ଡଜ୍ ଏ ମ୍ୟାନ ନିଡ୍) ଟିକେ ମନେପକାନ୍ତୁ ତ! ଜଣେ ନିଜ ଇଚ୍ଛା ମୁତାବକ ସୁନା ତ ପାଇଥିଲେ ହେଲେ ହରେଇଥିଲେ ନିଜର ଏକମାତ୍ର ଅଲିଅଳି କନ୍ୟାକୁ। ଅନ୍ୟ ଜଣକ ଯେତେ ଇଚ୍ଛା ଜମି ସଂଗ୍ରହ କରୁ କରୁ ନିଜର ଜୀବନ ହରେଇଥିଲେ। ସେଥିପାଇଁ ପ୍ରଖ୍ୟାତ ରୁଷ ଦାର୍ଶନିକ କାଉଣ୍ଟ ଲିଓ ଟଲଷ୍ଟୟ କହି ଯାଇଛନ୍ତି, ''ଏଭ୍ରି ପଜେଶନ ଇଜ୍ ୱାନ ୱିଥ୍ ଲସ୍'' ( ପ୍ରତ୍ୟେକ ପ୍ରାପ୍ତି ପଛରେ କିଛି ହରେଇବା ଥାଏ)। କାରଣ ପ୍ରାପ୍ତିର ପରିସର ଅସୀମ ଯାହାର ଆରମ୍ଭ ତ ଥାଏ କିନ୍ତୁ ଶେଷ ନ ଥାଏ। ତା' ପଛରେ ଧାଇଁଲେ କେବଳ ଧାଇଁବା ହିଁ ସାର ହୁଏ। ଶାନ୍ତିରେ ଶେଷ ନିଃଶ୍ୱାସ ତ୍ୟାଗ କରିବା ପାଇଁ ଧାଉଁଥିବା ଅବସ୍ଥାରେ ମୃତ୍ୟୁ ଆସିଯାଏ। ହେଲେ ତା' ପରେ ବି ଶାନ୍ତିର ସନ୍ଧାନ ଶେଷ ହୁଏନା ଏବଂ ପ୍ରେତକର୍ମ, ନୀରବ ପ୍ରାର୍ଥନା, ମହମବତି ପ୍ରଜ୍ୱଳନ, ଶୋଭାଯାତ୍ରା, ସମୂହ ଦୀପଦାନ, ସାମୂହିକ ତିଳତର୍ପଣ, ସ୍ମୃତିଚାରଣ, ପିଣ୍ଡ ଦାନ ଇତ୍ୟାଦି ମାଧ୍ୟମରେ ଦିବଂଗତ ଆତ୍ମାର ଶାନ୍ତି ପାଇଁ ପ୍ରଚେଷ୍ଟା କରାଯାଏ।



ଶାନ୍ତି ପାଇବା ପାଇଁ କେବେ କେବେ ଭୌତିକ କ୍ରିୟାର ସାହାରା ନିଆଯାଏ ଯଥା ଗୁଣି ଗାରେଡ଼ି, ଗ୍ରହଶାନ୍ତି, ଦରିଦ୍ର ନାରାୟଣ ସେବା, ଶକ୍ତି ପୀଠରେ ବଳିଦାନ, ଓଷା, ବାର, ବ୍ରତ, ବିଭିନ୍ନ ପୂଜାର୍ଚ୍ଚନା, ଧର୍ମାନୁଷ୍ଠାନ, ଯଜ୍ଞ, ଦାନ, ପଶୁପକ୍ଷୀଙ୍କର ହେପାଜତ, ବର ଓସ୍ତ ବିବାହ ଇତ୍ୟାଦି। ସେହିପରି ସେବା ପ୍ରଦାନ ଶାନ୍ତିର ଏକ ମାର୍ଗ ବୋଲି କେହି କେହି ସେଥିରେ ମନୋନିବେଶ କରନ୍ତି, କିନ୍ତୁ ସେଥିରେ ପ୍ରଚ୍ଛନ୍ନ ଭାବରେ ନିହିତ ସ୍ୱାର୍ଥ ଓ ଅହଂଭାବ ଶାନ୍ତିକୁ ଅଶାନ୍ତିରେ ପରିଣତ କରିଦିଏ।

କେତେକଙ୍କର ବିଶ୍ୱାସ କ୍ଷମତା, ପ୍ରତିପତ୍ତି, ପ୍ରଭୁତ୍ୱ ଭଳି ପାର୍ଥିବ ବସ୍ତୁରେ ଶାନ୍ତି ଥାଏ ; କିନ୍ତୁ ତ୍ରିପୁର ବିଜୟୀ ରାବଣ କିମ୍ବା କ୍ଷମତାଲୋଭୀ ଦୁର୍ଯ୍ୟୋଧନ ଭଳି ଅନେକ ଦୃଷ୍ଟାନ୍ତ ଏହାର ବିରୋଧାଭାସ। ଏପରିକି ପାଶ୍ଚାତ୍ୟ ସାହିତ୍ୟର ଲୋକପ୍ରିୟ କବିତା ''ମିଲର୍ ଅଫ ଦ ଡି'' ର ବର୍ଣ୍ଣନା ଅନୁଯାୟୀ ନଦୀ କୂଳରେ ମନ ଉଲ୍ଲାସରେ ଗୀତ ଗାଉଥିବା ଏକ ଅଟାକଳର ମାଲିକକୁ ଦେଖି ସ୍ୱୟଂ ବ୍ରିଟିଶ ରାଜା ହଲ୍ ତାକୁ ପ୍ରଶଂସା କରି କହିଥିଲେ, ''ହେ ମିଲ୍ ବାଲା ତୁମର ଟୋପି ମୋର ରାଜ ମୁକୁଟ ଏବଂ ତୁମର କଳ ମୋର ରାଜ୍ୟଠାରୁ ମୂଲ୍ୟବାନ। ତୁମଭଳି ଲୋକ ଇଂଲଣ୍ଡର ଗୌରବ''। ଅତଏବ ଶାନ୍ତି ଏକ ଆପେକ୍ଷିକ ଶବ୍ଦ ଯାହା ଖୋଜିଲେ ମିଳେନା, ନ ଖୋଜିଲେ ଅଜାଣତରେ ଆପେ ଆସିଯାଏ, ଯେପରି କ୍ଷୁଧାର୍ତ୍ତଟିଏ ପେଟ ଭରି ଖାଇଲା ପରେ, ତୃଷାର୍ତ୍ତଟିଏ ମନ ଭରି ପାଣି ପିଇଲା ପରେ, ରୋଗୀଟିଏ ଆରୋଗ୍ୟ ହେଲା ପରେ, ଉପରିସ୍ଥ କର୍ମ ଚାପରୁ ମୁକ୍ତି ଯଥା ମଳ ମୂତ୍ର ତ୍ୟାଗଜନିତ ଆଶ୍ୱସ୍ତି, କ୍ଲାନ୍ତି ପରେ ବିଶ୍ରାମ ମିଳିଲେ ଯେଉଁ ମାନସିକ ଉପଲବ୍ଧି ଅନୁଭୂତ ହୁଏ ତାହା ହିଁ ଶାନ୍ତିର କ୍ଷଣିକ ରୂପ ଯାହା ସଙ୍ଗେ ସଙ୍ଗେ ଉଭେଇ ଯାଏ, କାରଣ ଶାନ୍ତିର ମୁଖ୍ୟ ନିଦର୍ଶନ ହେଉଛି ଏହା ଅଳିକ। ନିରବଚ୍ଛିନ୍ନ ଶାନ୍ତି ଅସମ୍ଭବ। ଅନ୍ୟ ପକ୍ଷରେ ଏହା ଏକ ଆଭ୍ୟନ୍ତରୀଣ ସୂକ୍ଷ୍ମ ବିଭାବ ଯାହା କେବଳ ସାମୟିକ ଭାବରେ ହୃଦୟଙ୍ଗମ କରିହୁଏ। ନିଜ ଗର୍ଭରେ ଥିବା କସ୍ତୁରୀର ସୁଗନ୍ଧକୁ ବାରି ନ ପାରି ତା'ର ସନ୍ଧାନରେ ଇତସ୍ତତଃ ଧାଉଁଥିବା କୃଷ୍ଣସାର ଭଳି ମଣିଷର ଶାନ୍ତି ପ୍ରଚେଷ୍ଟା।

ସାରଦାଶ୍ରୀ ୯୦୪, ଶାସ୍ତ୍ରୀ ନଗର ୟୁନିଟ୍–୪
ଭୁବନେଶ୍ୱର, ମୋ:୯୪୩୮୬୭୩୮୯୮

## ଏଇ ଭାରତରେ

ରୋଗ ହେଲେ ସମସ୍ତେ ଡାକ୍ତର ପାଖକୁ ଯାଆନ୍ତି। କିନ୍ତୁ ଏଥିପାଇଁ କେହି କ'ଣ ମନ୍ଦିର ଲୁଟିବାକୁ ଯିବା କଥା ଶୁଣିଛନ୍ତି! ଏଭଳି ଘଟଣା ଦେଖିବାକୁ ମିଳିଛି ଛତିଶଗଡ଼ର ଦୁର୍ଗ ଅଞ୍ଚଳରେ। ଏଠାରେ ୪୫ ବର୍ଷୀୟ ଜଣେ ବ୍ୟକ୍ତି ଏବେ ପୋଲିସ ହାତରେ ଧରାପଡିଛନ୍ତି, ଯିଏ କି ଗତ ୧୦ ବର୍ଷ ହେଲାଣି ବିଭିନ୍ନ ମନ୍ଦିରରୁ ଚୋରି କରୁଥିଲେ। ତାଙ୍କର ଏପରି କରିବା ପଛର ଉଦ୍ଦେଶ୍ୟ ଥିଲା ଭଗବାନ୍‌ଙ୍କ ଉପରେ ପ୍ରତିଶୋଧ ନେବା। ପ୍ରକୃତ କଥା ହେଉଛି ଏହି ବ୍ୟକ୍ତି ଜଣକ ୨୦୧୨ରେ ଏକ ମାରପିଟ ଘଟଣାରେ ଜେଲ ଯାଇଥିଲେ। ଜେଲରୁ ବାହାରିବା ପରେ ସେ ଏଚ୍‌ଆଇଭି ପଜିଟିଭ୍ ବୋଲି ଜଣାପଡିଥିଲା। ଏହା ପରେ ସେ ଭାଙ୍ଗି ପଡିଥିଲେ। ଭଗବାନ୍‌ଙ୍କ ଉପରୁ ତାଙ୍କର ଭରସା ତୁଟି ଯାଇଥିଲା। ତାଙ୍କୁ ମନେହୋଇଥିଲା କି ଭଗବାନ୍ ହିଁ ତାଙ୍କୁ ଏଭଳି ଏକ ଭୟଙ୍କର ରୋଗ ଦେଇଛନ୍ତି। ତେଣୁ ସେ ଭଗବାନ୍‌ଙ୍କ ଉପରେ ପ୍ରତିଶୋଧ ନେବାକୁ ଯାଇ କୌଣସି ସ୍ଥାନରେ ମନ୍ଦିର ଦେଖିଲେ ସେଠାରୁ ବିଭିନ୍ନ ଜିନିଷ ଚୋରି କରି ନେଇଯାଉଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୮ ସେପ୍ଟେମ୍ବର ୧୯୭୬

- ବିଖ୍ୟାତ ବିପ୍ଳବୀ ଓ ସ୍ୱାଧୀନତା ସଂଗ୍ରାମୀ ତଥା କଂଗ୍ରେସ ପାର୍ଲାମେଣ୍ଟାରୀ ଦଳର ପୂର୍ବତନ ଉପନେତା ସୁରେନ୍ଦ୍ର ମୋହନ ଘୋଷଙ୍କ ୮୩ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଦିବସ ନିଶାର ଏହି ବିବାହ ସନ୍ଧୋଗେ
ପ୍ରତୀଚୀର ଅଙ୍ଗେ
ସନ୍ଧ୍ୟା–ସହଚରୀ କିବା ଲେଖଇ ଅଳତା
ପକ୍ଷୀଙ୍କଠୁ ମୁଖରଇ କି ମଙ୍ଗଳ କଥା !
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସତ୍ୟବାଦୀ ବ୍ଲକରେ ୟୁରିଆ ଅଭାବ

ମହାଶୟ,

ଏବେ ସମଗ୍ର ଓଡ଼ିଶାରେ ୟୁରିଆ ସାରର ଅଭାବ ଦେଖାଦେଇଛି। ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକର ୨୪ ପଞ୍ଚାୟତର ଚାଷୀଙ୍କୁ ଆବଶ୍ୟକ ଅନୁସାରେ ଏହା ମିଳୁ ନ ଥିବାରୁ ଅନେକ ସ୍ଥାନରେ ଚଢ଼ାଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ କୃଷି ବିଭାଗ ତଥ୍ୟ ଅନୁସାରେ ଏବେ ରାଜ୍ୟରେ ୫୭% ୟୁରିଆ ଅଭାବ ରହିଛି। ସତ୍ୟବାଦୀ ବ୍ଲକକୁ କେତେ ସାର ଯୋଗାଣ ହୋଇଛି ତାହାର ସବିଶେଷ ତଥ୍ୟ କୃଷିବିଭାଗ ପାଖରେ ଉପଲବ୍ଧ ନାହିଁ। ବର୍ତ୍ତମାନ ସୁଦ୍ଧା ସାର କଳାବଜାର ହେଉଥିଲେ ମଧ୍ୟ କୌଣସି ସ୍ଥାନରେ ସେହିଭଳି ଆଖିଦୃଶିଆ ଧରପଗଡ଼ ହେଉନାହିଁ। ଏ ନେଇ ବ୍ଲକ କୃଷି ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେହିଭଳି କିଛି ଅଭିଯୋଗ ଆସି ନ ଥିବା ପ୍ରକାଶ କରିଛନ୍ତି। ବିଭାଗୀୟ ମନ୍ତ୍ରୀ ଓ ପୁରୀ ଜିଲ୍ଲା ପ୍ରଶାସନ ଘଟଣାର ତଦନ୍ତ କରି କଳାବଜାରକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

–ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ଚିତ୍ର ଆଙ୍କିବା ଯାହାଙ୍କ ନିଶା

**ଗିନିଜ ବୁକ୍ ରେକର୍ଡ ଲକ୍ଷ୍ୟରେ ନମିତା**

ପିଲାବେଳୁ ପାଠପଢ଼ା ସହ ଚିତ୍ର ଆଙ୍କିବା ତାଙ୍କ ନିଶା । ଏହି ନିଶା ଏବେ ତାଙ୍କୁ ଜଣେ ସଫଳ ଚିତ୍ରଶିଳ୍ପୀ ଭାବେ ପରିଚିତ କରାଇଛି । ନିଜର ଉତ୍କୃଷ୍ଟ ଚିତ୍ରକଳା ପାଇଁ ୨୪ବର୍ଷ ବୟସରେ ସେ ଅନେକ ସଫଳତା ସାଉଁଟିବା ସହ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ-୨୦୨୫ରେ ସ୍ଥାନ ପାଇଛନ୍ତି । ଏଭଳି ଜଣେ ପ୍ରତିଭା ହେଉଛନ୍ତି ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଚକ୍ରାପାଢ଼ୀ ଗ୍ରାମର ନମିତା ବେହେରା । ସୁନ୍ଦର ଚିତ୍ର ଆଙ୍କି ନିଜ ଅଞ୍ଚଳ ପାଇଁ ଗୌରବ ଆଣିବା ସହ ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିଛନ୍ତି । ଆଗାମୀ ଦିନରେ ଗିନିଜ୍ ବୁକ୍ ରେକର୍ଡ ପାଇଁ ଲକ୍ଷ୍ୟ ରଖିଥିବା ନମିତା କହିଛନ୍ତି ।

ରବିନାରାୟଣ ବେହେରା ଓ ରେବତୀ ବେହେରାଙ୍କ ଏକମାତ୍ର ଝିଅ ନମିତା କୁହନ୍ତି, ସେ ସବୁବେଳେ ବିଭିନ୍ନ ଚିତ୍ର ଆଙ୍କିବାକୁ ଭଲପାଆନ୍ତି । ଏପରି କି କୋଭିଡ୍ ସମୟରେ ଘରେ ରହି ଚିତ୍ର ଆଙ୍କିବାରେ ହିଁ ତାଙ୍କର ଅଧିକାଂଶ ସମୟ ବିତିଥିଲା । ଆଗରପଡ଼ା କଲେଜରେ ଯୁକ୍ତ ୨ କଳା ଶେଷ ପରେ ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଭିଜୁଆଲ ଆର୍ଟରେ ଅଧ୍ୟୟନ ଶେଷ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ଫଟୋଚିତ୍ର ଆଙ୍କି ସେମାନଙ୍କୁ ପ୍ରଦାନ କରିଛନ୍ତି । ଏଭଳି ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଚିତ୍ର ସେ ଆଙ୍କିଛନ୍ତି । ଗତବର୍ଷ ଯାଜପୁର ଜିଲା ଚଣ୍ଡିଖୋଲରେ ଅନୁଷ୍ଠିତ ଏକ ସଭାରେ ପ୍ରଧାନମନ୍ତ୍ରୀ ମୋଦି ଯୋଗଦେବା ଅବସରରେ ତାଙ୍କ ହାତରୁ ଫଟୋଚିତ୍ର ଗ୍ରହଣ କରିବାର ମୁହୂର୍ତ୍ତ ଅବିସ୍ମରଣୀୟ ବୋଲି ନମିତା କହନ୍ତି । ଗୋଟିଏ ଫଟୋଚିତ୍ର ଅଙ୍କା ନ ସରିବା ଯାଏ ସେ ଶାନ୍ତିରେ ଶୋଇପାରନ୍ତି ନାହିଁ । ଏକ ମଧ୍ୟବିତ୍ତ ପରିବାରର ଆର୍ଥିକ ଅନଟନରେ ରହି ମଧ୍ୟ ଚିତ୍ର ଆଙ୍କିବା ତାଙ୍କର ନିଶା ପାଲଟି ଯାଇଛି । ମା' ବାପାଙ୍କ ସହଯୋଗ ଓ ପ୍ରେରଣା ତାଙ୍କୁ ସଫଳତା ଦେଇଛି । ଏହି ପ୍ରତିଭା ପାଇଁ ବଡ଼ ବଡ଼ ମଞ୍ଚରେ ସେ ସମ୍ବର୍ଦ୍ଧିତ ହୋଇଛନ୍ତି । ଗତ ଅଗଷ୍ଟରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସେ ସ୍ଥାନ ପାଇଛନ୍ତି । ଆଗାମୀ ଦିନରେ ବିଶ୍ୱସ୍ତରରେ ସଫଳ ହେବାକୁ ପ୍ରୟାସ ଜାରି ରଖିଥିବା ନମିତା କହିଛନ୍ତି ।

-ରିପୋର୍ଟ: **ସନାତନ ରାଉତ,** ଭଦ୍ରକ

**ବିପଦରେ ଉପକୂଳ ସୁରକ୍ଷା ପ୍ରାଚୀର**

# ଜଙ୍ଗଲ ଭରସାରେ ୫୦ଗାଁ



**ଏମାନେ କହନ୍ତି**

"ଅବାଧରେ ଗଛ କଟା ଏବଂ ପଥରବନ୍ଧ ନ ଥିବାରୁ ଜୁଆର ମାଡ଼ରେ ପଟୁ ମାଟି ଧୋଇଯିବାକାରଣରୁ ଏହି ଜଙ୍ଗଲ ନଷ୍ଟହେବାକୁ ବସିଲାଣି । ଏହି ଜଙ୍ଗଲ ସୁରକ୍ଷା ପାଇଁ ନଦୀର ସଂଯୋଗସ୍ଥଳ ପାର୍ଶ୍ୱରେ ପଥରବନ୍ଧ ସହିତ ଅଧିକରୁ ଅଧିକ ହେନ୍ତାଳ ଗଛ ଲଗାଇବାର ଆବଶ୍ୟକତା ରହିଛି ।

**-ଜୟନ୍ତୀ ଆଦିକ, କଷାଫଳ ସରପଞ୍ଚ**

"ଧୀରେ ଧୀରେ ସମୁଦ୍ର କୂଳ ଲଂଘି ଗାଁ ମୁହାଁ ହେଉଛି । ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ ହେନ୍ତାଳ ବଣ ସୃଷ୍ଟି କରିବା ଦିଗରେ ସରକାର ପଦକ୍ଷେପ ନେବା ଆବଶ୍ୟକ ।

**-ପ୍ରବୀର କୁମାର ସାହୁ, ଦୁବୁଲାଗଡ଼ି ସରପଞ୍ଚ**

"ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ ହେନ୍ତାଳ ଗଛ ରହିଛି । ବଳରାମଗଡ଼ି, ବାହାବଳପୁର, କଷାଫଳ ଆଦି ମୁହାଣରେ ଥିବା ହେନ୍ତାଳ ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ଜରୁରୀ ।

**-ନଳିନୀକାନ୍ତ ଦାସ, ବାହାବଳପୁର ସହକାରୀ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ**

ପ୍ରକୃତିର ଅବଦାନ ହେଉଛି ହେନ୍ତାଳ ବଣ ବା ଲୁଣା ଜଙ୍ଗଲ । ବାତ୍ୟା ଆସୁ କି ବନ୍ୟା ଜନବସତି ଓ ସମୁଦ୍ର ମଧ୍ୟରେ ସୁରକ୍ଷା ପାଚେରି ହୋଇ ଛିଡ଼ା ହୋଇଥାଏ । ଲମ୍ବା ଲମ୍ବା ବୃକ୍ଷ ରାଶି ମଣିଷ ତଥା ଜନବସତିକୁ ସୁରକ୍ଷା ଦେଇଥାଏ । ଉପକୂଳ ସୁରକ୍ଷାରେ ହେନ୍ତାଳ ବଣର ରହିଛି ବଡ଼ ଭୂମିକା । ଜୈବ ବିବିଧତା ଓ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଏହି ଲୁଣା ଜଙ୍ଗଲ ଗୁରୁଦାୟିତ୍ୱ ବହନ କରେ । କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟରୁ ଉପକୂଳକୁ ସୁରକ୍ଷା ଯୋଗାଉଥିବା ହେନ୍ତାଳ ବଣ ଏବେ ବିପଦରେ ।

ବାଲେଶ୍ୱର ଜିଲା ସଦର ବ୍ଲକର କଷାଫଳ, ସାର୍ଥା ଏବଂ ବାହାବଳପୁର ମୁହାଣକୁ ନେଇ ରହିଛି ତ୍ରିମୁଖୀ ମୁହାଣ । ଜଳକା ନଦୀର ସଂଯୋଗସ୍ଥଳ ହେଉଛି ଏହି ମୁହାଣ । ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ପ୍ରବଳ ଜୁଆର ଯୋଗୁ ଏହାର କୂଳ ଖାଇ ଗାଁ ମୁହାଁ ହେଉଥିଲା ସମୁଦ୍ର । ତେଣୁ ଏହାର କୂଳକୁ ସୁରକ୍ଷା ଦେବା ପାଇଁ ୨୦୦୫ରେ କଷାଫଳଠାରୁ ବାହାବଳପୁର ପର୍ଯ୍ୟନ୍ତ ପାଖାପାଖି ୩ କି.ମି. ଅଞ୍ଚଳରେ ହେନ୍ତାଳ ଗଛ ଲଗାଯାଇ ଜଙ୍ଗଲ ସୃଷ୍ଟି କରାଯାଇଥିଲା । ମାତ୍ର ଏହି ହେନ୍ତାଳ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା । ୨୦୨୧ ମସିହା ୟାସ୍ ବାତ୍ୟା ସମୟରେ ପ୍ରବଳ ଘୂର୍ଣ୍ଣିଝଡ଼ ଏବଂ ଜୁଆର ମାଡ଼ ଯୋଗୁ ଜଙ୍ଗଲ ନଷ୍ଟ ହୋଇଯାଇଥିଲା । ସ୍ଥାନୀୟ ଲୋକଙ୍କ ଦାବି ପରେ ବନ ବିଭାଗ ପକ୍ଷରୁ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ୬ ହେକ୍ଟର ଅଞ୍ଚଳରେ ପୁଣିଥରେ ହେନ୍ତାଳ ଗଛ ଲଗାଯାଇଥିଲା । ସୁରକ୍ଷା ଅଭାବରୁ ଏହି ଗଛସବୁ କ୍ରମେ ନଷ୍ଟ ହୋଇଗଲା । ଆଉ ଏହି ଜଙ୍ଗଲକୁ ଭରସାକରି ମୁହାଣ ତଳେ ରହିଥିବା ସାର୍ଥା ଏବଂ କଷାଫଳ ପଞ୍ଚାୟତର ୫୦ରୁ ଅଧିକ ଗାଁ ଏବେ ବିପଦରେ । ପଥରବନ୍ଧ କିମ୍ବା ଜଙ୍ଗଲ ନ ଥିବାରୁ ଉଚ୍ଚ ଜୁଆର ଆସିଲେ ଲୁଣି ପାଣି ସିଧାସଳଖ ଏହିସବୁ ଗାଁରେ ପଶିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

ମ୍ୟାନ୍‌ଗ୍ରୋଭ ବା ହେନ୍ତାଳ ଗଛ ଦଲଦଲି, ପଟୁ ମାଟି ଏବଂ କାଦୁଅ ସ୍ଥାନରେ ବହୁ ମାତ୍ରାରେ ହୋଇଥାଏ । ଏହି ଗଛରେ ବହୁ ପରିମାଣରେ ଔଷଧୀୟ ଗୁଣ ରହିଛି । ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ମାଟି ଲୁଣିଆ ଓ କମ୍ ଅକ୍ସିଜେନ ରହିଥାଏ । ଏହି ଗଛ ଏଭଳି ସ୍ଥାନରେ ଅଧିକ ହୋଇଥାଏ । ଏହା ଲୁଣିପାଣିରେ ନଷ୍ଟ ନ ହୋଇ ପ୍ରଚୁର ପରିମାଣରେ ଅକ୍ସିଜେନ ଦେଇଥାଏ । ପଟୁମାଟି ଏବଂ ଦଲଦଲି ସ୍ଥାନରେ ଏହି ଗଛର ଚେର ଜାଲ ଭଳି ବିଛେଇ ହୋଇ ରହୁଥିବାରୁ ମାଟି ଧୋଇବାରୁ ରକ୍ଷା କରିଥାଏ । ଲୁଣିପାଣିରେ ବଢୁଥିବାରୁ ବଡ଼ ବଡ଼ ସାମୁଦ୍ରିକ ଝଡ଼ ଏବଂ ଜୁଆର ଆସିଲେ ଏହି ଗଛ ନଷ୍ଟ ହୋଇ ନ ଥାଏ କି ମାଟି ଧୋଇବାକୁ ଦେଇ ନ ଥାଏ । ଏହି ଗଛର ମଞ୍ଜି ପଡ଼ି ଆପେ ଆପେ ଗଛ ଉଠୁଥିବାରୁ ଏହି ଜଙ୍ଗଲ ଅଧିକ ଘଞ୍ଚ ହୋଇଥାଏ ।



-ରିପୋର୍ଟ: **ବାଞ୍ଛାନିଧି ଦେ, ବାଲେଶ୍ୱର**

















# ସ୍ମୃତିର ମୂକସାକ୍ଷୀ ବେଲଗଡ଼ିଆ ପ୍ୟାଲେସ



ମୟୂରଭଞ୍ଜ ମହାରାଜାଙ୍କ ବେଲଗଡ଼ିଆ ପ୍ୟାଲେସ ପର୍ଯ୍ୟଟନ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଇତିହାସ, ସ୍ଥାପତ୍ୟ ଏବଂ ରାଜକୀୟ ଐତିହ୍ୟର ଏକ ମନୋରମ ମିଶ୍ରଣ ହେଉଛି ଏହି ପ୍ୟାଲେସ। ଯାହାର ମୂଳରେ ଏକ ରୋମାଣ୍ଟିକ ଏବଂ ସାଂସ୍କୃତିକ କାହାଣୀ ଲୁଚି ରହିଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏବଂ ସୁଚାରୁ ଦେବୀଙ୍କ ଅପୂର୍ଣ୍ଣ ପ୍ରେମ କାହାଣୀର ସ୍ମୃତି ଭାବେ ଏହା ଦଣ୍ଡାୟମାନ । ସ୍ୱଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଅତିଥିଶାଳା ଭାବେ ପରିଚିତ ଏହ ରାଜପ୍ରାସାଦ ଏବେ ଐତିହ୍ୟ 'ବୁଟିକ୍ ହୋମ ଷ୍ଟେ' ଭାବେ ରୂପାନ୍ତରଣ କରାଯାଇଛି । ଫଳରେ ଏଠାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଥିବା ବେଳେ ବିଦେଶୀ ରାଷ୍ଟ୍ରଦୂତଙ୍କ ଗସ୍ତ ଯୋଗୁ ମୟୂରଭଞ୍ଜ ଜିଲା ପର୍ଯ୍ୟଟନ କ୍ଷେତ୍ରରେ ନୂଆ ଆଶା ସଞ୍ଚାର ହେବାରେ ଲାଗିଛି । ପର୍ଯ୍ୟଟକଙ୍କ ଖାଦ୍ୟପେୟ, ରହଣି ଓ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଜିଲାର କଳା, ସଂସ୍କୃତି ଓ ପରମ୍ପରାକୁ ଉଦ୍‌ଜୀବିତ କରିବାରେ ଲାଗିଛି। ଫଳରେ କଳା ସହ ଜଡ଼ିତ କଳାକାର ଏବଂ ହସ୍ତ ଓ ବୟନ ଶିଳ୍ପର କାରିଗରମାନଙ୍କ ଜୀବନଜୀବିକାରେ ଉନ୍ନତି ଘଟିଛି।

୧୫ ଏକର ଜମି ପରିମିତ ଅଞ୍ଚଳରେ ନିର୍ମିତ ଏହି ପ୍ୟାଲେସରେ ରହିଛି ୧୨ଟି ବିଳାସପୂର୍ଣ୍ଣ କୋଠରୀ ସହିତ ମ୍ୟୁଜିୟମ। ଏହାର ଚାରିପଟେ ଝିରିବନ୍ଧ, ଚିପଟ ଓ ବୁଢ଼ାବଳଙ୍ଗ ନଦୀ ଘେରି ରହିଥିବା କାରଣରୁ ଏଠାରେ ଅପେକ୍ଷାକୃତ ଥଣ୍ଡା ଅନୁଭୂତ ହୋଇଥାଏ । ତେଣୁ ଏହାକୁ ସମର ପ୍ୟାଲେସ (ଗ୍ରୀଷ୍ମ ରାଜପ୍ରାସାଦ) ମଧ୍ୟ କୁହାଯାଇଥାଏ । ଖରାଦିନେ ରାଜବାଟୀ ଛାଡି ରାଜପରିବାର ସଦସ୍ୟମାନେ ଏଠାରେ ସମୟ ଅତିବାହିତ କରି ଗ୍ରୀଷ୍ମ ଲାଘବ କରିଥାନ୍ତି । ମହାରାଣୀ ସୁଚାରୁ ଦେବୀଙ୍କ ସୂକ୍ଷ୍ମ ରୁଚିକୁ ସମ୍ମାନ ଜଣାଇ 'ଦାର୍ଶନିକ ରାଜା' ଭାବେ ପରିଚିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ପ୍ୟାଲେସକୁ ପୁନଃ ନିର୍ମାଣ କରିଥିଲେ । ଏଥିରେ ଫର୍ଣ୍ଣିଚର, ଚିତ୍ରକଳା ଏବଂ ସାଜସଜ୍ଜା ସମେତ ତାଙ୍କର କଳାତ୍ମକ ସମ୍ବେଦନଶୀଳତା ମିଶାଇ ଦେଇଥିଲେ।

ପରବର୍ତ୍ତୀ ସମୟରେ ଭଞ୍ଜବଂଶର ୪୭ତମ ଶାସକ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଜୟସାଲମେର ରାଜପରିବାରର ତାଙ୍କ ପତ୍ନୀ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏବଂ ସେମାନଙ୍କ ଝିଅ ମ୍ରିନାଲିକା ମଞ୍ଜରୀ ଓ ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ବସବାସ କରୁଛନ୍ତି। ୨୦୧୫ରୁ ଭଉଣୀମାନେ ରାଜପ୍ରାସାଦର ଏକ ଅଂଶକୁ ଐତିହ୍ୟ ବୁଟିକ ହୋମ ଷ୍ଟେ' ରେ ପରିଣତ କରିଛନ୍ତି। ୧୬୦୦ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନଙ୍କ ମୟୂରଭଞ୍ଜ ଆକ୍ରମଣ ସମୟରେ ସେମାନଙ୍କ ନିକଟରୁ ଜବତ ହୋଇଥିବା ୮ଟି ତୋପ ପ୍ୟାଲେସ ସମ୍ମୁଖରେ ସ୍ଥାପନ କରାଯାଇଛି । ସେହିପରି ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ମିତ୍ରଶକ୍ତି ପକ୍ଷରୁ ଲଢ଼ିବା ପାଇଁ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ୧୦ହଜାର ସୈନିକଙ୍କୁ ନେଇ ବିଦେଶ ଯାତ୍ରା କରିଥିଲେ। ଉକ୍ତ ଯୁଦ୍ଧରେ ସେ ବ୍ୟବହାର କରୁଥିବା ୨ଟି ଲାଇଟ ମେଶିନ ଗନ୍‌କୁ ମଧ୍ୟ ଏଠାରେ ରଖାଯାଇଛି। ଏହା ବ୍ୟତୀତ ରାଜ ଦରବାର ସମୟରେ ରାଜପରିବାର ବ୍ୟବହାର କରୁଥିବା ଗ୍ରାମଫୋନ, ସ୍ୱାଧୀନତା ପୂର୍ବର କ୍ୟାଲେଣ୍ଡର, ମୟୂରଭଞ୍ଜ ଇତିହାସ ସମ୍ପର୍କିତ କଳାଧଳା ଫଟୋଚିତ୍ର, ବନ୍ୟଜନ୍ତୁଙ୍କ ଦେହାବଶେଷ, ବେଲଜିୟମରୁ ଅଣାଯାଇଥିବା ମୟୂରଭଞ୍ଜ ଲଗୋ ଦ୍ୱାରା ନିର୍ମିତ ସ୍ୱତନ୍ତ୍ର ରାଜକୀୟ ଡିନର ସେଟ ପ୍ରଦର୍ଶିତ କରାଯାଉଛି।

–ରିପୋର୍ଟ: ନୀଳାଦ୍ରି ବିହାରୀ ଦଣ୍ଡପାଟ,ବାରିପଦା


































































## ଭାଗବତ ଗାଦି ପୂଜା

ଧୁଷୁରୀ, ୭।୯ (ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକର ଭଇଁସାହି ପଞ୍ଚାୟତସ୍ଥିତ ଫଳପୁରଠାରେ ଅବସ୍ଥାନ କରୁଥିବା ମହାନ୍ତି ପରିବାର ଭାଗବତ ଟୁଙ୍ଗିର ମର୍ଯ୍ୟାଦା ରକ୍ଷା କରିବା ସହ ତିନିପୁରୁଷ ଧରି ଭାଗବତ ଗାଦିକୁ ସୁରକ୍ଷା ଦେଇ ଆସୁଛନ୍ତି। ମହାପୁରୁଷ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ ପୋଥିକୁ ଜଣେ ସନ୍ୟାସୀ ମହାନ୍ତି ପରିବାରକୁ ଦେଇ ଏହାର ଉପଯୁକ୍ତ ପୂଜା କରିବା ସହ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ କହି କେଉଁଆଡ଼େ ଚାଲିଯାଇଥିଲେ। ଏହାକୁ ସୁରକ୍ଷିତ ରଖିବା ପାଇଁ ଏକ ଭାଗବତ ଟୁଙ୍ଗି ନିର୍ମିତ ହୋଇଥିଲା। ପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତି ମଧ ନିର୍ମାଣ କରାଯାଇ ପୂଜା କରାଯାଇଆସୁଛି। ଆନୁମାନିକ ୨୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଭାଗବତ ଜନ୍ମ ପାଳନ କରାଯାଉଛି। ଭାଗବତ ପୋଥି ଗାଦି ଓ ପ୍ରଭୁ ଜଗନ୍ନାଥଙ୍କ ପାଇଁ ମନ୍ଦିର ତୋଳା ସରିଛି। ରବିବାର ଭାଗବତ ଗାଦି ପୂଜା ସମ୍ପନ୍ନ ହୋଇଛି। ଚନ୍ଦ୍ରଗ୍ରହଣ ଥିବାରୁ ମଧ୍ୟାହ୍ନ ୧୨ଟା ୫୭ ମିନିଟ ପୂର୍ବରୁ ପୂଜା କାର୍ଯ୍ୟ ସମାପନ କରାଯାଇଥିଲା। କର୍ତ୍ତା ଭାବେ କ୍ଷୀରୋଦ ମହାନ୍ତି(୮୦) ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା ମହାନ୍ତି (୭୪) ପୂଜାସ୍ଥଳରେ ବସିଥିଲେ। ଆଖପାଖ ଗ୍ରାମର ପ୍ରାୟ ହଜାରରୁ ଅଧିକ ଭକ୍ତ ଆସି ପ୍ରଭୁଙ୍କୁ ଦର୍ଶନ କରିବା ସହ ଭାଗବତ ଗାଦିକୁ ପ୍ରଣାମ କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ଚାନ୍ଦବାଲିକୁ ମିଳୁ ରାଜସ୍ୱ ସବ୍‌ଡିଭିଜନ ମାନ୍ୟତା

### ଜୋର୍ ଧରିଲା ଦାବି

ଚାନ୍ଦବାଲି, ୭।୯ (ଅଶୋକ ପଣ୍ଡା/ରତିକାନ୍ତ ବାରିକ/କିଷାନ ପାତ୍ର)



ବୈଠକରେ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

ଐତିହାସିକ ଭିତ୍ତିଭୂମି, ସଂସ୍କୃତି ସମ୍ପନ୍ନ ଓ ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ପ୍ରାୟ ଏକ ଦଶନ୍ଧି ହେଲା ଚାନ୍ଦବାଲିକୁ ରାଜସ୍ୱ ସବଡିଭିଜନ ମାନ୍ୟତା ପାଇଁ କ୍ରିୟାନୁଷ୍ଠାନ କମିଟି ଦାବି କରିଆସୁଛି। ଏବେ ଏହି ଦାବି ଜୋର୍‌ଧରିଛି। କମିଟିର ଆବାହକ ସାମାଜିକ କର୍ମୀ ସୁଧୀର ମହାନ୍ତିଙ୍କ ଆହ୍ୱାନକ୍ରମେ ଚାନ୍ଦବାଲିର ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ, ବିଭିନ୍ନ ଗଣସଂଗଠନ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ରବିବାର ସ୍ଥାନୀୟ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟଠାରେ ଏକତ୍ରିତ ହୋଇ ରାଜସ୍ୱ ସବ୍‌ଡିଭିଜନ ଘୋଷଣା ପାଇଁ ପୁନଃ ଦାବି ଉପସ୍ଥାପନ କରିଛନ୍ତି।

ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜେଡି ବ୍ଲକ ସଭାପତି ପ୍ରତାପ ଚନ୍ଦ୍ର ଧଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେଶ ମାଝୀ, ବରିଷ୍ଠ ନେତା ଖଗେଶ୍ୱର ବଳ, ବ୍ରଜସୁନ୍ଦର ମହାନ୍ତି, ବିଜେଡି ଜିଲା ଉପସଭାପତି ଅଶୋକ ବଳ, ବିଶ୍ୱକେଶରୀ ମହାନ୍ତି, ଭାଜପାର ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ସଭ୍ୟ ଉପେନ୍ଦ୍ର ରାଉଳ, ଦେବୁଲା ମହାନ୍ତି, ସବ୍ୟସାଚୀ ମହାନ୍ତି, କଂଗ୍ରେସ ନେତା ଦିଗମ୍ବର ଦାସ, ବୈଲୋଚନ ପଣ୍ଡା, ବରିଷ୍ଠ ନେତ୍ରୀ ସୁଲୋଚନା ନାୟକ, ବଦ୍ରୀନାଥ ନାୟକ, ମନୋରଞ୍ଜନ ସାହୁ, ପ୍ରଶାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ମାସ ଶେଷ ସୁଦ୍ଧା ଏହି ଦାବିକୁ ବିଧିବଦ୍ଧ ଭାବେ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ବୈଠକରେ ସମ୍ମତି ପ୍ରକାଶ ପାଇଛି। ସବ୍‌ଡିଭିଜନ ହେବା ପାଇଁ ସମସ୍ତ ସୁବିଧା ସୁଯୋଗ ଥିବା ସହ ଭଦ୍ରକରୁ ଚାନ୍ଦବାଲି ଦୀର୍ଘ ୫୨ କି.ମି. ଦୂରରେ ଅବସ୍ଥିତ। ସମସ୍ତ ବିଭାଗର ଦପ୍ତର ଥିବା ସହ ପର୍ଯ୍ୟାପ୍ତ ଭିତ୍ତିଭୂମି ଥାଇ ମଧ ଏହା କାର୍ଯ୍ୟକାରୀ ହେଉ ନ ଥିବା ଦୁର୍ଭାଗ୍ୟର ବିଷୟ ବୋଲି ମତପ୍ରକାଶ ପାଇଥିଲା। ସରକାରଙ୍କ ନିକଟରେ ପୁନଃ ଦାବି ଜଣାଇବା ସହ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟି ଏକ ପ୍ରତିନିଧି ଦଳ ଏ ସମ୍ପର୍କରେ ଆଲୋଚନା କରିବାକୁ ପ୍ରସ୍ତାବ ନିଆଯାଇଛି। କମ୍ୟୁନିଷ୍ଟ ନେତା ମଳୟ ଭୋଇ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରମୋଦ ତ୍ରିପାଠୀ, ସମ୍ପାଦକ ରଜନୀକାନ୍ତ ମହାନ୍ତି, ସରପଞ୍ଚ ଅକ୍ଷୟ ନାୟକ, ଲମ୍ବୋଧର ପଣ୍ଡା, ବଣିକ ସଂଘ ସଭାପତି ଗୋପୀରାମ ଅଗ୍ରୱାଲ, ସମ୍ପାଦକ ସୁଶାନ୍ତ ବିଶ୍ୱାଳ, ଠିକାଦାର ସଂଘ ସଭାପତି ଭୀମସେନ ଦାସ, ଦୁର୍ଗା ପୂଜା କମିଟି ସଭାପତି ରଘୁନାଥ ସାହୁ, ଉଦ୍ୟୋଗପତି ରାମତାର ମୋର୍, ପରିବା ବ୍ୟବସାୟୀ ସଂଘ ସମ୍ପାଦକ କର୍ଣ୍ଣ ସାହୁ, ସାମାଜିକ କର୍ମୀ ଦେବବ୍ରତ ଦାସ, ବ୍ରଜକିଶୋର ପଣ୍ଡା, ତାରାପଦ ମହାନ୍ତି, ଭାରତ ଭୂଷଣ ରାୟ, ସଂଗ୍ରାମ ସାହୁ, ପ୍ରଫୁଲ୍ଲ ସାହୁ, ଦୀପକ ଦାସ, ରତିକାନ୍ତ ସାହୁ, ସତୀଶ ଦାସ, ଆଇନଜୀବୀ ଚିତ୍ତରଞ୍ଜନ କବି, ଶ୍ୟାମସୁନ୍ଦର ମହାନ୍ତି ପ୍ରମୁଖ ବୈଠକରେ ସାମିଲ ଥିଲେ।

# 'ସଫଳ ମଣିଷ ହେବା ପାଇଁ ଗୁରୁଙ୍କ ଆଶୀର୍ବାଦ ଲୋଡ଼ା'

ଭଦ୍ରକ, ୭।୯ (ରବିନାରାୟଣ ଖ୍ୱଲାର)

ଉତ୍ତମ ଛାତ୍ରୀଛାତ୍ର ଗଢ଼ିବାରେ ଶିକ୍ଷକମାନଙ୍କ ଭୂମିକା ଅତୁଳନୀୟ। ସଫଳ ମଣିଷ ହେବା ପାଇଁ ଗୁରୁଙ୍କ ଆଶୀର୍ବାଦ ଲୋଡ଼ା। ଆଧୁନିକ ଯୁଗରେ ମଣିଷ ଯେତେ ବିକାଶ କଲେ ମଧ ଗୁରୁଙ୍କ ସ୍ଥାନ କେହି ନେଇପାରିବେ ନାହିଁ ବୋଲି ଶୁକ୍ରବାର ଗୁରୁଦିବସ ଅବସରରେ ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ ଓ ସ୍ୱରାଜବାର୍ତ୍ତା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ କହିଥିଲେ। ଭଦ୍ରକ ଜିଲା ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ବିଶିଷ୍ଟ ଅତିଥି ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଏବଂ ସମ୍ମାନିତ ବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଇଂ. ଅଭୟ ସୂତାର, ଅଧ୍ୟକ୍ଷ ନୀହାର ରଞ୍ଜନ କର ପ୍ରମୁଖ ଯୋଗଦେଇଥିଲେ। ସଂଗଠନର ଉପସଭାପତି ମନୋରମା ରାୟ ମଞ୍ଚ ଆମନ୍ତ୍ରଣ, ଉପଦେଷ୍ଟା ଜାନକୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ, ସଭାନେତ୍ରୀ କଳ୍ପନା ଜେନା ପ୍ରାରମ୍ଭିକ ସୂଚନା ଓ ସମ୍ପାଦିକା ଅଞ୍ଜନା ମିଶ୍ର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସହସମ୍ପାଦିକା ଗାୟତ୍ରୀ ସେଠୀ, ଆବାହକ ରେଣୁବାଳା ଖ୍ୱଲାର, ସଦସ୍ୟା ରିତାଞ୍ଜଳି ମହାରଣା, ରେଣୁକା ନାୟକ ଓ ସଦସ୍ୟ କୃଷ୍ଣଚନ୍ଦ୍ର ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସାଂସ୍କୃତିକ ସମ୍ପାଦିକା ରିଙ୍କିସ୍ମିତା ମହାନ୍ତିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କଣ୍ଠଶିଳ୍ପୀ କୁମାର ଗୌତମ ଗୁରୁ ବନ୍ଦନା ଗାଇଥିଲେ। ଉପଦେଷ୍ଟା ଦୀପ୍ତିମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୩୭ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ଦୀପାଳି ମିଶ୍ର, ଆବାହକ ରେଣୁବାଳା ଖ୍ୱଲାର, ଉପସଭାପତି ଚଇତାଳି ଖ୍ୱଲାର, ଆଇନଜୀବୀ ଅଞ୍ଜୁବାଳା ରାଉତ, ଚିତ୍ରଶିଳ୍ପୀ ପ୍ରଭାତ ଜେନା, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ବେହେରା, ଟୁଲୁ ରାୟ ପ୍ରମୁଖ ପରିଚାଳନା କରିଥିଲେ।

# ଶତାଧିକ ବର୍ଷର ଅନନ୍ତ ନାରାୟଣ ପୂଜା ଉତ୍ସବ


ନରିପୁର ଗ୍ରାମରେ ପୂଜା ମଣ୍ଡପରେ ପ୍ରଭୁ ଅନନ୍ତ ନାରାୟଣ।

ଭଦ୍ରକ, ୭।୯ (ସନାତନ ରାଉତ/ରବିନାରାୟଣ ଖ୍ୱଲାର)

ଭଦ୍ରକ ପୌରପାଳିକା ଅଧୀନ ନରିପୁର(ଅସ୍ତଲ) ଗ୍ରାମରେ ୩ଦିନ ଧରି ଚାଲିଥିବା ଶତାଧିକ ବର୍ଷର ପ୍ରସିଦ୍ଧ ଅନନ୍ତ ନାରାୟଣ ପୂଜା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁରୁଷାନୁକ୍ରମେ ହୋଇଆସୁଥିବା ଏହିପୂଜା ଏବେ ସାର୍ବଜନୀନ ପୂଜାରେ ପରିଣତ ହୋଇଛି। ଶୁକ୍ରବାର ସାଳନ୍ଦୀ ନଦୀ ଘାଟରୁ କଳସ ଅଣାଯାଇ ଘଟପୂଜା, ହୋମ କରାଯାଇଥିଲା। ପଣ୍ଡିତ ଅଧାପକ ମୁରଲୀଧର ଶତପଥୀ, ଗୋବର୍ଦ୍ଧନ ମିଶ୍ର ଓ ଭିତିକାନ୍ତ ପାଢ଼ୀ ନୀତିକାନ୍ତି ଅନୁଯାୟୀ ପୂଜା ପାଠ କରିଥିଲେ। ବେଙ୍ଗାଲୁରୁ ଓ କୋଲକଠାତାରୁ ଆସିଥିବା କାରିଗରଙ୍କ ଦ୍ୱାରା ବିଭିନ୍ନ କିସମର ସୁବାସିତ ପୁଷ୍ପମାଲ୍ୟରେ ବିଗ୍ରହଙ୍କୁ ସୁସଜ୍ଜିତ କରାଯାଇଥିଲା। ମହାପ୍ରଭୁଙ୍କ ଅନନ୍ତ ଶୟନ ଦୃଶ୍ୟ ଦେଖିବା ପାଇଁ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ପ୍ରଭୁ ଅନନ୍ତଙ୍କ ନିକଟରେ ଯିଏ ଯାହା ମାନସିକ କରନ୍ତି, ସେମାନଙ୍କର ମନସ୍କାମନା ପୂର୍ଣ୍ଣ ହୋଇଯାଏ ବୋଲି ବିଶ୍ୱାସ ଥିବାରୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ରତଧାରୀ ମହିଳାମାନେ ଉପବାସ କରି ମନ୍ଦିରରେ ନାଗ ଓ ବ୍ରତପୂଜା କରିଥିଲେ।

ମନ୍ଦିର ପ୍ରତିଷ୍ଠାତା ରାଜ୍ୟ ଗୋପବନ୍ଧୁ ପୁରସ୍କାରପ୍ରାପ୍ତ ସମାଜସେବୀ ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦ୍ର ନାୟକ ଓ ସହଧର୍ମିଣୀ ସ୍ୱର୍ଗତ ହରିପ୍ରିୟା ନାୟକ ମୁଖ୍ୟ ସେବକ ଭାବେ ଦୀର୍ଘବର୍ଷ ଧରି ପୂଜା କରିଆସୁଥିଲେ। ପରେ ବଡ଼ପୁଅ ସ୍ୱର୍ଗତ ଅମର ନାୟକ ଏବଂ ଏବେ ତାଙ୍କ ପରିବାର ପକ୍ଷରୁ ଏହି ପୂଜା କରାଯାଉଛି। ଜିଲାପାଳ ଦିଲୀପ ରାଉତରାଏ, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ଅତିରିକ୍ତ ଏସ୍‌ପି ସମ୍ପିତ କୁମାର ମାଝୀ, ସାମାଜିକ କର୍ମୀ କିଶୋର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଭଦ୍ରକ ବିଧାୟକଙ୍କ ପ୍ରତିନିଧି ଶେଖର ମହାପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ପ୍ରଶାସନିକ ଅଧିକାରୀ ଓ ଖବରଦାତା ପୂଜା ମଣ୍ଡପରେ ପ୍ରଭୁ ଅନନ୍ତ ନାରାୟଣଙ୍କୁ ଦର୍ଶନ କରିଥିଲେ।

# ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ଭଦ୍ରକ, ୭।୯ (ସନାତନ ରାଉତ)



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଭଦ୍ରକ ନୂଆବଜାରସ୍ଥିତ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ପୂର୍ବାହ୍ନ ୧୦ଟାରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୧୨ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଗୀତାର ୫ମ ଅଧ୍ୟାୟରୁ ୧୦ମ ଅଧ୍ୟାୟ ପର୍ଯ୍ୟନ୍ତ ଶ୍ଳୋକ ଆବୃତ୍ତି କରିଥିଲେ। ୪ଟି ବିଭାଗରେ ପ୍ରତିଯୋଗୀମାନଙ୍କୁ ଭାଗ କରାଯାଇଥିବା ବେଳେ ପ୍ରତି ବିଭାଗରୁ ୩ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ ବିଭାଗରେ ଏସ୍‌ବିଡି ଇଣ୍ଟର ନ୍ୟାଶନାଲ ସ୍କୁଲର ସାନ୍‌ଭି ମହାନ୍ତି ପ୍ରଥମ, ଖ ବିଭାଗରେ ସେହି ସ୍କୁଲର ଶ୍ରେୟା ପଣ୍ଡା, ଗ ବିଭାଗରେ ଓଲଙ୍ଗ ଆଦର୍ଶ ବିଦ୍ୟାଳୟର ଶୁଭାଙ୍ଗିନୀ ସାୟନ୍ତ ଏବଂ ଘ ବିଭାଗରେ ଆଦର୍ଶ ବିଦ୍ୟାଳୟର ଭଗୀରଥି ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଚାରକ ଭାବେ ନିତ୍ୟାନନ୍ଦ ମିଶ୍ର, ଦୈତାରୀ ଦୀକ୍ଷିତ, ଅଜୟ କୁମାର ନାୟକ, ଦୁର୍ଗା ଦାସ ଓ ଅନ୍ନପୂର୍ଣ୍ଣା ଦେବୀ ଯୋଗ ଦେଇଥିଲେ। ପ୍ରଜ୍ଞାନ ମିଶନର ରବିନାରାୟଣ ଦାସ, ଜଗବନ୍ଧୁ ସାହୁ, ବିଭୁକଲ୍ୟାଣ ସ୍ୱାଇଁ ପ୍ରତିଯୋଗିତା ପରିଚାଳନା କରିଥିଲେ। ସୂର୍ଯ୍ୟପ୍ରଭା ସାହୁ, ମାଧବ ବେହେରା, ଦୀପ୍ତି ସାହୁ, ସଙ୍ଗୀତା ସାହୁ, ଜଗଦୀଶ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଗଞ୍ଜେଇ ଜବତ, ବେପାରୀ ଗିରଫ

ବାସୁଦେବପୁର, ୭।୯ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ବାସୁଦେବପୁର ବ୍ଲକ ସୁଦର୍ଶନପୁର ମାଛହାଟ ନିକଟରୁ ଶନିବାର ରାତିରେ ଜଣେ ଗଞ୍ଜେଇ ବେପାରୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସୁଦର୍ଶନପୁର ଗ୍ରାମର ଅମରେଶ ବେହେରା। ସେ ଚୋରା ଗଞ୍ଜେଇ ବେପାର କରୁଥିବା ପୋଲିସ ଖବର ପାଇ ମାଛହାଟଠାରେ ଚଢ଼ାଉ କରି ତାଙ୍କୁ ଧରିଥିଲା। ତାଙ୍କଠାରୁ ୧ କିଲୋ ୭୦୦ ଗ୍ରାମ୍ ଗଞ୍ଜେଇ ସହ ନଗଦ ୫୦ ହଜାର ଟଙ୍କା ଓ ଏକ ମୋବାଇଲ ଜବତ କରାଯାଇଛି। ଏନେଇ ବାସୁଦେବପୁର ଥାନାରେ ଏକ ମାମଲା (ନଂ.୬୪୫/୨୫) ରୁଜୁ ହୋଇଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଲୋପାମୁଦ୍ରା ନାୟକ ସୂଚନା ଦେଇଛନ୍ତି। ଏସ୍‌ଆଇ ପୁନମ୍ ଦେବୀ ବେହେରା, ଶୁଭେନ୍ଦୁ ମହାନ୍ତି, ଏଏସ୍‌ଆଇ ସଞ୍ଜୟ କୁମାର ଲେଙ୍କା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ବ୍ରାଉନସୁଗାର ଜବତ, ୨ ଗିରଫ

ଭଦ୍ରକ, ୭।୯ (ସନାତନ ରାଉତ)

ଭଦ୍ରକ ସହରର ଚାରିଘରିଆ ଛକ ନିକଟରୁ ରବିବାର ଟାଉନ ପୋଲିସ ୧୬.୫୬ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଗିରଫ ୨ଜଣ ହେଲେ ଚାନ୍ଦବାଲି ଥାନା ବାଲିଗାଁ ଅଞ୍ଚଳର ତପନ କୁମାର ପାତ୍ର(୩୭) ଓ ଭଦ୍ରକ ଟାଉନ ଥାନା ଅଧୀନ ବାଗୁରାଇର ଖଗେଶ୍ୱର ପଣ୍ଡା(୩୭)। ଏନେଇ ଏସ୍‌ଆଇ ଅଧିକାରୀ ପତିତପାବନ ମହାପାତ୍ରଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୫୩୫/୨୫) ରୁଜୁ କରାଯାଇଛି। ଏସ୍‌ଆଇ ମହାପାତ୍ର ପୂର୍ବାହ୍ନ ୧୦ଟା ବେଳେ ପାଟ୍ରୋଲିଂ କରୁଥିବା ସମୟରେ ୨ ଯୁବକଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ଯାଞ୍ଚ କରିବା ପରେ ସେମାନଙ୍କ ନିକଟରୁ ବ୍ରାଉନସୁଗାର ଓ ନଗଦ ୧୦,୪୪୦ ଟଙ୍କା ମିଳିଥିଲା। ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।

# ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ଉଠିଲା

ଭଣ୍ଡାରିପୋଖରୀ, ୭।୯ (ରାଜେନ୍ଦ୍ର ଶତପଥୀ)

ଚଳିତବର୍ଷ ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ପାଇଁ ଭାଗବତ ଜନ୍ମ ଓ ଇନ୍ଦୁ ପୂର୍ଣ୍ଣିମା ଅବସରରେ ରବିବାର ପୂର୍ବାହ୍ନ ୧୦ଟାରେ ପୂଜା କରାଯାଇ ମାଟି ଉଠାଯାଇଛି। ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ପୂଜା ପାଇଁ କର୍ତ୍ତା ଭାବେ ସୁଦୀପ୍ତା ଶତପଥୀ ଓ ଅନିଲ ଶତପଥୀ ସଂକଳ୍ପ କରି ମାଟି ଉଠାଇଛନ୍ତି। ପୂଜକ ଭାବେ ବିଜୟ ତ୍ରିପାଠୀ କାର୍ଯ୍ୟ ସମ୍ପାଦନ କରିଥିଲେ। ବଣିକ ସଂଘର ସଭାପତି ଚନ୍ଦ୍ରଶେଖର ମହାନ୍ତି, କମଳାକାନ୍ତ ସାମଲ, ଅଜୟ ବାରିକ, ନିଶିକାନ୍ତ ସୂତାର, ନିରାକାର ବେଉରିଆ, ଅଦ୍ୱୈତ ପରିଡ଼ା, ଦେବାଶିଷ ପଣ୍ଡା, ସୁଦାମ ଦାସ, ଶ୍ୟାମସୁନ୍ଦର ଦାସ, ନିରଞ୍ଜନ ବେଉରିଆ, ଲଳିତ ନାୟକ, ଧୀରେନ୍ଦ୍ର ନାୟକ, ଦୁର୍ଯ୍ୟୋଧନ ଦାସ, ଗୋପାଳ କୁଅଁର, ମୁନୀବର ଧଳ, କୁନା ସାହୁ ପ୍ରମୁଖ ସହଯୋଗ କରିଥିଲେ।

CNR: MHLC01-002532-2021
No. 4138/2025
**OFFICE OF THE LABOUR COURT,**
New Administrative Bldg. Gr. Floor, Govt. Colony, Bandra (East), Mumbai - 400 051, Date : 22/8/2025
**IN THE 10th LABOUR COURT AT MUMBAI BEFORE SMT. J.R.RAUT, JUDGE**
**APPLICATION (ECA) No. 61/A-8/2025**
**1. Shri. Rajendra Raghu Samal**
**2. Mrs. Bini Rajendra Samal**
At : Bantha Palli Antei, Banthapalli, Ganjam, Odisha 760 002 **...Applicants**
**V/s**
**Aalok Infra Contractor & Developers**
At: 1102, Siwah Building, Skylines Oasis, Premier Road, Ghatkopar West, Mumbai 400 086. ...
**Opponents**
**PUBLICATION NOTICE**
Please take notice that, **Late Uma Rajendra Samal** has died on 25/09/2024 due to accident, while working with **Aalok Infra Contractor & Developers** and it is claims that the above applicants are the only legal heirs. The above mentioned applicants have filed an application in this Court to get the amount of compensation **Rs.14,20,325/- (Rs. Fourteen Lakhs Twenty Thousand Three Hundred Twenty Five Only)** deposited by Aalok Infra Contractor & Developer.
Now it is hereby informed that, if any person or persons have any objection with regard to the claim of the applicants regarding compensation amount deposited in this Court, the same be filed on **11/09/2025**. Please take note that, the objection received after the above date will not be entertained by this Court.
**By Order**
**Sd./- I/c Secretary**
**Labour Court, Mumbai**

Government of Odisha, "e"-Procurement Notice
**WORKS DEPARTMENT**
**Bid Identification No. CCEKC-09/2025-26**
e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
**No.B-445** **Letter No. 4213 dt. 22.08.2025**
1. No. of the work : 2 number of Building Works and 3 number of Road Works
2. Eastimated cost : Rs.114.43 Lakhs to Rs.765.85 Lakhs
3. Class of contractor : "B", "A" & "Special" Class
4. Period of completion : 03 (Three) Calendar Months to 09 (Nine) Calendar Months
5. Date and Time of availability of bid document in the portal : From 11.00 Hours of 09.09.2025 to 16.00 Hours of 23.09.2025
6. Last date / Time for receipt of bids in the portal : 16.00 Hours of 23.09.2025
7. Date of opening of bid from portal : 11.30 Hours on 24.09.2025
8. Name and address of the officer inviting bid : Chief Construction Engineer, Keonjhar (R&B) Circle, Keonjhar-758001
Further details can be seen from the e-procurement portal "**http://tendersodisha.gov.in**"
**OIPR-34033/11/0089/2526**
**Sd./- Chief Construction Engineer**
**Keonjhar (R&B) Circle, Keonjhar**

# ବୈତରଣୀରୁ ମୃତଦେହ ଜବତ

ଚାନ୍ଦବାଲି, ୭।୯ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ବୈତରଣୀ ନଦୀ ଶାସ୍ତ୍ରୀଘାଟ ନିକଟରୁ ରବିବାର ଅପରାହ୍ନ ପ୍ରାୟ ୫ଟା ବେଳେ ଏକ ଅଜଣା ମୃତଦେହ ମିଳିଛି। ମୃତଦେହଟି ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ଥିବାବେଳେ ମୁହଁ ତଳକୁ ରହି ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ନଦୀରେ ଭାସି ଭାସି ଆସି ଏଠାରେ ଲାଗିଥିବା ଜଣାପଡ଼ିଥିଲା। ମୃତକଙ୍କ ବୟସ ଆନୁମାନିକ ୩୦ରୁ ୩୫ବର୍ଷ ଭିତରେ ହେବ। ଖବର ପାଇ ଚାନ୍ଦବାଲି ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଛି।

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**BOLANGIR (R&B) DIVISION, BOLANGIR**
**Mail ID: eepwd.bgr@rediffmail.com, eepwd.bgr@gmail.com, Ph.No.- 06652-232374**
**BID IDENTIFICATION No.: BGR R&B / 15/ 2025-26**
No.B-491 **No.5724/ Dtd.26.08.2025**

| | | | |
|---|---|---|---|
| 1 | The Superintending Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single cover system in ONLINE MODE for construction of building work and road work detailed in the table below from eligible contractors. | | |
| 2 | Nature of work | : | Building work and road work |
| 3 | No. of tender | : | 2 Nos. Building work and 6 Nos. Road work |
| 4 | Tender cost | : | Rs.600/-, Rs.4000/- and Rs.6000/- (Tender paper cost) |
| 5 | Class of contractor | : | 'D', 'C' and 'B' class contractor (Registered in CDMS) |
| 6 | Date & time of sale & receipt of bids | : | From Dt.09.09.2025, 11.00 A.M. Dt.15.09.2025 upto 5.00 P.M. |
| 7 | Date of opening bid | : | Dt.16.09.2025 at 11.30 A.M. |
| 8 | The bidders have to participate in ONLINE bidding only. Further details can be seen from the website: **http://tendersodisha.gov.in** | | |

**Sd./- Superintending Engineer, Bolangir (R&B) Division**
OIPR-34028/11/0036/2526

# ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ କର୍ଣାଟକର ବେଲାରୀ ଏମ୍‌ପି ଏରେଗାର୍ ତୁକାରାମ, ବିଧାୟକ ଅଶୋକ ଦାସଙ୍କ ସହ କଂଗ୍ରେସ ନେତୃମଣ୍ଡଳୀ।

### କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ

ବାସୁଦେବପୁର, ୭।୯ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ନୀଳମଣି ଟାଉନ ହଲ୍ ପରିସରରେ ରବିବାର କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଆଇସିସି ପକ୍ଷରୁ ଆସିଥିବା ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ କର୍ଣାଟକର ବେଲାରୀ ଏମ୍‌ପି ଏରେଗାର୍ ତୁକାରାମ ଯୋଗଦେଇ ତୃଣମୂଳ ସ୍ତରରୁ ସଙ୍ଗଠନକୁ ମଜଭୁତ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବିଧାୟକ ଅଶୋକ କୁମାର ଦାସ, କଂଗ୍ରେସର ଜିଲା ସଂଯୋଜକ ଅସିତ୍ ପଟ୍ଟନାୟକ, ତିହିଡ଼ି ବ୍ଲକ ସଭାପତି ସରୋଜ ଦାସ, ବାସୁଦେବପୁର ବ୍ଲକ ସଭାପତି ରମେଶ ଚନ୍ଦ୍ର ବଳ, ନଗର ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ପଣ୍ଡା, ଯୁବ କଂଗ୍ରେସ ସଭାପତି ସିଦ୍ଧାନ୍ତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ ସଭାପତିତ୍ୱ କରିଥିଲେ। ଜିଲା ସଭାପତି ଚୟନ ପାଇଁ ତୁକାରାମ କର୍ମକର୍ତ୍ତାଙ୍କଠାରୁ ମତାମତ ସଂଗ୍ରହ କରିଥିଲେ। ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ନଗର ଯୁବ କଂଗ୍ରେସ ସଭାପତି ସୁଶାନ୍ତ ମହାକୁଡ଼, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଭାତ ବାରିକ, ନଳିନୀକାନ୍ତ ମହାନ୍ତି, ନଗର କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତିଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

**NOTICE BY JD CONSTRUCTIONS**
It is for information to all concerned that the Partnership Firm M/s **JD CONSTRUCTIONS** bearing Regd. No.-**1820202200202 / 2022** having its principal place of business at –**Office No-104, 1st Floor, Arihant Plaza, Plot No-B-15, PO/PS:- Saheed Nagar, Dist:- Khordha, City: Bhubaneswar, Odisha-751007** has been reconstituted with effect from **14/08/2025** vide reconstitution deed dated **14/08/2025** as follows:
**1. Before Reconstitution, Partners were:**
1) RONAK DUGAR (PAN: ANLPD9105H)
2) SWAYAM PRAKASH JENA (PAN: AJIPJ6037H)
**2. Incoming Partner:**
1) TWO7 ADDRESS MAKERS PRIVATE LIMITED (Represent by it's Director, SWAYAM PRAKASH JENA) (CIN: U41000OD2024PTC047197, PAN: AALCT3640B)
**3. Outgoing Partner:**
1) SWAYAM PRAKASH JENA (PAN: AJIPJ6037H)
**4. After Reconstitution, Partners are:**
1) RONAK DUGAR (PAN: ANLPD9105H)
2) TWO7 ADDRESS MAKERS PRIVATE LIMITED (Represent by it's Director, SWAYAM PRAKASH JENA) (CIN: U41000OD2024PTC047197, PAN: AALCT3640B)

**GOVERNMENT OF ODISHA** **No.O-644**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, CUTTACK**
e-mail : serw_ctc@yahoo.com
**No. Tender Online RWC-17/2025** **e-Procurement NOTICE** **Letter No. 2949 Date : 22.08.2025**
1. **Name of the work** : Construction of **Building and Road** works.
2. **Class of contractor**
c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-7 of the Annexure**.
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-17/25 | 08.09.2025 at 11.30 A.M. | 23.09.2025 up to 05.00 P.M. | 23.09.2025 up to 02.00 P.M. | 24.09.2025 at 11.30 A.M. | Will be intimated later |

Further details can be seen from the website **www.tendersodisha.gov.in**
**Sd./- Chief Construction Engineer**
**Rural Works Circle, Cuttack**
**OIPR-25097/11/0029/2526**

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.-୪, ଭୁବନେଶ୍ୱର
**Office of the Superintending Engineer, Bhubaneswar (R&B) Division No.IV, Nirman Soudha, Unit-V, Bhubaneswar**
E-mail ID : eernb4bbsr@gmail.com, Tel - (0674) - 2390245
**INVITATIONS FOR BIDS THROUGH e-Procurement**
**No.8275 Date - 30.08.2025**
**Bid Identification No. - C.C. (R&B) - 04**
**No.B-474** **e-Procurement Notice No. 16 of 2025-26**

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No. of Works | 1 No. Road Work |
| 3 | Estimated Cost | Rs. 80,88,291.00 (As per Tender Call Notice) |
| 4 | Class of Contractor | B Class (As per Tender Call Notice) |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.09.09.2025 to Dt.24.09.2025 up to 17.30 hours |
| 8 | Last Date & Time for Receipt of bids in the Portal | Dt.24.09.2025 at 17.30 hours |
| 9 | Opening of Bid through online | Dt.25.09.2025 at 11.30 hours |
| 10 | Name & Adderss of the Officer inviting Bid | Er. Sundara Madhaba Padhi, Additional Chief Engineer, Bhubaneswar (R&B) Division No.IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
**N.B : Subsequent corrigendum / addendum if required shall be available in the website as indicated above.**
**Sd./- Additional Chief Engineer**
**BBSR (R&B) Division No.IV, BBSR**
**OIPR-34090/11/0023/2526**

# ଏକକାଳୀନ ୩ ଅଧିକାରୀଙ୍କ ବଦଳି

## ବୈଶିଙ୍ଗା ଥାନା

### ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଚିନ୍ତା

ବୈଶିଙ୍ଗା,୭।୯(ରତନ ଦାଶ)




ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନାକୁ ଏକକାଳୀନ ୩ପୋଲିସ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶ ଆସିଛି। ଏସଆଇ ବୋଇତ ବେହେରା, ଏସଆଇ ଦେବାଶିଷ ମଣ୍ଡଳ ଓ ଏଏସଆଇ ସୁବ୍ରତ ସାହୁଙ୍କ ଅନ୍ୟ ଥାନାକୁ ବଦଳି ନେଇ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯାଳୟରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ଏହି ନିର୍ଦ୍ଦେଶନାମାରେ ବଦଳି ହୋଇଥିବା ଅଧିକାରୀମାନଙ୍କ ସ୍ଥାନରେ ଯୋଗଦେବାକୁ ଥିବା ଅଧିକାରୀଙ୍କ ବାବଦରେ କୌଣସି ସୂଚନା ମିଳିନାହିଁ। ୧୯ଟି ପଞ୍ଚାୟତର ଲକ୍ଷାଧିକ ଜନସାଧାରଣଙ୍କୁ ନେଇ ଗଠିତ ଏହି ଥାନାଞ୍ଚଳ ଅତ୍ୟନ୍ତ ଅପରାଧ ପ୍ରବଣ ଏବଂ ଖୁବ ସମ୍ବେଦନଶୀଳ ହୋଇଥିବା କାରଣରୁ ଦୈନନ୍ଦିନ ଛୋଟବଡ଼ ମାମଲା ଥାନାରେ ଲାଗି ରହିଥାଏ।

ଏଭଳି ସ୍ଥିତିରେ ମାତ୍ର ୮ ଜଣ ଅଧିକାରୀଙ୍କୁ ନେଇ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଖୁବ ଚ୍ୟାଲେଞ୍ଜିଂ ପରିସ୍ଥିତି ସୃଷ୍ଟି କରିଥାଏ। ସୂଚନାଯୋଗ୍ୟ, ଚଳିତବର୍ଷ ଜାନୁୟାରୀ ମାସଠାରୁ ଅଦ୍ୟାବଧି ୪୫୦ ମାମଲା ରୁଜୁ ହୋଇସାରିଲାଣି। ଏସବୁ ମୋକଦ୍ଦମା ଗୁଡ଼ିକର ଠିକ ପରିଚାଳନା ଏବଂ ଜନସାଧାରଣଙ୍କ ଧନ ଓ ଜୀବନର ସୁରକ୍ଷା ପାଇଁ ପୋଲିସ ଅଧିକାରୀଙ୍କ ସଂଖ୍ୟା ବଢ଼ାଇବା ସହ ବଦଳି ହୋଇଥିବା ଅଧିକାରୀଙ୍କ ସ୍ଥାନରେ ନୂତନ ଅଧିକାରୀଙ୍କୁ ନିଯୁକ୍ତି ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

# କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ




ଦଳୀୟ ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ କରାଯାଉଛି।

ରାଇରଙ୍ଗପୁର,୭।୯(ମାନସ ମହାନ୍ତି)

ପଶ୍ଚିମ ମୟୂରଭଞ୍ଜ ସାଙ୍ଗଠନିକ ଜିଲା କଂଗ୍ରେସ ପକ୍ଷରୁ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ଅଧୀନ ଯାମଦା ଓ ରାଇରଙ୍ଗପୁର ଏବଂ ଯଶୀପୁର ନିର୍ବାଚନ ମଣ୍ଡଳୀ ଅଧୀନ କୁସୁମୀ ବ୍ଲକ୍ ଅଞ୍ଚଳରେ ସଙ୍ଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ଦଳୀୟ ଏଆଇସିସି ପର୍ଯ୍ୟବେକ୍ଷକ ନିତିନ କୁମ୍ଭକରନ ଯୋଗଦେଇ ତୃଣମୂଳସ୍ତରରୁ ସଙ୍ଗଠନ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତୃବୃନ୍ଦ ଏବଂ ମହିଳା କର୍ମୀ ଯୋଗ ଦେଇଥିଲେ।

# ପୋଖରୀରେ ବୁଡ଼ି ଯୁବକ ମୃତ

ବାଙ୍ଗିରିପୋଷି,୭।୯(ସଞ୍ଜୟ କୁମାର ଅଗ୍ରୱାଲା– ବାଙ୍ଗରିପୋଷି ଥାନା ଅଧୀନ ମାରିଚାଗଡ଼ା ସାହିର ଏକ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁସୁମବନ୍ଧ ପଞ୍ଚାୟତ ଅନ୍ତର୍ଗତ ଶାଳବଣି ଗ୍ରାମର ଫାଗୁରାମ ହେମ୍ବ୍ରମ(୩୫)। ଶନିବାର ଆପରାହ୍ନ ୩ଟାରେ ସେ ଉକ୍ତ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ପାଣିରେ ବୁଡ଼ିଯାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୭/୨୫) ରୁଜୁ ହୋଇଛି।

# ସ୍ୱଚ୍ଛ ଭାରତ ଅଭିଯାନ

ରାଇରଙ୍ଗପୁର,୭।୯(ମାନସ ମହାନ୍ତି)– ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ପୋଲିସ ପକ୍ଷରୁ ରବିବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଟାଉନ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ କାର୍ଯ୍ୟରତ ପୋଲିସ କର୍ମଚାରୀ ଗଣ ମିଳିତ ହୋଇ ଟାଉନ ଥାନା ପରିସର ରାସ୍ତା ସମେତ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ କରିଥିଲେ। ଟାଉନ ଥାନା ଏସଆଇ ଆଲୋକ ସିଂହ, ଏଏସଆଇ ସୁନାରାମ ମାଝୀ ଏବଂ ସନ୍ତୋଷ କୁମାର ସେରେନନଙ୍କ ସମେତ ପୋଲିସ କର୍ମଚାରୀ ସାମିଲ ଥିଲେ।

# ଆଦିବାସୀ ଛାତ୍ରୀଙ୍କ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୭।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ତଖତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଆଦିବାସୀ ଛାତ୍ର ସଂଗଠନ ଦ୍ୱାରା ଏକ ଦିବସୀୟ ଆଦିବାସୀ ଛାତ୍ରାମାନଙ୍କ ସଚେତନତା କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧ୍ୟାପକ ଡ.ବିଷ୍ଣୁପ୍ରିୟା ହାଁସଦା ପୌରୋହିତ୍ୟରେ କରିଥିବା ବେଳେ ପ୍ରାଧ୍ୟାପକ ଡ. ଯତୀନ୍ଦ୍ର ନାଥ ବେଶ୍ରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା ଓ ସମ୍ମାନିତ ଅତିଥି ଭାବେ ଡ.ଦେବାଶିଷ ନାଏକ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନିଜ ନିଜ ସମ୍ପ୍ରଦାୟରେ ସଚେତନତା ପ୍ରସାର କରିବା ଏବଂ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଅଧ୍ୟାପକ ଦୁର୍ଗା ସୋରେନ, ପିଲଚୁଆନୁ ଠାକୁର ମୁର୍ମୁ, ପରୀକ୍ଷା ନିୟନ୍ତ୍ରକ ପି ଏ ରାମଚନ୍ଦ୍ର ବାସ୍କେଙ୍କ ସହିତ ଏମ୍‌ପିସି ମହାବିଦ୍ୟାଳୟ ସାନ୍ତାଳୀ ବିଭାଗର ଅଧ୍ୟାପକ ସୀମଲ ସୋରେନ, ଏମସିଏଏମ ମହାବିଦ୍ୟାଳୟ ସାନ୍ତାଳି ବିଭାଗର ଅଧ୍ୟାପକ ଶ୍ରୀରାମ ଟୁଡୁ ଓ ଏଫଏମ ମହାବିଦ୍ୟାଳୟ ସାନ୍ତାଳି ବିଭାଗର ଅଧ୍ୟାପକ ସନେରସିଞ୍ଜ ହଁସଦା, ବିଶ୍ୱବିଦ୍ୟାଳୟର ଗବେଷକ ସଞ୍ଜୟ କୁମାର ହେମ୍ବ୍ରମ ଓ ବୁଦ୍ଧେଶ୍ୱର ବାସ୍କେ ଏବଂ ଦିଗି, ତାରାସ ସହିତ ଅନେକ ଆଦିବାସୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଜୁଆ ଆଡ୍ଡାରେ ଚଢ଼ାଉ

ଠାକୁରମୁଣ୍ଡା,୭।୯
(ତାରାକାନ୍ତ ପଟ୍ଟନାୟକ)

ମହୁଲଡ଼ିହା ଥାନା ପୋଲିସ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ଜୁଆ ଖେଳ ନିମନ୍ତେ ବ୍ୟବହୃତ ସାମଗ୍ରୀ ଜବତ କରଛି। ପୋଲିସକୁ ଦେଖି ଜୁଆ ଖେଳୁଥିବା ବ୍ୟକ୍ତିମାନେ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ତରାମରା ପଞ୍ଚାୟତ ଡକେଇପାଳ ପଡ଼ିଆରେ ଫୁଟବଲ ଟୁର୍ନାମେଣ୍ଟ ଚାଲିଥିଲା। ଭିଡ଼କୁ ଦେଖି ରବିବାର ଫୁଟବଲ ପଡ଼ିଆ ନିକଟରେ ଜୁଆ ଖେଳ ଚାଲିଥିଲା। ମହୁଲଡ଼ିହା ଥାନା ପୋଲିସ ସୂଚନା ପାଇ ଅପରାହ୍ନ ୫ଟାରେ ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା। ସେହିପରି ନିକଟରେ ଚୋରା ମହୁଲି ମଦ ବିକ୍ରି କରୁଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଥିବା ବେଳେ ତାଙ୍କଠାରୁ ୫ ଲିଟର ମହୁଲି ମଦ ଜବତ ହୋଇଛି। ଏହି ଚଢ଼ାଉରେ ଥାନା ଏଏସ୍‌ଏଇ ବିଜୟକୃଷ୍ଣ ସାନ୍ତରା,ସଞ୍ଜୟ କୁମାର ନାୟକଙ୍କ ସମେତ ପୋଲିସ ଟିମ୍ ସାମିଲ ଥିଲେ।

# ହାତୀ ଆକ୍ରମଣରେ ମହିଳା ମୃତ

## ଅଟୋରେ ଯାଉଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଲେ

ମୋରଡ଼ା,୭।୯(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଞ୍ଚଳରେ ହାତୀ ଉପଦ୍ରବ ଚରମ ସୀମାରେ ପହଞ୍ଚିଥିବାବେଳେ ଦିନକୁ ଦିନ ଧନଜୀବନ ନଷ୍ଟ ହେବାରେ ଲାଗିଛି। ଶନିବାର ରାତି ୧୦ଟା ୪୫ମିନିଟ ସମୟରେ ଦନ୍ତା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ବାରିପଦା ଉପଖଣ୍ଡ ପୋଡ଼ାଅସ୍ତିଆ ଗ୍ରାମର ରୀନା ନାଏକ(୪୫)।

ସୂଚନା ଅନୁଯାୟୀ, ରୀନା ଅମର୍ଦାସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରୁ ୪ଜଣଙ୍କ ସହିତ ଏକ ଅଟୋ ଯୋଗେ ଘରକୁ ଫେରୁଥିବା ସମୟରେ ବାରିପଦା–ଚିତ୍ରଡ଼ା–ଅମର୍ଦା ରାଜ୍ୟ ରାଜପଥର ଅସ୍ତିଆ ରବରପ୍ଲାଣ୍ଟ ନିକଟସ୍ଥ ଏକ ପୋଲ ନିକଟରେ ୭ଟି ହାତୀ ରାସ୍ତା ପାର୍ ହେଉଥିଲେ। ଏହି ସମୟରେ ଅଟୋକୁ ଦେଖି ଏକ ଦନ୍ତା ଦୌଡ଼ି ପଳାଇ ଆସିଥିଲା। ହାତୀ ଭୟରେ ଅଟୋରୁ ଓହ୍ଲାଇ ସମସ୍ତେ ଦୌଡ଼ି ପଳାଇ ଯାଇଥିବାବେଳେ ରୀନା ରହିଯାଇଥିଲେ। ଡ୍ରାଇଭର ଅଟୋକୁ ବୁଲାଇବା ସମୟରେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡ଼ିଥିଲା। ଏହି ସମୟରେ ଦନ୍ତା ହାତୀଟି ରୀନାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତା ମହିଳାଙ୍କ ପରିବାରକୁ ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବା ସହିତ ପରେ ମୋଟ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ମିଳିବ ବୋଲି ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂ କହିଛନ୍ତି।

# ୨ୟ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ଦୁଇ ନାଟକ

## ଜାତୀୟ ନାଟ୍ୟ ମହୋତ୍ସବ

ବାରିପଦା,୭।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନରେ ଆମେ ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ୨ୟ ସନ୍ଧ୍ୟାରେ ୨ଟି ନାଟକ ମଞ୍ଚସ୍ଥ ହୋଇଯାଇଛି। ଅତିଥି ଭାବେ ଡ. ମାୟା ଦାସ, ସୁବୋଧ ପଟ୍ଟନାୟକ, ସୂର୍ଯ୍ୟ ଦେଓ, ପ୍ରବୋଧ ରଥ, ସୁଧାଂଶୁ ମୋହନ ଦ୍ୱିବେଦୀ, ଡ. ଗିରିଶ ପ୍ରସାଦ ସ୍ୱାଇଁ, ପ୍ରୀତିଶ ବସା, ଜୀବନ ସାହୁ ଯୋଗଦେଇ ୨ୟ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭାପତି ଡ. କୈଳାଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଭିନେତା, ନିର୍ଦ୍ଦେଶକ ତଥା ଆୟୋଜନ କମିଟିର ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲେଶ୍ୱରର ସ୍ରଷ୍ଟା ନାଟ୍ୟସଂସ୍ଥା ପ୍ରସ୍ତୁତ ନାଟକ 'ଏକ ନଷ୍ଟ ନାଟକର ନାଟ୍ୟକାର' ମଞ୍ଚସ୍ଥ ହୋଇଥିଲା। ଆଜିର ନାରୀ ମା' ହେବାକୁ ନାରାଜ। ଆକାଶ ଯଦି ଛାଇ, ଗଛ ଯଦି ଫଳ, ଧରିତ୍ରୀ ଯଦି ଭାର ବୋହିବାକୁ ମନା କରି ଦିଅନ୍ତି ଆଉ ନାରୀ ଯଦି ମା' ନ ହେବ ତାହେଲେ ଏ ସୃଷ୍ଟି ରହିବ ତ ? ଏହାହିଁ ଥିଲା ନାଟକର ବିଷୟବସ୍ତୁ। କଳାକାରମାନଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ହେମେନ୍ଦ୍ର ମହାପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ଅଜିତ ପଣ୍ଡା, ସଂଗ୍ରାମ କେଶରୀ ମହାନ୍ତି, ରତିକାନ୍ତ ମଲ୍ଲିକ, ସମରାୟ କର, ଦିବାକର ମହାନ୍ତି, ଗୌରୀ ଶଙ୍କର ସାହାଣୀ, ପୁଷ୍ପିତା ପାଢ଼ୀ ଓ ସାତିସ୍ମିତା ଦାସ ଅଭିନୟ କରିଥିଲେ। ସଂଗୀତରେ ଗୁରୁ ନନ୍ଦକିଶୋର ଦାସ ଓ ପାପା, କଣ୍ଠଦାନରେ ବନିମାନ ରଥ ଓ ମୌସୁମୀ, ଆଲୋକ ସଜ୍ଜାରେ ବିକାଶ ପ୍ରଧାନ, ରୂପସଜ୍ଜାରେ ମାମା, ମଞ୍ଚ ପରିଚାଳନାରେ ପ୍ରସନ୍ନ ଦାସ, ଧର୍ମପଦ ନନ୍ଦି, ଗିରିଜା ଶଙ୍କର କର ଓ ମନୋରଞ୍ଜନ ଦାସ, ଶବ୍ଦ ସୁରସଂଗୀତ, ସହାୟତା ପ୍ରଦାନ କରିଥିଲେ। ପରେ କୋରାପୁଟ ସାଂସ୍କୃତିକ ପରିଷଦ ପ୍ରସ୍ତୁତ ହୃଦୟା ନନ୍ଦ ଶତପଥୀଙ୍କ ରଚିତ ଓ ଶିବ ରଥଙ୍କ ନିର୍ଦ୍ଦେଶିତ ନାଟକ 'ରେମୋ' ମଞ୍ଚସ୍ଥ ହୋଇଥିଲା। ରବିବାର ପୂର୍ବାହ୍ନରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ 'କଥା ଓ ବ୍ୟଥା : ଏକ ନାଟ୍ୟ ମନସ୍କର' ବିଷୟ ଉପରେ ଏକ ଜାତୀୟ ସେମିନାର ଅନୁଷ୍ଠିତ ହୋଇଥିଲା। ସୋମବାର ସନ୍ଧ୍ୟାରେ ପ୍ରଥମ ନାଟକ ବାସ୍ତବ, ବାରିପଦା ପ୍ରସ୍ତୁତ 'ପାପି' ଓ ଦ୍ୱିତୀୟ ନାଟକ ନାଟ୍ୟ ଚେତନା ଭୁବନେଶ୍ୱର ପ୍ରସ୍ତୁତ 'ରେବତୀ ସେବତୀ ଏଇ ବତୀ' ମଞ୍ଚସ୍ଥ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

# ମୁଣ୍ଡାରୀ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ

ବଡ଼ସାହି,୭।୯(ସମ୍ବିତ କୁମାର ରାଉତ)– ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଦେଉଳିଆ ଗ୍ରାମପଞ୍ଚାୟତ ଅଧୀନ ନୂଆସାହି–ବଇଁଚା ସ୍ଥିତ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ଗୃହରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ୮ ତାରିଖରେ ଅନୁଷ୍ଠିତ ମୁଣ୍ଡାରୀ ଭାଷା ବାର୍ଷିକ ପରୀକ୍ଷାର କୃତି ପରୀକ୍ଷାର୍ଥୀମାନଙ୍କୁ ମୁଣ୍ଡାରୀ ଭାଷା ଶିକ୍ଷା ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ତୃଣମୂଳ ସ୍ତରରେ ଥିବା ମୁଣ୍ଡାରୀ ଭାଷାଭାଷୀ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ମୁଣ୍ଡାରୀ ଭାଷା ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଭାଷା ଆନ୍ଦୋଳନ ଆଗାମୀ ଦିନରେ ସବୁ ମୁଣ୍ଡାରୀ ଭାଷାଭାଷୀ ଅଧ୍ୟୁଷିତ ଗ୍ରାମଗୁଡିକରେ ବ୍ୟାପକ ଭାବେ ଦେଖିବାକୁ ମିଳିବ ବୋଲି ବକ୍ତାମାନେ କହିଥିଲେ। ଏଥିରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବିରବଲ ସିଂ, ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ, ପର୍ଯ୍ୟବେକ୍ଷକ ରାମେଶ୍ୱର ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦ ସମ୍ପାଦକ ବୁଧିଆ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂ, ଗୁଣ୍ଡିହୁଡି ପଞ୍ଚାୟତ ଆବାହକ ଉମେଶ ଚନ୍ଦ୍ର ସିଂ, ଟାଙ୍ଗଣା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶରତ ସିଂ, ମୁଣ୍ଡାରୀ ବହୁଭାଷୀ ଶିକ୍ଷକ ନବୀନ କୁମାର ସିଂ ଆଦି ବକ୍ତା ଭାବରେ ଉପସ୍ଥିତ ଥିଲେ। ବଡ଼ସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂ ସଭା ପରିଚାଳନା କରିଥିଲାବେଳେ ମୁଣ୍ଡାରୀ ଶିକ୍ଷକ ରାମଚନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଉତ୍ସବରେ ୨ ଶିକ୍ଷକ ସମ୍ବର୍ଦ୍ଧିତ

ଠାକୁରମୁଣ୍ଡା, ୭।୯(ତାରାକାନ୍ତ ପଟ୍ଟନାୟକ)

ଗୁରୁ ଦିବସ ଅବସରରେ ଜିଲା ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ବାରିପଦା ଲାଲବଜାରସ୍ଥିତ ଶିକ୍ଷକ ଭବନଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବରେ ଠାକୁରମୁଣ୍ଡା ବ୍ଲକର ୨ ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷକ ଦ୍ୱୟ ହେଲେ ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ ଜମୁନାଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ର କୁମାର ପତି ଓ ମହୁଲଡ଼ିହା ଗ୍ରାମପଞ୍ଚାୟତ ଜମୁନାଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନୟନ କୁମାର ପଣ୍ଡା। ଜିଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ ଓ ପୂର୍ବତନ ମନ୍ତ୍ରୀ ତଥା ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦା ଯୋଗ ଦେଇଥିଲେ। ସମ୍ବର୍ଦ୍ଧିତ ଶିକ୍ଷକ ଦ୍ୱୟଙ୍କୁ ଠାକୁରମୁଣ୍ଡା ବ୍ଲକ ଶିକ୍ଷକ ସଂଘ ଅଭିନନ୍ଦନ ଜଣାଇଛି।


CNR: MHLC01-002532-2021
No. 4138/2025

**OFFICE OF THE LABOUR COURT,**
New Administrative Bldg. Gr. Floor, Govt. Colony, Bandra (East), Mumbai - 400 051, Date : 22/8/2025

**IN THE 10th LABOUR COURT AT MUMBAI BEFORE SMT. J.R.RAUT, JUDGE APPLICATION (ECA) No. 61/A-8/2025**

1. Shri. Rajendra Raghu Samal
2. Mrs. Bini Rajendra Samal

At : Bantha Palli Antei, Banthapalli, Ganjam, Odisha 760 002 ...Applicants

V/s

**Aalok Infra Contractor & Developers**
At: 1102, Siwah Building, Skylines Oasis, Premier Road, Ghatkopar West, Mumbai 400 086. ... Opponents

PUBLICATION NOTICE

Please take notice that, **Late Uma Rajendra Samal** has died on 25/09/2024 due to accident, while working with **Aalok Infra Contractor & Developers** and it is claims that the above applicants are the only legal heirs. The above mentioned applicants have filed an application in this Court to get the amount of compensation **Rs.14,20,325/- (Rs. Fourteen Lakhs Twenty Thousand Three Hundred Twenty Five Only)** deposited by Aalok Infra Contractor & Developer.

Now it is hereby informed that, if any person or persons have any objection with regard to the claim of the applicants regarding compensation amount deposited in this Court, the same be filed on **11/09/2025**. Please take note that, the objection received after the above date will not be entertained by this Court.

By Order
Sd./- I/c Secretary
Labour Court, Mumbai

Government of Odisha, "e"-Procurement Notice
**WORKS DEPARTMENT**
**Bid Identification No. CCEKC-09/2025-26**
e-mail : ccekeonjharpwdcircle@gmail.com / sekcpwd_keonjhar@yahoo.com
No.B-445 Letter No. 4213 dt. 22.08.2025

| | | |
|---|---|---|
| 1. | No. of the work | : 2 number of Building Works and 3 number of Road Works |
| 2. | Eastimated cost | : Rs.114.43 Lakhs to Rs.765.85 Lakhs |
| 3. | Class of contractor | : "B", "A" & "Special" Class |
| 4. | Period of completion | : 03 (Three) Calendar Months to 09 (Nine) Calendar Months |
| 5. | Date and Time of availability of bid document in the portal | : From 11.00 Hours of 09.09.2025 to 16.00 Hours of 23.09.2025 |
| 6. | Last date / Time for receipt of bids in the portal | : 16.00 Hours of 23.09.2025 |
| 7. | Date of opening of bid from portal | : 11.30 Hours on 24.09.2025 |
| 8. | Name and address of the officer inviting bid | : Chief Construction Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "http://tendersodisha.gov.in"

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0089/2526

GOVERNMENT OF ODISHA
**OFFICE OF THE SUPERINTENDING ENGINEER BOLANGIR (R&B) DIVISION, BOLANGIR**
Mail ID: eepwd.bgr@rediffmail.com, eepwd.bgr@gmail.com, Ph.No.- 06652-232374
BID IDENTIFICATION No.: BGR R&B / 15/ 2025-26
No.B-491 No.5724/ Dtd.26.08.2025

| | | |
|---|---|---|
| 1 | The Superintending Engineer, Bolangir (R&B) Division, Bolangir on behalf of the Governor of Odisha invites percentage rate bid in Single cover system in ONLINE MODE for construction of building work and road work detailed in the table below from eligible contractors. | |
| 2 | Nature of work | : Building work and road work |
| 3 | No. of tender | : 2 Nos. Building work and 6 Nos. Road work |
| 4 | Tender cost | : Rs.600/-, Rs.4000/- and Rs.6000/- (Tender paper cost) |
| 5 | Class of contractor | : 'D', 'C' and 'B' class contractor (Registered in CDMS) |
| 6 | Date & time of sale & receipt of bids | : From Dt.09.09.2025, 11.00 A.M. Dt.15.09.2025 upto 5.00 P.M. |
| 7 | Date of opening bid | : Dt.16.09.2025 at 11.30 A.M. |
| 8 | The bidders have to participate in ONLINE bidding only. Further details can be seen from the website: http://tendersodisha.gov.in | |

Sd./- Superintending Engineer, Bolangir (R&B) Division
OIPR-34028/11/0036/2526

**NOTICE BY JD CONSTRUCTIONS**

It is for information to all concerned that the Partnership Firm M/s **JD CONSTRUCTIONS** bearing Regd. No.-**1820202200202 / 2022** having its principal place of business at –**Office No-104, 1st Floor, Arihant Plaza, Plot No-B-15, PO/PS:- Saheed Nagar, Dist:- Khordha, City: Bhubaneswar, Odisha-751007** has been reconstituted with effect from **14/08/2025** vide reconstitution deed dated **14/08/2025** as follows:

**1. Before Reconstitution, Partners were:**
1) RONAK DUGAR (PAN: ANLPD9105H)
2) SWAYAM PRAKASH JENA (PAN: AJIPJ6037H)

**2. Incoming Partner:**
1) TWO7 ADDRESS MAKERS PRIVATE LIMITED
(Represent by it's Director, SWAYAM PRAKASH JENA)
(CIN: U41000OD2024PTC047197, PAN: AALCT3640B)

**3. Outgoing Partner:**
1) SWAYAM PRAKASH JENA (PAN: AJIPJ6037H)

**4. After Reconstitution, Partners are:**
1) RONAK DUGAR (PAN: ANLPD9105H)
2) TWO7 ADDRESS MAKERS PRIVATE LIMITED
(Represent by it's Director, SWAYAM PRAKASH JENA)
(CIN: U41000OD2024PTC047197, PAN: AALCT3640B)

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, CUTTACK**
No.O-644
e-mail : serw_ctc@yahoo.com
No. Tender Online RWC-17/2025
e-Procurement NOTICE
Letter No. 2949 Date : 22.08.2025

1. **Name of the work** : Construction of **Building and Road** works.
2. **Class of contractor**
   - c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   - d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   - c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-7 of the Annexure**.
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-17/25 | 08.09.2025 at 11.30 A.M. | 23.09.2025 up to 05.00 P.M. | 23.09.2025 up to 02.00 P.M. | 24.09.2025 at 11.30 A.M. | Will be intimated later |

Further details can be seen from the website **www.tendersodisha.gov.in**

Sd./- Chief Construction Engineer
Rural Works Circle, Cuttack
OIPR-25097/11/0029/2526

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.-୪, ଭୁବନେଶ୍ୱର
**Office of the Superintending Engineer, Bhubaneswar (R&B) Division No.IV, Nirman Soudha, Unit-V, Bhubaneswar**
E-mail ID : eernb4bbsr@gmail.com, Tel - (0674) - 2390245
INVITATIONS FOR BIDS THROUGH e-Procurement
No.8275 Date - 30.08.2025
Bid Identification No. - C.C. (R&B) - 04
No.B-474 e-Procurement Notice No. 16 of 2025-26

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No. of Works | 1 No. Road Work |
| 3 | Estimated Cost | Rs. 80,88,291.00 (As per Tender Call Notice) |
| 4 | Class of Contractor | B Class (As per Tender Call Notice) |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System Tender |
| 7 | Date & time of availability of bid document in the portal | Dt.09.09.2025 to Dt.24.09.2025 up to 17.30 hours |
| 8 | Last Date & Time for Receipt of bids in the Portal | Dt.24.09.2025 at 17.30 hours |
| 9 | Opening of Bid through online | Dt.25.09.2025 at 11.30 hours |
| 10 | Name & Adderss of the Officer inviting Bid | Er. Sundara Madhaba Padhi, Additional Chief Engineer, Bhubaneswar (R&B) Division No.IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
**N.B : Subsequent corrigendum / addendum if required shall be available in the website as indicated above.**

Sd./- Additional Chief Engineer
BBSR (R&B) Division No.IV, BBSR
OIPR-34090/11/0023/2526

## ସଂକ୍ଷେପରେ

### ଭାଲୁ ସହ ମୁହାଁମୁହିଁ: ଯୁବକ ଗୁରୁତର

ନୀଳଗିରି, ୭।୯(ପ୍ରଶାନ୍ତ ବିଶ୍ୱାଳ): ରବିବାର ସକାଳେ ନୀଳଗିରି ଉପଖଣ୍ଡ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦ୍ୱାରିକା ନିକଟ ଖୁମକୁଟ ଗାଁର ପଦ୍ମଲୋଚନ ସୋରେନ (୩୫) ନିଜ ଗାଁ ପାଖ ବିଲକୁ ଯାଉଥିବା ବେଳେ ଲୁଚି ରହିଥିବା ଏକ ଭାଲୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ଏଥିରେ ପଦ୍ମଲୋଚନଙ୍କ ଶରୀର କ୍ଷତବିକ୍ଷତ ହୋଇଥିବା ବେଳେ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଭାଲୁ ସହିତ ବିଲରେ ସାମ୍ନାସାମ୍ନି ହେବା ପରେ ପଦ୍ମଲୋଚନ ଭାଲୁ ପାଖରୁ ରକ୍ଷା ପାଇବା ପାଇଁ ଚିତ୍କାର କରିବା ସହ ଲଢ଼ିଥିଲେ। ପରେ ଭାଲୁଟି ଛାଡ଼ି ସେଠାରୁ କୁଲଡ଼ିହା ଅଭୟାରଣ୍ୟ ଆଡ଼କୁ ଚାଲିଯାଇଥିଲା। ପଦ୍ମଲୋଚନଙ୍କୁ ନୀଳଗିରି ଉପଖଣ୍ଡ ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

### ରୋଟାରୀ କ୍ଲବ ପକ୍ଷରୁ ସହାୟତା

ଜଳେଶ୍ୱର, ୭।୯(ସତ୍ୟରଞ୍ଜନ ପ୍ରଧାନ): ଜଳେଶ୍ୱର ରାଇବଣିଆ ରୋଟାରୀ କ୍ଲବ ତରଫରୁ ଅସହାୟ ବ୍ୟକ୍ତିଙ୍କୁ ସହାୟତା କରାଯାଇଛି। ସଭାପତି ପ୍ରଶାନ୍ତ କୁମାର ଗିରି ନେତୃତ୍ୱରେ ବାସନ୍ତୀ ପଡ଼ିଆ ନିକଟରେ ୧୦ଜଣଙ୍କୁ ସହାୟତା କରାଯାଇଥିଲା। ଛତା, ଗାମୁଛା, ଜୋତା ଆଦି ସହାୟତା ପ୍ରଦାନ କରାଯାଇଥିଲା। ସପନ କୁମାର ଜେନା, ଡ. ଅଜିତ୍ ମହାନ୍ତି, ଅଧ୍ୟାପକ ସୁଧୀର କର, ଅଧ୍ୟାପକ ନୀଳକଣ୍ଠ ଖଣ୍ଡା, ଚନ୍ଦନ ଦାସ, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରାଣକୃଷ୍ଣ ଗିରି, ସୁକୁମାର ରଣା, ସୁନୀଲ ନାୟକ ଓ ସଂଗ୍ରାମ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

# ୧୦୦ଏକରର ଜମିର ଅଧିପତି ନୃସିଂହ ମହାପ୍ରଭୁଙ୍କ ପ୍ରସାଦ ଚିନ୍ତା





ପ୍ରଶାସନ ଦୃଷ୍ଟି ଆଢୁଆଳରେ ଅବହେଳିତ ହୋଇ ରହିଥିବା ନୃସିଂହନାଥ ମନ୍ଦିର।

ଖଇରା, ୭।୯(ଉତ୍କଳବନ୍ଧୁ ପଣ୍ଡା):

ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀ ପର୍ଯ୍ୟଟନକ୍ଷେତ୍ରର ଦକ୍ଷିଣପଶ୍ଚିମ ଦିଗକୁ ଗଲେ ୨ଶହ ମିଟର ଆଗକୁ ପଡେ ନୃସିଂହନାଥ ମଠ । ପାଖାପାଖି ୧୫୦ ବର୍ଷ ତଳେ ଏହି ମଠ ସ୍ଥାପନା ହୋଇଥିବା କୁହାଯାଉଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ତା'ର ଗାରିମା ଓ କୀର୍ତ୍ତି ମଳିନ ପଡିଗଲାଣି। ଯେଉଁ ସ୍ଥାନକୁ ଦିନେ ହଜାର ହଜାର ଭକ୍ତଙ୍କର ସୁଅ ଛୁଟୁଥିଲା ଆଜି ସେ ସ୍ଥାନ ଖାଁ ଖାଁ ଲାଗୁଛି । ବଡ ବିଚିତ୍ର କଥା ଏହି କି ଯେ, ଏହି ମଠରେ ଅଧିଷ୍ଠାତା ନୃସିଂହଙ୍କ ନାମରେ ବିଭିନ୍ନ ସ୍ଥାନରେ ୧ଶହ ଏକରରୁ ଉର୍ଦ୍ଧ୍ୱ ସମ୍ପତ୍ତି ଥିବା ବେଳେ ପ୍ରଭୁଙ୍କୁ ନିୟମିତ ପ୍ରସାଦ ଠିକ୍ ଭାବେ ମିଳିପାରୁନି। ପ୍ରଭୁଙ୍କ ସମ୍ପତ୍ତିକୁ ବ୍ୟକ୍ତି ନିଜ ଦଖଲରେ ରଖିବା ଏବଂ ପ୍ରଶାସନ ପକ୍ଷରୁ ଉପଯୁକ୍ତ ଦୃଷ୍ଟି ଅଭାବ ନୃସିଂହ ମହାପ୍ରଭୁଙ୍କ ଏହି ଦୁର୍ଦ୍ଦଶା ପାଇଁ ଦାୟୀ ବୋଲି କୁହାଯାଉଛି।

କିମ୍ବଦନ୍ତୀ ଅନୁଯାୟୀ, ନେପାଳରୁ ଆଗତ ବାବା ଶିତଲ ଦାସ ପାଖାପାଖି ୧୫୦ବର୍ଷ ତଳେ ଘଞ୍ଚ ଜଙ୍ଗଲ ଥିବା ଏହି ସ୍ଥାନରେ ସ୍ୱପ୍ନାଦେଶକ୍ରମେ ମଠ ସ୍ଥାପନା କରିଥିଲେ। କୁପାରୀ ଗ୍ରାମବାସୀଙ୍କ ସହଯୋଗକ୍ରମେ ଚାଳ ଛପରର ଏକ କୁଡିଆ ନିର୍ମାଣ କରି ଘରର ଏକ କୋଣରେ ଛୋଟ ମନ୍ଦିର ନିର୍ମାଣ କରିଥିଲେ। ସାଙ୍ଗରେ ଆଣିଥିବା ୫ ପିତ୍ତଳ ମୂର୍ତ୍ତି ନୃସିଂହ, ଗୋପାଳ, ହନୁମାନ, ରାଧା ଓ କୃଷ୍ଣଙ୍କୁ ସେହି ମାଟି ମନ୍ଦିରରେ ପ୍ରତିଷ୍ଠା କରାଇଥିଲେ। ପରେ ପରେ ଏହି ପୀଠ ନୃସିଂହ ମଠ ନାମରେ ପରିଚିତ ହେବା ସହ ମଠ ଓ ମହନ୍ତଙ୍କ ମହିମା ବହୁ ଦୂରକୁ ବ୍ୟାପି ଯାଇଥିଲା। ମାଘ ସପ୍ତମୀ, ନୃସିଂହ ଜନ୍ମ, ଭାଗବତ ପାରାୟଣ, ଦୁର୍ଗାଷ୍ଟମୀ ଭଳି ଉତ୍ସବ ମାନଙ୍କରେ ବହୁ ଭକ୍ତଙ୍କ ସମାଗମ ହେଉଥିଲା। ବ୍ୟକ୍ତିବିଶେଷଙ୍କ ମାନସିକ ପୂରଣ ପରେ ସେମାନେ ମନ୍ଦିରକୁ ଜମିଦାନ କରୁଥିଲେ, ଯାହା ମନ୍ଦିର ଓ ଭକ୍ତଙ୍କ ଖର୍ଚ୍ଚଭରଣା ପାଇଁ ପର୍ଯ୍ୟାପ୍ତ ଥିଲା। ମହନ୍ତ ଶିତଲ ଦାସଙ୍କ ପରେ ଗଡପୋଖରୀର ଜାନକୀ ଦାସ, ଚକରାପାଡ଼ାର ଶ୍ରୀମଦ ପ୍ରସାଦ ଦାସ, ଯାଜପୁରର ବଳରାମ ଦାସ, ରେମୁଣାର ଶତ୍ରୁଘ୍ନ ଦାସ ଏବଂ ପରବର୍ତ୍ତୀ ମହନ୍ତ ଭାବେ ଏବେକାର ଚିନ୍ତାମଣି ଦାସ ମଠ ସଞ୍ଚାଳକ ଭାବେ କାର୍ଯ୍ୟଭାର ତୁଲାଉଛନ୍ତି। ବର୍ତ୍ତମାନ ଖଇରା ବ୍ଲକକୁ ଛାଡିଦେଲେ ଧୂଷୁରି, ଚାନ୍ଦବାଲି, ଆଗରପଡା, ଆରଡି, ଯାଜପୁର, ଶୋଷ, କାନପୁର, ଷଡା, ନୂଆ ପୋଖରୀ, ସରମରା, ପାଟକନା, ପଙ୍କପାଳ ଆଦି ସ୍ଥାନମାନଙ୍କରେ ଶହେ ଏକରରୁ ଉର୍ଦ୍ଧ୍ୱ ଜମିକୁ ବ୍ୟକ୍ତିବିଶେଷ ଜୋର ଜବରଦଖଲରେ ରଖି ଭୋଗ କରୁଛନ୍ତି । ୨୦୦୨ ମସିହା ପରଠାରୁ ଆଉ କମିଟି ଗଠନ କରାଯାଇ ନ ଥିବା ବେଳେ ତା' ପୂର୍ବରୁ ପୁରୁଣା କମିଟି ପ୍ରଚେଷ୍ଟାରେ କିଛି ଜମି ଜବରଦଖଲମୁକ୍ତ କରାଯାଇଥିଲା। ଏପର୍ଯ୍ୟନ୍ତ ସଂସ୍କୃତି ବିଭାଗ ତରଫରୁ ଅବହେଳିତ ପୁରୁଣା ମନ୍ଦିର ମରାମତି ପାଇଁ ଟଙ୍କାଟିଏ ବି ମିଳିନି। ଏବେ ମନ୍ଦିର ପରିଚାଳନା ପାଇଁ ଟ୍ରଷ୍ଟ ଗଠନ ପ୍ରକ୍ରିୟା ଚାଲୁ ରହିଛି । ଟ୍ରଷ୍ଟ ଗଠନ ପରେ ହୁଏତ ମଠର ଭାଗ୍ୟ ଫେରିବା ନେଇ ମହନ୍ତ ଚିନ୍ତାମଣି ଦାସ ଆଶାବାଦୀ ଅଛନ୍ତି।

# ବାଲେଶ୍ୱର-ଖଡ଼ଗପୁର ରାସ୍ତା ହେବ ୬ ଥାକିଆ

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି

ବାଲେଶ୍ୱର, ୭।୯(ବାଞ୍ଛାନିଧି ଦେ):

କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ନୂଆଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶନିବାର ସାକ୍ଷାତ୍ କରିଛନ୍ତି। ବାଲେଶ୍ୱରରୁ ଖଡ଼ଗପୁର ପର୍ଯ୍ୟନ୍ତ ରାସ୍ତାକୁ ୬ ଥାକିଆ କରିବା ସମ୍ପର୍କରେ ମନ୍ତ୍ରୀଙ୍କ ସହ ସେ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଏମ୍‌ପି ଷଡ଼ଙ୍ଗୀ ଦାବି କରିଆସୁଥିଲେ। ବିଭାଗ ତରଫରୁ ଅନୁକୂଳ ମତ ଆସୁ ନ ଥିବାରୁ ନିର୍ମାଣ କାର୍ଯ୍ୟ ଅଟକି ରହିଥିଲା। ରାସ୍ତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଖୁବ୍‌ଶୀଘ୍ର ଏହି ୬ ଥାକିଆ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କୁ ସେ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ସଚିବଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ଶେରଗଡ଼-ନୀଳଗିରି-ଝରଣାଘାଟି ରାସ୍ତା ପାଇଁ ଅତିରିକ୍ତ ପାଣ୍ଠି, ଜାତୀୟ ରାଜପଥରେ ଆବଶ୍ୟକ ଅଣ୍ଡରପାସ୍ ଓ ରାମ୍ପ ବ୍ରିଜ୍ ନିର୍ମାଣ, ନହରପାଟଣାଠାରେ ଥିବା ସୌନ୍ଦର୍ଯ୍ୟକରଣ ପାର୍କ ନିର୍ମାଣରେ ହୋଇଥିବା ଆର୍ଥିକ ଅନିୟମିତତାର ତଦନ୍ତ କରାଯିବା ସହ ଏଠାରେ ନୂତନ ପାର୍କ ନିର୍ମାଣ ପାଇଁ ଏମ୍‌ପି ଷଡ଼ଙ୍ଗୀ ଦାବି ରଖିଥିଲେ। କେନ୍ଦ୍ରମନ୍ତ୍ରୀ ଗଡ଼କରୀ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ କହିଥିଲେ।



କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କ ସହ ଏମ୍‌ପି ଷଡ଼ଙ୍ଗୀ ଆଲୋଚନା କରୁଛନ୍ତି।

# ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ତରଫରୁ ସୁରେଶ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା, ୭।୯(ଉତ୍କଳବନ୍ଧୁ ପଣ୍ଡା):

ଗତ ୫ତାରିଖରେ ରାଷ୍ଟ୍ରପତିଙ୍କ ନିକଟରୁ ସମ୍ବର୍ଦ୍ଧିତ ହୋଇଥିବା ଗରସଙ୍ଗ ଗ୍ରାମର ଜାତୀୟ ଶିକ୍ଷକ ପୁରସ୍କାରପ୍ରାପ୍ତ ଶିକ୍ଷକ ଇଂ. ସୁରେଶ କୁମାର ମହାନ୍ତିଙ୍କୁ ରବିବାର ଶୁଭେଚ୍ଛୁ, ଶିକ୍ଷାବିତ ତଥା ଗ୍ରାମବାସୀ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର କୁମାର ଦାସଙ୍କ ଆବାହକତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ଖିଲାର ସଭାପତିତ୍ୱ କରିଥିଲେ। ରାମଚନ୍ଦ୍ର ଉଚ୍ଚ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବ ପ୍ରସାଦ ବଳ, ଅନନ୍ତ ପ୍ରସାଦ ଉପାଧ୍ୟାୟ, କୃଷ୍ଣଚନ୍ଦ୍ର ଜେନା, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ବଡଜୟୀପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଭରତ ଚନ୍ଦ୍ର ମହାନ୍ତି, ନାରାୟଣ ପ୍ରସାଦ ଜେନା, ରାମଚନ୍ଦ୍ର ପହୀ, ପ୍ରଦୀପ କୁମାର ବାରିକ, ମଧୁସୂଦନ ସେଠୀଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇ ବାଲ୍ୟକାଳରୁ ଆରମ୍ଭ କରି ଖୋର୍ଦ୍ଧା ଜିଲାରେ ଭିନ୍ନକ୍ଷମଙ୍କ ପାଇଁ ଖୋଲାଯାଇଥିବା ଆଇଆଇଟିରେ ପିଲାମାନଙ୍କୁ ସ୍ୱତନ୍ତ୍ର ଶୈଳୀରେ ତାଲିମ ଦେବା ପର୍ଯ୍ୟନ୍ତ ସବୁ କାର୍ଯ୍ୟକୁ ନିଷ୍ଠାର ସହ କରିଥିବାରୁ ତାଙ୍କୁ ଏହି ସଫଳତା ମିଳିଥିବା କହିଥିଲେ। ସ୍କିଲ ଇଣ୍ଡିଆ ଓ ଉଦ୍ୟମିତା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ବୃତ୍ତିଗତ ତାଲିମରେ ଉତ୍କର୍ଷତା ପାଇଁ ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିକ୍ଷକ ଇଂ ସୁରେଶ ମହାନ୍ତିଙ୍କୁ ମାନପତ୍ର, ମେଡାଲ ଓ ୫୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

# ସରକାର ଦେଇଛନ୍ତି, ଉର୍ମିଳା ପାଇନାହାନ୍ତି

## ୨୦ବର୍ଷ ପରେ ମଧ୍ୟ ଜାଗା ଚିହ୍ନଟ ହୋଇନାହିଁ

ସିମୁଳିଆ, ୭।୯(ସନ୍ତୋଷ ନାୟକ):

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ସାନମଇତାପୁର ଅଞ୍ଚଳର ଉର୍ମିଳା ଧୂପାଳ(୪୭) ନାମ୍ନୀ ଜଣେ ମହିଳାଙ୍କୁ ମିଳିଥିବା ସରକାରୀ ଜମି ଗତ ୨୦ବର୍ଷ ହେଲା ଚିହ୍ନଟ ହୋଇପାରୁନାହିଁ । ଫଳରେ ମହିଳା ଜଣଙ୍କ ନିଜ ଜମି ସମ୍ପର୍କରେ ଜାଣିପାରୁ ନାହାନ୍ତି । ନିଜ ଜାଗା ଚିହ୍ନଟ ପାଇଁ ସେ ବିଭିନ୍ନ ତହସିଲଦାରଙ୍କୁ ବାରମ୍ବାର ଆବେଦନ କରିଥିଲେ ହେଁ ତାହା କେବଳ ଆଶ୍ୱାସନାରେ ସୀମିତ ରହିଛି।



ନିଜ ଜମି ପଟ୍ଟା ସହିତ ଉର୍ମିଳା।

ଗତ ୩।୧।୨୦୦୫ରେ ସ୍ୱର୍ଗତଃ ନରେଶ ଚନ୍ଦ୍ରଙ୍କ ସ୍ତ୍ରୀ ଉର୍ମିଳାଙ୍କୁ ସାନମଇତାପୁର ଅଞ୍ଚଳରେ ଖତିଆନ କ୍ରମିକ ସଂଖ୍ୟା ୩୩୨/୨୬୧, ପ୍ଲଟ ନଂ. ୨୨୩/୧୩୩୭ ସ୍ଥିତିବାନ ଜମିରୁ ୪ ଡିସମିଲ(୧ଗୁଣ୍ଠ) ଜମି ସରକାର ପ୍ରଦାନ କରିଥିଲେ। ନିଜର ଦୁଇ ସନ୍ତାନ ପାଇଁ ସରକାର ତାଙ୍କୁ ଗ୍ରୀନ୍ କାର୍ଡ ଯୋଜନାରେ ଏହି ଜମି ତାଙ୍କୁ ପ୍ରଦାନ କରିଥିଲେ। ତେବେ ସରକାରୀ ରୂପେ ଏହା ଚିହ୍ନଟ କରାଯାଇ ନ ଥିବାରୁ ସେ ନିଜର ଜମି ପାଇପାରୁ ନ ଥିବା କହିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଆର୍‌ଆଇ ତାପସ ସେନଙ୍କୁ ପଚାରିବାରୁ ଉକ୍ତ ମହିଳାଜଣଙ୍କ ଗତ ୨ବର୍ଷ ପୂର୍ବେ ଆସିଥିଲେ। ତାଙ୍କୁ ମିଳିଥିବା ସ୍ଥାନଟି ଖାଲୁଆ ହୋଇଥିବାରୁ ତାହା ପାଣିରେ ବୁଡିରହୁଛି । ତେବେ ସେ ପୁଣି ଆସି ଦେଖାକଲେ ସେ ତାଙ୍କୁ ତାଙ୍କ ଜାଗା ଚିହ୍ନଟ କରିଦେବେ । ବର୍ଷା ଛାଡ଼ିବା ପରେ ଉର୍ମିଳା ନିଜ ଜାଗାଟିକୁ ଆବଦ୍ଧ କରିବା ସହିତ ଘର ନିର୍ମାଣ କରିପାରିବେ ବୋଲି ଆର୍‌ଆଇ ସୂଚନା ଦେଇଛନ୍ତି।

# ୪୦ତମ ଜାତୀୟ ଚକ୍ଷୁଦାନ ପକ୍ଷ

ବାଲେଶ୍ୱର, ୭।୯(ବାଞ୍ଛାନିଧି ଦେ):

ବାଲେଶ୍ୱର ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ୪୦ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ ଅବସରରେ ବୁଧବାର ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ଏଏନ୍‌ଏମ୍ ତାଲିମ ଶିକ୍ଷାନୁଷ୍ଠାନର ଅଧ୍ୟୟନରତ ଛାତ୍ରୀମାନେ ଏହି ପଦଯାତ୍ରାରେ ବାହାରି ସିନେମା ଛକ ଦେଇ ଜିଲା ତାଲିମ ପ୍ରକୋଷ୍ଠଠାରେ ପହଞ୍ଚିଥିଲେ।

ଉକ୍ତ ପଦଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ତାଲିମ ପ୍ରକୋଷ୍ଠରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଚକ୍ଷୁ ଦାନ ଦ୍ୱାରା ଅନ୍ଧ ଲୋକ ଭଗବାନଙ୍କ ସୁନ୍ଦର ସୃଷ୍ଟି ଦେଖି ପାରିବା ସଙ୍ଗେ ସଙ୍ଗେ ଦାନ କରିଥିବା ଲୋକ ଅମର ହୋଇରହିବ ବୋଲି ସେ ବକ୍ତବ୍ୟରେ କହିଥିଲେ। ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ସୁଜିତ୍ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଡା. ଗିରିଜା ଶଙ୍କର ଦାସ, ଡା. ପ୍ରଦୀପ କୁମାର କର, ଡା. ସଞ୍ଜିବ କୁମାର ପ୍ରଧାନ, ଡା. କ୍ଷୀରୋଦ ଚନ୍ଦ୍ର ପାଲ, ଡା. ମନୋଜ କୁମାର ସାହୁ, ଡା. ସୂର୍ଯ୍ୟପ୍ରକାଶ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ହୋଇ ଚକ୍ଷୁ ଦାନ ନିମନ୍ତେ କଣ କରିବା ପାଇଁ ହେବ ଏବଂ କେଉଁ ଲୋକ ଚକ୍ଷୁ ଦାନ କରିପାରିବେ ନାହିଁ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଭାରପ୍ରାପ୍ତ ଅତିରିକ୍ତ ଜିଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିପିଏମ୍ ଚକ୍ରଧର ଜେନା, ଡିଇଓ ମନୋଜ କୁମାର ଦାସ, ଦୃଷ୍ଟିଦାନ ସଙ୍ଗଠନ ଭୁବନେଶ୍ୱରର ମ୍ୟାନେଜର ଜ୍ୟୋତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ସଚେତନତା ପଦଯାତ୍ରାରେ ସାମିଲ ଛାତ୍ରୀ।

# ମାନବସେବା କ୍ଷେତ୍ରରେ ପଦାର୍ଥ ବିଜ୍ଞାନର ଅବଦାନ ଅତୁଳନୀୟ

## ଜାତୀୟ ସ୍ତରୀୟ ସେମିନାର ଉଦ୍‌ଯାପିତ

ଭୋଗରାଇ, ୭।୯(ପ୍ରଦୀପ ଦାସ):

ମାନବ ସେବା କ୍ଷେତ୍ରରେ ପଦାର୍ଥ ବିଜ୍ଞାନର ଅବଦାନ ଅତୁଳନୀୟ। ଏକ ବିଂଶ ଶତାବ୍ଦୀର କ୍ୱାଣ୍ଟମ ବିଜ୍ଞାନର ଅଧିକରୁ ଅଧିକତର ଗବେଷଣା କଲେ ନୂତନ ତଥ୍ୟ ଉଦ୍ଭାବିତ ହୋଇ ସାରା ବିଶ୍ୱକୁ ନୂତନ ଦିଗନ୍ତ ଦେଖାଇବ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ପରିଷଦ ଓ ପଦାର୍ଥବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଶନିବାର ଅଡିଟୋରିୟମ ହଲ୍‌ରେ ଦୁଇଦିନିଆ ଜାତୀୟସ୍ତରୀୟ ସେମିନାର ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଶୁକ୍ରବାର ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର ସେମିନାରକୁ ଉଦ୍‌ଘାଟନ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗଦୀଶ ଚନ୍ଦ୍ର ଗିରି ଓ ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରଫେସର ଦିଲୀପ କୁମାର ଜେନା ସେମିନାରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଆଇଜର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା, ମୁଖ୍ୟବକ୍ତା ଭାବେ କୋଲକାତା ଆଇଜର ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନର ସାରଗର୍ଭକ ମିନି ପ୍ରୋଜେକ୍ଟ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର ପୌରୋହିତ୍ୟ କରିଥିଲେ। ସାମ୍ପ୍ରତିକ ସମୟରେ ପଦାର୍ଥ ବିଜ୍ଞାନର ଅଗ୍ରଗତି ଓ ଆହ୍ୱାନ ନାମିତ ଶୀର୍ଷକ ସେମିନାରରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ସନ୍ତୋଷ କୁମାର ତ୍ରିପାଠୀ ପ୍ଲାଷ୍ଟିକ ବର୍ଜନ ଉପରେ ଗୁରୁତ୍ୱ ଦେଇଥିଲେ।

# ୬୬ ୟୁନିଟ୍ ରକ୍ତ ସଂଗ୍ରହ



ବିଧାୟିକା ସୁବାସିନୀ ଜେନା ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର, ୭।୯(ବାଞ୍ଛାନିଧି ଦେ):

ବାଲେଶ୍ୱର ଜିଲା ରକ୍ତଭଣ୍ଡାର ପରିସରରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଆଶ୍ରିତା ତରେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଭଳି ମହତ ଦାନରେ ଆଗଭର ହେବା ପାଇଁ ଯୁବସମାଜକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ନାରୀନେତ୍ରୀ ରଶ୍ମିରେଖା ଦେବ, କବି ପ୍ରଶାନ୍ତ ଦାସ, ସାହିତ୍ୟିକ ଅଭୟ ଦାସ, ଯୁବନେତା ବିକ୍ରମ ପଣ୍ଡା, ବିଜେଡି ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଶ୍ରୀମତୀ ମାଝୀ, ଆଇନଜୀବୀ ସାଇରୁଲ ହକ୍, ଅସିତ ଦାଶ, ସିମନ ଦାଶ ମହାପାତ୍ର, ସନ୍ଦୀପ୍ତ ଦାସ, ହୃତିକ ନାୟକ, ଭାରତ ଭୂଷଣ ଦାସ, ପିଣ୍ଟୁ ପୋଦାର, ରାଜେନ୍ଦ୍ର ଦାସ, ସତ୍ୟେନ୍ଦ୍ର ଦାସ, ଜୀବନ ସଂଗ୍ରାମ ମିଶ୍ର, ଲମ୍ବୋଧର ବେହେରା ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବ୍ଲଡ ବ୍ୟାଙ୍କ ଅଫିସର ଏବଂ ଟିମ୍‌ଙ୍କ ଦ୍ୱାରା ୬୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ

ବାଲିଆପାଳ, ୭।୯(ଗୋପାଳ ଚନ୍ଦ୍ର ସାହୁ):

ବାଲେଶ୍ୱର ଜିଲା ବାଲିଆପାଳ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପକ୍ଷରୁ ଶନିବାର ବିଦ୍ୟାଳୟ ପରିସରରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ସୁଦୀପ୍ତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧୀନ ପୂର୍ବତନ ସିଆର୍‌ସିସି ଅଶୋକ କୁମାର ଗିରି ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ଡିଜିଟାଲ ଲିଟେରେସିର ବିଭିନ୍ନ ଦିଗ ଓ ଦୈନନ୍ଦିନ ଜୀବନରେ ଏହାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପକ ରାଜେନ୍ଦ୍ର ବାରିକ, ଇଂଲିଶ ଅଧ୍ୟାପକ ଉତ୍ତମ ମାହାନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ରମେଶ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିବା ବେଳେ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ଅପର୍ଣ୍ଣା ମାଝି, ସୁକାନ୍ତ ଜେନା, ସନ୍ନ୍ୟାସୀ ବେହେରା, ଅରୁଣ ମାଣିକ ଓ ଦିଗମ୍ବର ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ସହଯୋଗ ପାଇଁ ପ୍ରତିଶ୍ରୁତି ଦେଲା ପ୍ରଶାସନ

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆଲୋଚନାଚକ୍ର

ବାହାନଗା, ୭।୯ (ଅରୂପ କୁମାର ଦାସ):

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ରବିବାର ଗୋପାଳପୁର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ଆବାହକ ଗିରିଶ ଚନ୍ଦ୍ର ଦାଶ। ମୁଖ୍ୟଅତିଥି ଭାବେ ଏଡିଏମ ସୁଧାକର ନାୟକ, ସମ୍ମାନିତ ଅତିଥି ଭାବେ ବାହାନଗା ତହସିଲଦାର ଶଙ୍କର ପଟ୍ଟନାୟକ, ଡିଏସଏସଓ( ଜିଲା ସାମାଜିକ ସୁରକ୍ଷା ଅଫିସର) ପ୍ରତିଭା ବେହେରା, ପୂର୍ବତନ ଜିଲା ସାମାଜିକ ସୁରକ୍ଷା ଅଫିସର କମଳାକାନ୍ତ ବେହେରା, ଗୋପାଳପୁର ଥାନା ଅଧିକାରୀ ଅଶୋକ ବାରିକ ଓ ଅନ୍ୟତମ ଅତିଥି ଭାବେ ବାହାନଗା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମ୍ବିକା ପୃଷ୍ଟି ଯୋଗଦେଇଥିଲେ। ଜିଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଦାମୋଦର ନାୟକ, ଉପସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଉପସଭାପତି ଦେବେନ୍ଦ୍ର ଚୌଧୁରୀ, ଉପଦେଷ୍ଟା କ୍ଷୀତେଶ୍ୱର ଦାଶ, ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ତପନ ପଣ୍ଡା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି ସେ ବିଷୟରେ ବକ୍ତବ୍ୟ ଦେଇଥିଲେ। ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ସରକାରଙ୍କ ତରଫରୁ ଯେକୌଣସି ସହଯୋଗ ଦରକାର ସେସବୁ ନିଶ୍ଚିତ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ୧୫ଟି ପଞ୍ଚାୟତର ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ୧୭, ୨୦ ନମ୍ବର ଜୋନର ଜିଲାପରିଷଦ ସଭ୍ୟ, ଗୋପାଳପୁର ସରପଞ୍ଚ ତୁଷାରକାନ୍ତି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ରମଣୀକାନ୍ତ ମିଶ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଗୋପାଳପୁର ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବରିଷ୍ଠ ସଦସ୍ୟ ସୁଦର୍ଶନ ମହାପାତ୍ର, ଶଙ୍କର୍ଷଣ ଶିଆଳ, ଯଦୁନାଥ ମିଶ୍ର, ଉଦୟ ନାରାୟଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟତା କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

# ଜନ୍ମଦିନ ପାଳନ ବେଳେ ଯୁବତୀଙ୍କୁ ଗଣବଳାତ୍କାର

କୋଲକାତା, ୭ା୯



ଅଭିଯୁକ୍ତ ଚନ୍ଦନ ମଲ୍ଲିକ ଏବଂ ଦୀପ ବିଶ୍ୱାସ

ପଶ୍ଚିମବଙ୍ଗର ହରିଦେବପୁରରେ ଶୁକ୍ରବାର ଜଣେ ୨୦ ବର୍ଷୀୟା ଯୁବତୀ ନିଜ ଜନ୍ମଦିନ ଉତ୍ସବ ପାଳନ କରୁଥିବାବେଳେ ୨ ଜଣ ପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗଣବଳାତ୍କାରର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଚନ୍ଦନ ମଲ୍ଲିକ ଏବଂ ଦୀପ ବିଶ୍ୱାସ ଫେରାର ହୋଇଯାଇଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଯୁବତୀ ଜଣକ ଚାରି ମାସ ପୂର୍ବରୁ ଚନ୍ଦନଙ୍କୁ ଭେଟିଥିଲେ। ଚନ୍ଦନ ନିଜକୁ ଦକ୍ଷିଣ କୋଲକାତା ପୂଜା କମିଟି ପ୍ରମୁଖ ବୋଲି ପରିଚୟ ଦେବା ସହ ପରେ ଯୁବତୀଙ୍କୁ ଦୀପଙ୍କ ସହ ପରିଚିତ କରାଇଥିଲେ। ଉଭୟେ ଯୁବତୀଙ୍କୁ କମିଟିରେ ସାମିଲ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନେକ ସମୟରେ ୩ ଜଣ ପରସ୍ପର ସହ କଥା ହେଉଥିଲେ। ଶୁକ୍ରବାର ରାତିରେ ଅଭିଯୁକ୍ତମାନେ ଯୁବତୀଙ୍କୁ ରେଗେଣ୍ଟ ପାର୍କ ଅଞ୍ଚଳରେ ଥିବା ଏକ ଫ୍ଲାଟକୁ ନେଇ ଏକାଠି ପାର୍ଟି କରିଥିଲେ। ଯୁବତୀ ଜଣକ ସେଠାରୁ ବାହାରିବାକୁ ଉଦ୍ୟମ କଲାବେଳେ ଅଭିଯୁକ୍ତମାନେ ଡୋରକୁ ଲକ୍ କରିଦେଇ ତାଙ୍କୁ ମାଡ଼ ମାରିବା ସହ ବଳାତ୍କାର କରିଥିଲେ। ପରଦିନ ସକାଳେ ଯୁବତୀ କୌଣସି ପ୍ରକାରେ ସେଠାରୁ ଖସି ପଳାଇଆସି ହରିଦେବପୁର ଥାନାରେ ଏତଲା ଦେଇଥିଲେ।

# କାର୍ ଭିତରେ ନାବାଳିକାଙ୍କୁ ବଳାତ୍କାର

ଦାରିଙ୍ଗବାଡ଼ି, ୭ା୯ (ଅରୁଣ ସାହୁ)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜଣେ ନାବାଳିକା(୧୫)ଙ୍କୁ ବଳାତ୍କାର କରାଯାଇଥିବା ନେଇ ପରିବାର ଲୋକେ ଶନିବାର ଅଭିଯୋଗ କରିଛନ୍ତି। ନାବାଳିକା ଅଗଷ୍ଟ ୩୧ରେ ନିଜ ବଡ଼ ଭଉଣୀଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଭଉଣୀଙ୍କ ଘରଠାରୁ କିଛି ଦୂରରେ ଗଣେଶ ମୂର୍ତ୍ତି ଭସାଣି ପାଇଁ ହେଉଥିବା ଶୋଭାଯାତ୍ରା ଦେଖିବାକୁ ନାବାଳିକା ଯାଇଥିଲେ। ଭସାଣି ବେଳେ ସେ ତାଙ୍କ ଡ୍ରେସ୍ ଜ୍ୟାକେଟ୍ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ଏଣୁ ଫେରୁଥିବା ପ୍ରସାଦ ଖାଇସାରି ସେଠାକୁ ଯାଇ ଜ୍ୟାକେଟ ଧରି ଫେରୁଥିବା ବେଳେ ଜଣେ ଯୁବକ କାରରେ ଆସି ନାବାଳିକାଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। ଦାରିଙ୍ଗବାଡ଼ି ସହର ବାହାରକୁ ନେଇ କାର୍ ଭିତରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ପରିବାର ଲୋକେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ନାବାଳିକା ସେଠାରୁ ଖସି ଆସିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ ବୋଲି କହିଛନ୍ତି। ତେବେ ଏ କଥା କାହାକୁ କହିଲେ ଜୀବନରେ ମାରିଦେବାକୁ ସମ୍ପୃକ୍ତ ଯୁବକ ତାଙ୍କୁ ଧମକ ଦେଇଛନ୍ତି। ଏନେଇ ୧୮୨/୨୫ ନଂ.ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଏହି ଘଟଣା ଦାରିଙ୍ଗବାଡ଼ି ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିହାରୀ ସାଇବର ଠକଙ୍କୁ ଅପହରଣ କରି ୨୫ ଲକ୍ଷ ମୁଣ୍ଡଜାମିନ

ଭୁବନେଶ୍ୱର,୭ା୯ (ସତ୍ୟଜିତ୍ ରାଉତ)

- ଅପହର୍ତ୍ତା ମହିଳାଙ୍କ ସମେତ ୪ ଗିରଫ
- ବିହାରୀ ସାଇବର ଠକ ମଧ ଗିରଫ ହେଲେ

ବିହାର ସାଇବର ଠକଙ୍କୁ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ଦେଇ କମିଶନ ପାଉଥିଲେ ଭୁବନେଶ୍ୱରର ମହିଳା। ଅଧିକ ଟଙ୍କା ଲୋଭରେ ସମ୍ପୃକ୍ତ ଠକଙ୍କୁ ଡାକି ଅପହରଣ କରିବା ପରେ ମୁଣ୍ଡ ଜାମିନ ରଖି ୨୫ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ଅଭିଯୋଗ ପରେ ଚନ୍ଦକା ଥାନା ପୋଲିସ ଅପହୃତଙ୍କୁ ଉଦ୍ଧାର କରି ଅପହର୍ତ୍ତାମାନଙ୍କୁ ଧରିବା ପରେ ବଡ଼ଧରଣର ଠକେଇ ର୍ୟାକେଟ ପଦାକୁ ଆସିଛି। ଅପହର୍ତ୍ତାକାରୀ ମହିଳା ଓ ତାଙ୍କ ପୁଅ, ଝିଅଙ୍କ ସମେତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଚନ୍ଦକା ଥାନା ସଂଘର୍ଷ ବିହାରର ଅମିତାରାଣୀ ରାଉତ (୫୦), ତାଙ୍କ ପୁଅ ଚିରଞ୍ଜୀବ ରାଉତ (୨୧), ଝିଅ ଆକାଂକ୍ଷା ରାଉତ (୨୧) ଏବଂ ସହଯୋଗୀ ମୈତ୍ରୀ ବିହାର ଥାନା ବିଡିଏ କଲୋନୀର ଭଗବାନ ସାହୁ (୨୧)। ଅପରପକ୍ଷରେ ଅପହୃତ ବିହାରୀ ସାଇବର ଠକଙ୍କୁ ମଧ ପୋଲିସ ଗିରଫ କରିଛି। ସେ ହେଲେ ବିହାର ନାଳନ୍ଦା ଜିଲା ବିହାର ସରିଫ୍ ଥାନା ଅଞ୍ଚଳର ସମିର କୁମାର ଭୁଭେ (୩୫)। ଏହି ଘଟଣାରେ ଚନ୍ଦକା ଥାନା ପକ୍ଷରୁ ଏକ ମାମଲା (ନଂ.୩୫୬/୨୦୨୫) ରୁଜୁ କରାଯାଇ ସମସ୍ତଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ସେମାନଙ୍କୁ ରବିବାର କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ବିହାରୀ ଠକ ସମିରଙ୍କ ପକ୍ଷରୁ ଅପହରଣ ନେଇ ଅଭିଯୋଗ ପରେ ଥାନା ପକ୍ଷରୁ ମାମଲା (ନଂ.୩୫୫/୨୦୨୫)ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଠକେଇ ନେଟୱର୍କର ଅଧିକ ଖୋଳତାଡ କରାଯିବ ବୋଲି ଡିସିପି ଜଗନୋହନ ମୀନା କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସମୀରଙ୍କ ସହ ଅମିତାରାଣୀ ଉତ୍ତରପ୍ରଦେଶ ପ୍ରୟାଗରାଜରେ ଭେଟ ହୋଇଥିଲେ। ଏହାପରେ ସମୀର ୪ ମାସ ତଳେ ଓଡ଼ିଶା ଆସି ଅମିତାରାଣୀଙ୍କୁ ନେଇ ଭୁବନେଶ୍ୱରର ଆକ୍ସିସ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଓ ସୂର୍ଯ୍ୟୋଦୟ ବ୍ୟାଙ୍କରେ ତାଙ୍କ ନାମରେ ୩ଟି ଆକାଉଣ୍ଟ ଖୋଲିଥିଲେ। ସମୀର ଆକାଉଣ୍ଟଗୁଡ଼ିକର ଚେକବୁକ୍, ବ୍ୟାଙ୍କିଙ୍ଗ୍ ଆଇଡି, ପାସ୍‌ୱାର୍ଡ ଓ ଲିଙ୍କ୍ ସିମକାର୍ଡକୁ ନେଇଯାଇଥିଲେ। ପ୍ରତି ଟ୍ରାଞ୍ଜାକ୍ସନ ପିଛା ୧.୪ କମିଶନରେ ସମୀର ତାଙ୍କୁ ଟଙ୍କା ଦେଉଥିଲେ। ତେବେ ଆକାଉଣ୍ଟଗୁଡିକରେ କୋଟି କୋଟି ଟଙ୍କାର ସାଇବର ଠକେଇ ହୋଇଥିବାରୁ ବିଭିନ୍ନ ତଦନ୍ତ ଏଜେନ୍ସି ଦ୍ୱାରା ଫ୍ରିଜ୍ କରାଯାଇଥିଲା। ଆକ୍ସିସ୍ ବ୍ୟାଙ୍କ ଆକାଉଣ୍ଟରେ ୧.୫ କୋଟି ଟଙ୍କା କାରବାର ହୋଇଥିବା ବେଳେ ୧୫ ଲକ୍ଷ ଫ୍ରିଜ୍ ହୋଇଥିଲା। ସୂର୍ଯ୍ୟୋଦୟ ଆକାଉଣ୍ଟରେ ୩ କୋଟି କାରବାର ହୋଇଥିବା ବେଳେ ୧୦ ଲକ୍ଷ ଫ୍ରିଜ୍ ଏବଂ ବ୍ୟାଙ୍କ ଅଫ ବରୋଦା ଆକାଉଣ୍ଟରେ ୫ କୋଟି ଟ୍ରାଞ୍ଜାକ୍ସନ ହୋଇଥିବା ବେଳେ ୬ ଲକ୍ଷ ଫ୍ରିଜ୍ ହୋଇଥିଲା। ସନ୍ଦେହଜନକ କାରବାର ହେଉଥିବାରୁ ବ୍ୟାଙ୍କଗୁଡ଼ିକରୁ ଅମିତାରାଣୀଙ୍କୁ ଡକାଯାଇ ସତର୍କ କରାଯାଇଥିଲା। ଏହାସତ୍ତ୍ୱେ ସେ ଅଧିକ ଟଙ୍କା ପାଇବା ଲୋଭରେ ପଡିଥିଲେ। ସେ ଆଉ ବ୍ୟାଙ୍କ ଆକାଉଣ୍ଟ ଖୋଲିବେ କହି ସମୀରଙ୍କୁ କଲ୍ କରି ଭୁବନେଶ୍ୱର ଡାକିଥିଲେ। ସମୀର ଶୁକ୍ରବାର ରାତିରେ ଭୁବନେଶ୍ୱରରେ ପହଞ୍ଚି ହୋଟେଲରେ ରହିବା ସହ ପଥରଗାଡିଆରେ ଅଭିଯୁକ୍ତମାନଙ୍କୁ ଭେଟିବାକୁ ଯାଇଥିବାବେଳେ ସେମାନେ ତାଙ୍କୁ ଅଟକ ରଖି ୨୫ ଲକ୍ଷ ଟଙ୍କା ମାଗିଥିଲେ।

# ରେଲୱେ କଲୋନିରେ ଘର ଉପରକୁ ଗୁଳିମାଡ଼

ଝାରସୁଗୁଡ଼ା, ୭ା୯ (ଆଶିଷ ରଞ୍ଜନ ଦାଶ)



ଝାରସୁଗୁଡ଼ା ସହରସ୍ଥିତ ରେଲୱେ କଲୋନିରେ ଏକ ଘର ଉପରକୁ ଶନିବାର ରାତିରେ ଗୁଳିମାଡ଼ ହୋଇଛି। ହେଲେ ଏଥିରେ କାହାରି ଜୀବନ ହାନି ଘଟି ନାହିଁ। ରବିବାର ସକାଳେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତିରେ ରେଲୱେ କଲୋନିରେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଶୋଭାଯାତ୍ରା ଚାଲିଥିଲା। ଏହି ସମୟରେ ଉକ୍ତ କଲୋନିରେ ରହୁଥିବା ସୋହନ ସୁନା, ସୁଶାନ୍ତ ସୁନାଙ୍କ ସହିତ ନିକଟସ୍ଥ ଡବଲିଙ୍ଗ କଲୋନିର କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ କେନ୍ଦ୍ରକରି ରାତି ପ୍ରାୟ ୩ଟାରେ ଡବଲିଙ୍ଗ କଲୋନିର କେତେଜଣ ଯୁବକ ରେଲୱେ କଲୋନିରେ ପହଞ୍ଚି ସୋହନ ଓ ସୁଶାନ୍ତ ରହୁଥିବା ଘରର କବାଟ ବାଡ଼େଇଥିଲେ। ସୋହନଙ୍କ ମା' କବାଟ ଖୋଲିବା ପରେ ଘରେ କେହି ନ ଥିବା ଦେଖିବାକୁ ପାଇଥିଲେ। ପରେ ଦୁର୍ବୃତ୍ତମାନେ ଉତ୍ତ୍ୟକ୍ତ ହୋଇ ତାଙ୍କ ଘର ଉପରକୁ ୮ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଛନ୍ତି। ଗୁଳିଗୁଡ଼ିକ ସୋହନଙ୍କ ଘରର କବାଟ ଭେଦକରି ଭିତରେ ଥିବା କୁଲର ଓ କାନ୍ଥରେ ମାଡ଼ ହୋଇଛି। ସକାଳେ ଏସ୍‌ପି ରାଘବେନ୍ଦ୍ର, ଏସ୍‌ଡିପିଓ ଉମାଶଙ୍କର ସିଂ ପହଞ୍ଚି ତଦନ୍ତ କରିଥିଲେ। ଘଟଣା ରେଲୱେ କଲୋନିରେ ଘଟିଥିବାରୁ ଜିଆର୍‌ପି ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଏନେଇ ସୋହନଙ୍କ ବାପା ଦାଶରଥି ସୁନା ଅଭିଯୋଗ କରିବା ପରେ ଜିଆର୍‌ପିରେ ଏକ ମାମଲା ରୁଜୁ ହୋଇଛି।

# ପୁଅ ମାଡ଼ରେ ମା' ମୃତ

ସୁନ୍ଦରଗଡ଼/ ହେମଗିରି, ୭ା୯ (ଜୟ ନାରାୟଣ ମେଣ୍ଡୁଲି/ ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିରି ଥାନା ଅନ୍ତର୍ଗତ ଡୁଡୁକାସ୍ଥିତ ବନ୍ଧପାଲି ଗ୍ରାମରେ ରବିବାର ସକାଳେ ଘରୋଇ କଳିକୁ କେନ୍ଦ୍ରକରି ପୁଅର ମୁଥମାଡ଼ରେ ମା'ର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଶୈଳ ଧୁରୁଆ(୬୦)। ଏନେଇ ହେମଗିରି ପୋଲିସ ଥାନାରେ ଏକ ହତ୍ୟା ମାମଲା (ନଂ. ୪୧୬/୨୫) ରୁଜୁ କରି ଅଭିଯୁକ୍ତ ପୁଅ ବଳିନ୍ଦ୍ର ଧୁରୁଆ(୪୨)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁସାରେ, ଘରୋଇ କଳହକୁ ନେଇ ଶୈଳ ଏବଂ ପୁଅ ବଳିନ୍ଦ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବଳିନ୍ଦ୍ର ମୁଥ ମାରିଥିଲେ। ଶୈଳ ତଳେ ପଡ଼ିଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ବଳିନ୍ଦ୍ର ତୁରନ୍ତ ତାଙ୍କୁ ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସୀମାନ୍ତରେ ପୋଲିସ-ମାଓବାଦୀ ଗୁଳି ବିନିମୟ: ମାଓବାଦୀ ଜୋନାଲ କମାଣ୍ଡର ନିହତ

ରାଉରକେଲା,୭ା୯ (ସଙ୍ଗୀତା ଜେନା)

ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ଦମନ ଅଭିଯାନ ଜାରି ରହିଛି। ଏହି କ୍ରମରେ ରବିବାର ସକାଳ ୮ଟାରେ ଚାଇଁବାସା ପୋଲିସ ଏବଂ ସିଆର୍‌ପିଏଫ୍ କୋବ୍ରା ବାଟାଲିୟନ୍‌ର ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ବେଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ମାଓବାଦୀ ଜୋନାଲ କମାଣ୍ଡର ଅମିତ ହାଂସଦାଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରୁ ଅତ୍ୟାଧୁନିକ ମାରଣାସ୍ତ୍ର ଏସ୍‌ଏଲ୍‌ଆର୍, କାର୍ତ୍ତ୍ରିଜ୍ ଏବଂ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଜବତ ହୋଇଛି। ପୂର୍ବରୁ ଅମିତଙ୍କ ମୁଣ୍ଡ ଉପରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ଏ ନେଇ ପଶ୍ଚିମ ସିଂଭୂମ ଚାଇଁବାସା ଏସ୍‌ପି ରାକେଶ ରଞ୍ଜନ ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଓଡ଼ିଶା ସଂଲଗ୍ନ ଝାଡ଼ଖଣ୍ଡର ଗୋଇଲକେରା ଥାନା ଅଧୀନ ପାଞ୍ଚିଲାତାବୁରୁ ଜଙ୍ଗଲ ସନ୍ନିକଟ ଆରାହାସ ପଞ୍ଚାୟତର ରେଲାପାରଲ ଗ୍ରାମ ବୁର୍ଜୁଆ ପାହାଡ଼ ନିକଟରେ ରବିବାର ସକାଳ ୮ଟାରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା।

# ଜମି ବିବାଦରୁ ଫୁଟିଲା ଗୁଳି

ରାସଗୋବିନ୍ଦପୁର (ସତ୍ୟବାଦୀ ପରିଡ଼ା)/ମୋରଡ଼ା (ସ୍ମାରକ ମାଜୀ),୭ା୯

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ମାଣିକପୁର ଗ୍ରାମରେ ଜମି ବିବାଦରୁ ଗୁଳି ଫୁଟିଛି। ଶନିବାର ରାତି ୧୦ଟା ୩୦ରେ ଦିଲୀପ କୁମାର ଗିରି(କାଳିଆ)ଙ୍କ ଘର ଉପରକୁ ସେହି ଗ୍ରାମର ବେଣୁଧର ଗିରିଙ୍କ ପୁଅ ଦୀପା ୩ ସହଯୋଗୀଙ୍କ ସହିତ ବାଇକ୍ ଯୋଗେ ଆସି ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ ପୋଲିସ ଏକ ଅଫୁଟା ଗୁଳି ଓ ଖୋକା ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୩୫୦/୨୫) ରୁଜୁ ହୋଇଛି। ଘଟଣାରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଦୀପାଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

# ୪୬.୫୦ଗ୍ରାମ୍ ବ୍ରାଉନସୁଗାର, ୧.୧୧୪ କିଗ୍ରା ଗଞ୍ଜେଇ ଜବତ

ବାଲେଶ୍ୱର, ୭ା୯ (ବାଞ୍ଛାନିଧି ଦେ)

**ମହିଳାଙ୍କ ସମେତ ୪ ବେପାରୀ ଗିରଫ**

ନିଶା କାରବାର ରୋକିବା ପାଇଁ ବାଲେଶ୍ୱର ଜିଲା ପୋଲିସ ପକ୍ଷରୁ 'ପ୍ରହାର' ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବ୍ରାଉନସୁଗାର ଓ ଗଞ୍ଜେଇ ବେପାର କରୁଥିବା ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୪୬.୫୦ଗ୍ରାମ୍ ଓଜନର ବ୍ରାଉନସୁଗାର ଓ ୧.୧୧୪ କିଲୋଗ୍ରାମ ଗଞ୍ଜେଇ, ନଗଦ ୧୧ହଜାର ୭୬୫ଟଙ୍କା, ୧୨ଟି ଚିଲମ, ୨ଟି ମୋବାଇଲ ଫୋନ୍, ଗୋଟିଏ ବାଇକ୍ ଜବତ ହୋଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୪ଲକ୍ଷ ୬୫ହଜାର ଟଙ୍କା ଓ ଗଞ୍ଜେଇର ମୂଲ୍ୟ ୧୧ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାର ମସଜିଦ୍ ଗଳିରୁ ମହିଳା ବେପାରୀ ରଜିନା ବିବିଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୧୬.୫୦ଗ୍ରାମ୍ ବ୍ରାଉନସୁଗାର ଓ ନଗଦ ୯ହଜାର ୫ଶହ ଟଙ୍କା ଜବତ ହୋଇଛି। ଏନେଇ ୨୯୮/୨୫ ନଂ. ମାମଲା ରୁଜୁ ହୋଇଛି। ବସ୍ତା ଥାନା ଅଧୀନ ଉପରତାପଣ୍ଡା ଗ୍ରାମର ବିନୋଦ କୁମାର ବେହେରାଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୩୦ ଗ୍ରାମ୍ ଓଜନର ବ୍ରାଉନସୁଗାର, ଗୋଟିଏ ବାଇକ୍, ଗୋଟିଏ ମୋବାଇଲ୍ ଫୋନ୍ ଜବତ ହୋଇଛି। ଏନେଇ ୩୨୧/୨୫ ନଂ. ମାମଲା ରୁଜୁ ହୋଇଛି। ସଦର ଥାନା ଅଧୀନ ସିନ୍ଦୂରୀ ଗ୍ରାମର ସୁକାନ୍ତ ଦାସଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୫୦୪ଗ୍ରାମ୍ ଓଜନର ଗଞ୍ଜେଇ, ୧୨ଟି ଚିଲମ, ଗୋଟିଏ ମୋବାଇଲ ଫୋନ ଓ ନଗଦ ୧୬୫ଟଙ୍କା ଜବତ କରାଯାଇଛି। ଏନେଇ ୩୫୫/୨୫ ନଂ. ମାମଲା ରୁଜୁ ହୋଇଛି। ସେହିପରି ଚାନ୍ଦିପୁର ଥାନା ମୁଳାନଗର ଅଞ୍ଚଳର ବଳରାମ ବେହେରାଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୬୧୦ଗ୍ରାମ୍ ଗଞ୍ଜେଇ ଓ ନଗଦ ୨୧ଶହ ଟଙ୍କା ଜବତ ହୋଇଛି। ଏନେଇ ୧୨୭/୨୫ ନଂ. ମାମଲା ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।


## GOVT. OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE : KEONJHAR

No.O-697

email : se_nerwkjr@rediffmail.com

eProcurement Notice for Road Works under PM-JANMAN Batch-I

**Identification No. NCB-16 / RWCKJR / 2025-26**

No. 3417 / Date : 01.09.2025

1. Name of the work : **Construction of road works under PM-JANMAN Batch-I in the District of Keonjhar.** 2. No. of work : **02 (Two) Nos.** 3. Estimated cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-16 / RWCKJR / 2025-26 | Dt.08.09.25 at 11.00 A.M. | Dt.22.09.25 up to 5.00 P.M. | Dt.20.09.25 up to 5.00 P.M. | Dt.23.09.25 at 11.00 A.M. | Will be intimated later |

• Further details can be seen from the website : www.pmgsytenders.gov.in

Sd./- Chief Construction Engineer
R.W. Circle, Keonjhar

OIPR-25177/11/0092/2526



## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE CHIEF CONSTRUCTION ENGINEER, DEO IRRIGATION PROJECT, KARANJIA

No.A-593

AT/PO : KARANJIA, DIST. : MAYURBHANJ-757037, Tel : 06796-296144, e-mail : cce.dip.dowr@gmail.com

**"e" Procurement Notice**

**Bid Identification No. : 03/CCEDIP of 2025-26**

Name of Work : As per Detailed Tender Call Notice, Total No. of Packages : 01 (One) No. of Individual Work, Estimated cost of Package : 165.16 Lakhs, Period of Completion : 06 (Six) Months, Class of Contractor : "B" & "A" Class Contractor, Other Details : Mentioned in DTCN

| Procurement Officer | Bid Identification No. | Availability of tender on-line for biding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 03/CCEDIP of 2025-26 | 11.09.2025 at 10.00 A.M. | 26.09.2025 up to 05.30 P.M. |

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said Website.

Sd./- Chief Construction Engineer,
Deo Irrigation Project, Karanjia

OIPR-32337/11/0008/2526


See Career Appointment on every Wednesday & Saturday


## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH

(Deptt. of Housing & Urban Development, Govt. of Odisha)
At/PO. PS. : Titilagarh, Dist : Balangir - 767033
e-mail : titilagarhmunicipality@gmail.com

**e-tender notice details**

**BID IDENTIFICATION NO. : TIG-MPL-16-2025**
**DTCN No.2479/03.09.2025**

**No.C-1013** : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in**

| | | |
|---|---|---|
| 1. | Name of the Work | Civil Construction works as mentioned in website. |
| 2. | No. of works | **5 nos. of Civil Projects** |
| 3. | Tender Cost | **As per DTCN** |
| 4. | Period of Completion | 30 Days |
| 5. | Date & Time of availability of Bid Documents in the Portal | **From 08.09.2025, 12:00 A.M. to 16.09.2025, 5.00 P.M.** |
| 6. | Last date & time for receipt of bids in the portal | **On 16.09.2025 at 5.00 P.M.** |
| 7. | Last date & time for deposit of Fees & Documents (in sealed envelope) at Office tender box | **On 18.09.2025 at 5.00 P.M.** |
| 8. | Bids received online & Offline will be opened on | **On 19.09.2025 at 11.00 A.M.** |
| 9. | Name and address of the officer inviting Bid | Executive Officer, Titilagarh Municipality |

Further details can be seen from the procurement portal i.e. **https://tendersodisha.gov.in**

Sd./- Executive Officer,
Titilagarh, Municipality

OIPR-13095/11/0032/2526



## GOVT. OF ODISHA
## DEPARTMENT OF WATER RESOURCES
## O/o THE SUPERINTENDING ENGINEER, PRACHI DIVISION, BHUBANESWAR - 12

E-mail : prachi.division@yahoo.co.in, eeprachidivision@gmail.com

No. 6452 Dt. 02.09.2025

**e-PROCUREMENT NOTICE NO. - SEPRD - 11/2025-26**

**No.A-580** : Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal www.tendersorissa.gov.in complete online process only.

| | | |
|---|---|---|
| 01. | Nature of work | Civil works (Canal / V.R. Bridge / River embankment) |
| 02. | No. of Works | **31 (Thirty One) Nos.** |
| 03. | Bid Identification No. | SEPRD - 11/2025-26 |
| 04. | Estimated Cost (in Rupees) | Rs. 6.00 Lakhs to Rs. 43.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of availability of bid documents in the Portal | From 08.09.2025 (10.00 A.M.) to 17.09.2025 (5.30 P.M.) |
| 09. | Date and time of Opening of Tender Documents & online bids | 18.09.2025 at 10.30 A.M. |
| 10. | Date of Lottery (In case of situation arises) | 25.09.2025 at 11.30 A.M. |
| 11. | Name and Address of the Officer Inviting Bid | Superintending Engineer, Prachi Division, Bhubaneswar-12, E-mail : prachi.division@yahoo.co.in, eeprachidivision@gmail.com |

Further details (corrigendum, addendum, cancellation) can be seen from the State Govt. Portal www.tendersorissa.gov.in.

Sd./-Superintending Engineer
Prachi Division, Bhubaneswar

OIPR-32096/11/0011/2526



No.B-473

GOVT. OF ODISHA

## Government of Odisha "e" Procurement Notice

**Bid Identification No. PWDK - 13/2025-26**

**No. G2/7989 Dt. 30.08.2025**

e-mail : eepwdkeonjhar@yahoo.com

| | | |
|---|---|---|
| 1 | No. of the work | 1 No. of Road Work. |
| 2 | Estimated cost | **Rs. 68.35 Lakh** |
| 3 | Period of completion | **03 (Three)** Calendar Months |
| 4 | Date and Time of availability of Bid document in the portal | From 10.00 Hr **08.09.2025** to 17.00 Hr of **23.09.2025** |
| 5 | Last date / Time for receipt of bids in the portal | 17.00 Hr of **23.09.2025** |
| 6 | Date of opening of Bid from Portal | 10.30 Hr of **24.09.2025** |
| 7 | Name and address of the officer inviting Bid | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "**http://tendersodisha.gov.in**".

Sd./- Superintending Engineer,
Keonjhar (R&B) Division

OIPR-34004/11/0036/2526



## OFFICE OF THE ROURKELA MUNICIPAL CORPORATION, ROURKELA
## INVITATION FOR BID

**No. 10645** **Dated: 04.09.2025**

**Bid Identification No. MC/RMC/35/2025**

No. C-1021: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/35/2025 for 01 No. Electrical work with value of Rs.31.05 lakh.

1. Bid documents will be available in website **www.tendersorissa.gov.in** from 06.09.2025.
2. Bids must be submitted on "Online" on or before 15.09.2025 by 17.00 hours.
3. Bids shall be opened at 11.00 hours on 16.09.2025 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Municipal Commissioner
Rourkela Municipal Corporation

OIPR-13131/11/0165/2526



## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751 007, Tel : 2545586/2545852, email- serifedodisha@gmail.com, website - www.serifedodisha.in

**TENDER CALL NOTICE**

**BID IDENTIFICATION NO:- VI-10(08)/SERIFED/2025-26/1115/ Dt.06.09.2025**

**No.CAD-1685** : The MANAGING DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 no. of work in Khordha District. The bid documents such as DTCN/BOQ etc. can be seen/downloaded from the website : www.sidacodisha.org.in. during the period dt. 10.09.2025 to 5.00 P.M. up to 16.09.2025. Tender shall be received till 5.00 P.M. on 16.09.2025 & shall be opened at 11.30 A.M. on 17.09.2025. Any addendum / corrigendum / cancellation of tender can also be seen in the said website.

**OIPR-31005/11/0015/2526** **Sd./- MANAGING DIRECTOR**



## NOTIFIED AREA COUNCIL, KESINGA

KALAHANDI (ODISHA), PIN-766012
email : kesinganac@gmail.com

## "e" PROCUREMENT NOTICE

**Bid Identification No. 2379/NAC(K) Dt.04.09.2025**

**No.C-1014** : Bid document consisting of work, estimated cost, cost of tender paper, EMD and time of completion, Class of contractors and set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**

| | |
|---|---|
| Name of the work (Tender Id - 2025_ORULB_117678_1) | Preparation of Comprehensive Drainage Master Plan and DPR for Storm Water Drainage System of NAC Kesinga in the district of Kalahandi, Odisha |
| Total No. of work | 1 (One) |
| Tender Reference No. | KSNG-NAC-03/2025-26 |
| Approx. value of work | |
| Period of completion | As per DTCN |
| Period of availability of tender for online Bidding | From 06.09.2025 at 10.00 A.M. to 06.10.2025 up to 05.00 P.M. |
| Date & Time of opening | 14.10.2025 at 11.00 A.M. |
| Name and address of the officer inviting Bid | Executive officer, NAC Kesinga |

Further details can be seen from the website : **www.tendersodisha.gov.in**

Sd./- Executive officer
N.A.C., Kesinga

OIPR-13109/11/0042/2526



## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର
## OFFICE OF THE SUPERINTENDING ENGINEER, M.I. DIVISION, ANANDAPUR

At/P.O.: Salapada, Dist.: Keonjhar, PIN Code - 758020
E-mail ID: mianandapur@yahoo.co.in, eemidanandapur@gmail.com

**e-Procurement Notice**

**Bid Identification No. 08/MIDA/2025-26**
**e-mail ID: mianandapur@yahoo.co.in**

No. A-579: The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the Work | Construction of New Check Dam under Ghatagaon Block under MATY Scheme |
| No. of works | 02 (Two) Nos. only |
| Estimated Cost | Varies from 40.87 lakhs to 45.40 lakh (Approximately) |
| Cost of Tender Paper | 6000/- (Non-refundable) |
| Period of Completion | 06 (Six) Calendar Months |
| Availability of bid documents for sale and receipt through Online | From Dt.09.09.2025, 10.00 A.M. to Dt.18.09.2025 upto 5.00 P.M. |
| Last date / time of receipt of bids in the portal | 18.09.2025 (5.00 P.M.) |
| Date of Technical bid opening through online | On Dt.19.09.2025 at 10.00 A.M. in the Office of the S.E., M.I. Division, Anandapur |
| Mode of payment of Bid Cost | Online |
| Digital Signature Certificate of Bidder | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website: **http:/dowrorissa.gov.in** | |
| Name & Address of the OIT | Superintending Engineer, Minor Irrigation Division, Anandapur, At/P.O./ District: Keonjhar Email ID: **mianandapur@yahoo.co.in** |
| Further details can be seen from the e-Procurement market place **http://tendersorissa.gov.in** | |

Sd./- Superintending Engineer
M.I. Division, Anandapur

OIPR-32108/11/0034/2526



No.KK-216

Skilled in ODISHA WSC

## World Skill Center Bhubaneswar

Tower 2010, Block B, Sector A, Mancheswar Industrial Estate, Bhubaneswar, Odisha 751007

**Admission open for One Year Advanced Skill Development Courses for Session Sept. 2025-2026**
**Last Date of Online Application- 20th September 2025**

| Course | Eligibility Criteria | Course Fee |
|---|---|---|
| Precision Engineering (PEG) | 2 years ITI or 3 years Diploma in Engineering Both Male and Female Candidates are eligible Minimum age required 17 years Maximum age is 30 years | **For Odisha Domicile Candidates:** 20,000/- in two equal Installments, Hostel,Mess and other fees as required for study will be borne by WSC |
| Vertical Transportation (VT) | | |
| Air Conditioning & Refrigeration (ACR) | | |
| Mechanical & Electrical Services (MES) | | |
| Electrical Technology (ET) | | |
| Mechatronics (MCE) | | |
| Beauty & Wellness (B&W) | Diploma or +2 in any Stream/ITI in relevant trade Both Male and Female Candidates are eligible Minimum age required 17 years Maximum age is 35 years | **For Non-Odisha Domicile Candidates:** 50,000/- in two equal Installments, Hostel,Mess and other fees as required for study will be paid extra by the student |

For more information, Please contact
Our tollfree number: 1800 266 6002 or +91-6742580079 (all working days)
Email: admissions@worldskillcenter.org or visit our website www.worldskillcenter.org

OIPR-44009/11/0069/2526 Scan to Apply

# ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ପାଳିତ

ଭଞ୍ଜନଗର,୭।୯(ବାବୁଲା ପ୍ରଧାନ)

ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୨୦ ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଛି। ସେହିପରି ଗଞ୍ଜାମ ଜିଲା ଭଞ୍ଜନଗର ଶାଖାର ମଧ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଭଞ୍ଜନଗର ଶାଖା ପରିଚାଳକ ଏସ. ମୋହିତ ରଞ୍ଜନ ପାତ୍ର ବ୍ୟାଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ବ୍ୟାଙ୍କ ସର୍ବଦା ତା'ର ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଇଦେବାକୁ ଉଦ୍ୟମ ଜାରି ରଖିଛି ବୋଲି କହିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ୧ କୋଟି ୨୦ ଲକ୍ଷ ଟଙ୍କାର ବିଭିନ୍ନ ଋଣ ଗ୍ରାହକଙ୍କୁ ପ୍ରଦାନ କରାଯାଇଥିଲା । ସହ ଶାଖା ପରିଚାଳକ ସୁପ୍ରିୟା ବାଗେ, କର୍ମଚାରୀ ସୁଶାନ୍ତ ନାୟକ, ପ୍ରିୟମ୍ବଦା ଆଚାର୍ଯ୍ୟ, ଶୈଳଜା ପଟ୍ଟନାୟକ, ବସନ୍ତ ଦାସ, ଗୌରହରି ନାଇକ, ଅରୁଣ ଜେନା, ଦୁର୍ଗା ମାଧବ ଆଚାରୀ, ବିନୋଦ ଗୌଡ଼ ଏହି ଅବସରରେ ଉପସ୍ଥିତ ଥିଲେ।



ଉତ୍ସବରେ ଉପସ୍ଥିତ ବ୍ୟାଙ୍କ କର୍ମଚାରୀ।

# ଆଗେଇବ ସ୍ମାର୍ଟ ସିଟି, ମେଟ୍ରୋ ପ୍ରକଳ୍ପ

ଭୁବନେଶ୍ୱର,୭।୯(ଅନୁରାଧା ମହାରଣା)

- ନିର୍ମାଣ ସାମଗ୍ରୀ ଉପରେ ଜିଏସ୍‌ଟି ହାର ହ୍ରାସ
- ଅର୍ଦ୍ଧସହରୀ, ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତି ସମ୍ଭାବନା
- ଏମ୍‌ଏସ୍‌ଏମ୍‌ଇରେ କମିବ ପୁଞ୍ଜି ଆବଶ୍ୟକତା

ପ୍ରମୁଖ ନିର୍ମାଣ ସାମଗ୍ରୀ ଉପରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ହାର ହ୍ରାସ ପାଇଛି। ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଓଏଚ୍‌ୟୁଏ) ଏନେଇ କହିଛି ଯେ, ଏହି ପଦକ୍ଷେପ ସରକାରଙ୍କର ସମସ୍ତଙ୍କ ପାଇଁ ଗୃହ ମିଶନ ସହିତ ସମ୍ପୂର୍ଣ୍ଣ ସମନ୍ୱିତ ଏବଂ ସ୍ମାର୍ଟ ସିଟି, ମେଟ୍ରୋ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ସହରାଞ୍ଚଳ ଭିତ୍ତିଭୂମି ବିକାଶ ପଦକ୍ଷେପକୁ ମଧ୍ୟ ସମର୍ଥନ କରିବ। ସିମେଣ୍ଟ ଉପରେ ଜିଏସ୍‌ଟି ୨୮% ରୁ ୧୮% କୁ ହ୍ରାସ କରାଯାଇଛି। ନିର୍ମାଣ କ୍ଷେତ୍ରରେ ସିମେଣ୍ଟ ବାବଦରେ ହେଉଥିବା ଖର୍ଚ୍ଚ ନିର୍ମାଣ ଖର୍ଚ୍ଚର ୧୫-୨୦% ଏବଂ ମୋଟ ପ୍ରକଳ୍ପ ଖର୍ଚ୍ଚର ପ୍ରାୟ ୧୧% ଅଟେ। ଏହି ହ୍ରାସ ଦ୍ୱାରା ସରକାରୀ ଏବଂ ବେସରକାରୀ ପ୍ରକଳ୍ପର ମୂଲ୍ୟ ହ୍ରାସ ପାଇବ, ସରକାରୀ ଖର୍ଚ୍ଚର ଦକ୍ଷତା ବୃଦ୍ଧି ହେବ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଭଳି ସୁଲଭ ଗୃହ ଯୋଜନାକୁ ପ୍ରୋତ୍ସାହନ ମିଳିବ। ସିମେଣ୍ଟ ଶିଳ୍ପ ଖଣି, ଲଜିଷ୍ଟିକ୍ସ, ଉତ୍ପାଦନ ଏବଂ ବଣ୍ଟନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଅନ୍ୟପଟେ ସିମେଣ୍ଟ-ବଣ୍ଡେଡ ପାର୍ଟିକିଲ ବୋର୍ଡ, ଝୋଟ ପାର୍ଟିକିଲ ବୋର୍ଡ ଏବଂ ଅନ୍ୟାନ୍ୟ ଏପରି ସାମଗ୍ରୀ ଉପରେ ଜିଏସଟି ୧୨% ରୁ ୫%କୁ ହ୍ରାସ କରାଯାଇଛି। ଗୃହ, ପ୍ରିଫାବ ଗଠନ ଏବଂ ଫର୍ନିଚରରେ ବ୍ୟାପକ ଭାବରେ ବ୍ୟବହୃତ, ପାର୍ଟିକିଲ ବୋର୍ଡ କମ୍ ମୂଲ୍ୟର ନିର୍ମାଣ ପାଇଁ ଅତ୍ୟାବଶ୍ୟକ। ଏହା ଗ୍ରାମୀଣ ଏବଂ ସହରାଞ୍ଚଳ ଗୃହ ପ୍ରକଳ୍ପର ଖର୍ଚ୍ଚ ହ୍ରାସ କରିବ ବୋଲି ଆଶା କରାଯାଉଛି। ଅଧିକାଂଶ ଶିଳ୍ପ ଏମ୍‌ଏସ୍‌ଏମ୍‌ଇ ଚାଳିତ ଏବଂ ଟିକସ ହ୍ରାସ ଅର୍ଦ୍ଧ ସହରୀ ତଥା ଗ୍ରାମାଞ୍ଚଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେହିପରି ମାର୍ବଲ ଏବଂ ଗ୍ରାନାଇଟ ବ୍ଲକ ଉପରେ ଜିଏସଟି ୧୨%ରୁ ୫% କୁ ହ୍ରାସ କରାଯାଇଛି। ଏହା ଫ୍ଲୋରିଂ ଏବଂ ଟାଇଲିଂ ଖର୍ଚ୍ଚ ହ୍ରାସ କରିବ। ରାଜସ୍ଥାନ, ଗୁଜରାଟ, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରେ ଲକ୍ଷ ଲକ୍ଷ ଶ୍ରମିକଙ୍କୁ ନିଯୁକ୍ତି ଦେଉଥିବା ପ୍ରାକୃତିକ ପଥର କ୍ଷେତ୍ରରେ ଆମଦାନୀ ନିର୍ଭରଶୀଳତା ହ୍ରାସ ଦ୍ୱାରା ଉପକୃତ ହେବାର ଆଶା କରାଯାଉଛି। ବାଲି-ଲାଇମ ଇଟା ଏବଂ ଇଟା ନିର୍ମାଣ ସହିତ ଜଡିତ କାର୍ଯ୍ୟ ଉପରେ ଜିଏସଟି ୧୨%ରୁ ୫% କୁ ହ୍ରାସ କରାଯାଇଛି। ଇଟାଭାଟିଗୁଡ଼ିକ ମୁଖ୍ୟତଃ ଏମ୍‌ଏସ୍‌ଏମ୍‌ଇ ଦ୍ୱାରା ପରିଚାଳିତ ହେଉଥିବାରୁ ଏହା ପୁଞ୍ଜି ଆବଶ୍ୟକତାକୁ ହ୍ରାସ କରିବ। ଗୃହ ନିର୍ମାଣ ବ୍ୟତୀତ ସରକାର କମନ ଏଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ସିଇଟିପି) ଦ୍ୱାରା ସେବା ଉପରେ ଜିଏସ୍‌ଟି ୧୨%ରୁ ୫%କୁ ହ୍ରାସ କରିଛନ୍ତି। ଏହା ଶିଳ୍ପ ଏବଂ ପୌରପାଳିକାକୁ କେନ୍ଦ୍ରୀକୃତ ବର୍ଜ୍ୟବସ୍ତୁ ପରିଚାଳନା, ପ୍ରଦୂଷଣ ହ୍ରାସ ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶକୁ ପ୍ରୋତ୍ସାହିତ କରି ପ୍ଲାଣ୍ଟ ପରିଚାଳନା, ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ରକ୍ଷଣାବେକ୍ଷଣରେ 'ସବୁଜ ଚାକିରି' ସୃଷ୍ଟି କରିବ।

**ନିର୍ମାଣ ସାମଗ୍ରୀ ଜିଏସଟି ହ୍ରାସ ମଧ୍ୟବିତ୍ତଙ୍କ ପାଇଁ ଖୁବ୍ ସହାୟକ ହେବ। ଏହା ଆଗାମୀ ଦିନରେ ଦେଶର ଅର୍ଥନୀତି ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପୂର୍ବରୁ ଦେଖାଯାଇଛି କେତେକ ନିର୍ମାଣ ସାମଗ୍ରୀ ବ୍ୟବସାୟୀ ଟିକସ ଫାଙ୍କୁଥିଲେ ସେମାନେ ଟିକସ ଫାଙ୍କିବେନି ବରଂ ସାଧୁତା ଉପାୟରେ ବ୍ୟବସାୟ କରିବେ। ରିଅଲ ଇଷ୍ଟେଟ ଡେଭେଲପରମାନେ ଜିଏସଟି ହାର ହ୍ରାସ ଦ୍ୱାରା ଗୃହ ମୂଲ୍ୟ କିପରି କମୁଛି ତାହା ପ୍ରଚାର କରି ଗ୍ରାହକଙ୍କ ଆସ୍ଥା ବଢ଼ାଇବା ପାଇଁ ସକାରାତ୍ମକ ବିପଣନ ଅଭିଯାନ ଆରମ୍ଭ କରିବା ଦରକାର। ଘର କିଣିବା ସମୟରେ ଗ୍ରାକହମାନେ ମଧ ସତର୍କତା ସହ କିଣିବା ଉଚିତ। ଗୃହ କିଣିବା ପୂର୍ବରୁ ଏହା ରେରା ପଞ୍ଜୀକୃତ କି ନୁହେଁ ଯାଞ୍ଚ କରିବା ଉଚିତ।**



ଅସିତ୍ କୁମାର ମହାପାତ୍ର, ଚେୟାରମ୍ୟାନ, ଓରେରା

# ମୋବାଇଲ ଆପ୍‌ରେ ଆଇଟିଆର୍ ଦାଖଲ

ଭୁବନେଶ୍ୱର,୭।୯(ଅନୁରାଧା ମହାରଣା)

ଆୟକର ରିଟର୍ନ(ଆଇଟିଆର୍) ଦାଖଲ କରିବାର ଅନ୍ତିମ ତାରିଖ ନିକଟତର ହେଉଛି। ସେପ୍ଟେମ୍ବର ୧୫ ସୁଦ୍ଧା ଆଇଟିଆର୍ ଦାଖଲ କରିବାକୁ ହେବ। ଏହି ସମୟରେ ଆୟକର ବିଭାଗ କରଦାତାଙ୍କ ସୁବିଧା ପାଇଁ ଦୁଇଟି ମୋବାଇଲ ଆପ୍ ଜାରି କରିଛି। ଏହା ସାହାଯ୍ୟରେ କରଦାତା ସହଜ ଓ ନିରାପଦରେ ନିଜର ରିଟର୍ନ ଦାଖଲ କରିପାରିବେ। ଏହି ଆପ୍‌ଗୁଡ଼ିକ ହେଉଛି 'ଏଆଇଏସ୍ ଫର୍ ଟ୍ୟାକ୍ସ ପେୟର୍' ଏବଂ 'ଇନକମ୍ ଟ୍ୟାକ୍ସ ଡିପାର୍ଟମେଣ୍ଟ'। ଏହା ଆଣ୍ଡ୍ରଏଡ ଓ ଆଇଓଏସ ପ୍ଲାଟଫର୍ମରେ ଉପଲବ୍ଧ ରହିଛି। ବିଶେଷକରି ବେତନଭୋଗୀ ବ୍ୟକ୍ତି, ପେନ୍‌ସନଭୋଗୀ ଏବଂ ସରଳ ଆୟ ପ୍ରୋଫାଇଲ ଥିବା ସ୍ୱଳ୍ପ କରଦାତାଙ୍କ ପାଇଁ ଏହି ଆପ୍ ଗୁଡ଼ିକୁ ଡିଜାଇନ କରାଯାଇଛି। ରିଟର୍ନ ଦାଖଲ ପାଇଁ କରଦାତା ଏହି ଆପ୍‌ରେ ନିଜର ପ୍ୟାନ, ଆଧାର କିମ୍ବା ରେଜିଷ୍ଟର୍ଡ ବ୍ୟବହାରକାରୀ ଆଇଡି ଓ ପାସୱାର୍ଡ ଦ୍ୱାରା ଲଗ୍‌ଇନ୍ କରିପାରିବେ। ଲଗ୍‌ଇନ୍ ପରେ କରଦାତାଙ୍କୁ ବାର୍ଷିକ ତଥ୍ୟ ରିପୋର୍ଟ (ଏଆଇଏସ୍) ଓ କରଦାତା ତଥ୍ୟ ସାରାଂଶ (ଟିଆଇଏସ) ମିଳିବ। ଏଥିରେ କମ୍ପାନୀ, ବ୍ୟାଙ୍କ, ମ୍ୟୁଚୁଆଲ ଫଣ୍ଡ ଆଦିରୁ ପୂର୍ବରୁ ତଥ୍ୟ ପୂରଣ ହୋଇଥାଏ, ତେଣୁ କରଦାତାଙ୍କୁ ସୂଚନା ପୂରଣ କରିବାକୁ ପଡ଼ିବ ନାହିଁ। ଏହି ଆପ୍ ବେତନ, ପେନସନ, ପୁଞ୍ଜି ଲାଭ କିମ୍ବା ଅନ୍ୟ ଆୟର ଆଧାରରେ ଉପଯୁକ୍ତ ଆଇଟିଆର ଫର୍ମ ବାଛିବାରେ ସାହାଯ୍ୟ କରିଥାଏ।

# ପାର୍ବଣ ଋତୁରେ ସୁନା ଦର ଉପରେ ନଜର


ଭୁବନେଶ୍ୱର,୭।୯(ଅନୁରାଧା ମହାରଣା): ପାର୍ବଣରେ ଗହଣା କିଣିବାକୁ ଭାରତୀୟ ଆଗ୍ରହ ଦେଖାଉଥିବାବେଳେ ସୁନା ଓ ରୁପା ଦର ଉପରେ ନଜର ରହିଛି। ରବିବାର ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୮,୪୯୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୯୯,୪୫୦ ଟଙ୍କା ଛୁଇଁଛି । ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୮,୪୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୯୯,୪୫୦ ଟଙ୍କାକୁ ପହଞ୍ଚିଛି । ଅନ୍ୟପଟେ ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୮,୪୯୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୯୮ ହଜାର ୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୦୮,୬୨୦ ଟଙ୍କା ଓ ୨୨ କ୍ୟାରେଟ ୯୯,୬୦୦ ଟଙ୍କା ରହିଛି । ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୦୯,୧୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୦,୦୫୦ ଟଙ୍କା ରହିଛି କୋଲକାତାରେ ୨୪ କ୍ୟାରେଟ ୧, ୦୮,୪୯୦ ଓ ୨୨ କ୍ୟାରେଟ ୯୯, ୪୫୦ ଟଙ୍କା ରହିଛି ।

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/- Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରଫୁଲ୍ଲ କୁମାର ରାଉତ
ତିଳପଦା, ଢେଙ୍କାନାଳ
ଆବିର୍ଭାବ-୦୫।୦୯।୧୯୪୩
ତିରୋଧାନ- ୨୯।୦୮।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-ଶୋକସନ୍ତପ୍ତ-
ପ୍ରକାଶ, ପ୍ରବୀଣ, ପ୍ରଶାନ୍ତ, ନମିତା, ଜ୍ୟୋତିର୍ମୟୀ, ଆନନ୍ଦିତା, ରିନା, ଚୁମୁକି,ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୮୯୯

ତୃତୀୟ ଶ୍ରାଦ୍ଧବାର୍ଷିକୀ



୰ନମିତା ମଲିକ
ଭାଟପଡ଼ା, କଣାସ, ପୁରୀ
ଆବିର୍ଭାବ: ୧୦।୦୪।୧୯୭୬
ତିରୋଧାନ: ୦୮।୦୯।୨୦୨୨
ଚାହିଁ ଚାହିଁ ୩ ବର୍ଷ ବିତିଗଲାଣି, ଏ ଜୀବନ ଯାତ୍ରାରେ ତୁମ ବିନା ଆମେ ଯେ କେତେ କଷ୍ଟ ପାଉଛୁ, କେତେ ଅସହାୟ ଅନୁଭବ କରୁଛୁ ତାହା ଆମେ ଶବ୍ଦରେ ପ୍ରକାଶ କରିପାରୁନାହୁଁ। ଆମେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୧୮୯୮



## REAL ESTATE SALE

Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338. D-1803

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

2047sqft. commercial (NH-57) boundarywall land sale at Pitapalli, Bhubaneswar- 7008634668. D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/- . 7978551614. D-1872

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781

## LOST

By the virtue of affidavit at Bhubaneswar, No.- 576425 on dated- 04.09.2025 and Delanga P.S. Diary No.-13/25 dtd - 06.09.25. I, Biswaranjan Pani S/o Chandra Sekhar Pani, resident of Deypur, Deypursasan, Delanga, Puri, 752046, lost sale deed document No. - 631/1992 dtd- 08.04.1992, somewhere in between Maunimatha to Delanga while travelling.If anyone find can contact 9583085079. D-1897

# Classified Everyday

0674-2580101, 9692975378

## LEGAL NOTICE

Letter No.- 1481
Dt- 30.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ.ଏସ.କେଶ ନମ୍ବର **୭୧୯/୨୦୨୨**
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଜଗଦୀଶ ପ୍ରଶାଦ ସାମନ୍ତରାୟ .....ବାଦୀ/ଦରଖାସ୍ତକାରୀ
ବନାମ
ତ୍ରାହି ଜଗନ୍ନାଥ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ୍, ମାର୍ଫତ- ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ
.....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ ୩.- ସୁକାନ୍ତ କୁମାର ପଟ୍ଟନାୟକ, ପିତା- ସ୍ୱର୍ଗତ ନିମାଇଁଚରଣ ପଟ୍ଟନାୟକ, ଗ୍ରାମ- ଗ୍ରାମଡ଼ିହି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୫୪

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା- ୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣିକରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ ୧୭, ମୌଜା- ଗ୍ରାମଡ଼ିହି

ସାବକ
ଖାତା ନମ୍ବର-୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ଶାରଦ-୨, ରକବା- ମୋଟ ଏ ୬.୦୨୧ ଡେସିମିଲ ରୁ ଏ ୧.୨୦୪.୨ ଡେସିମିଲ ରୁ ଏ ୦.୩୬୦ ଡେସିମିଲ ରୁ ଏ ୦.୦୯୧.୮୨ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ହାଲ
ଖାତା ନମ୍ବର-୯୬,ପ୍ଲଟ୍ ନମ୍ବର-୬୭୪, କିସମ- ଶାରଦ ଅଣ ଜଳ ସେଚିତ- ୨, ରକବା- ମୋଟ ଏ ୩.୮୪୭ ଡେସିମିଲରୁ ଏ ୦.୦୯୧.୮୨ ଡେସିମିଲ , ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା: ୩୦।୦୭।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ-୧୯୦୦

Letter No.- 1482
Dt- 30.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ.ଏସ.କେଶ ନମ୍ବର **୭୧୭/୨୦୨୨**
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଅସିତ ନନ୍ଦ .....ବାଦୀ/ଦରଖାସ୍ତକାରୀ
ବନାମ
ତ୍ରାହି ଜଗନ୍ନାଥ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ୍, ମାର୍ଫତ- ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ
.....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ ୩.- ସୁକାନ୍ତ କୁମାର ପଟ୍ଟନାୟକ, ପିତା- ସ୍ୱର୍ଗତ ନିମାଇଁଚରଣ ପଟ୍ଟନାୟକ, ଗ୍ରାମ- ଗ୍ରାମଡ଼ିହି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୫୪

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା- ୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣିକରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ ୧୭, ମୌଜା- ଗ୍ରାମଡ଼ିହି

ସାବକ
ଖାତା ନମ୍ବର-୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ଶାରଦ-୨, ରକବା- ମୋଟ ଏ ୬.୦୨୧ ଡେସିମିଲ ରୁ ଏ ୩.୬୧୨ ଡେସିମିଲ ରୁ ଏ ୧.୨୦୦ ଡେସିମିଲ ରୁ , ଏ ୦.୦୬୮.୮୭ ଡେସିମିଲ ,ସ୍ୱତ୍ୱ- ସ୍ଥିତିବାନ।

ହାଲ
ଖାତା ନମ୍ବର-୯୬,ପ୍ଲଟ୍ ନମ୍ବର-୬୭୪, କିସମ- ଶାରଦ ଅଣ ଜଳ ସେଚିତ- ୨, ରକବା- ମୋଟ ଏ ୩.୮୪୭ ଡେସିମିଲରୁ ଏ ୦.୦୬୮.୮୭ ଡେସିମିଲ , ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା: ୩୦।୦୭।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ-୧୯୦୧

Letter No.- 1483
Dt- 30.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪
ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ.ଏସ.କେଶ ନମ୍ବର **୭୧୮/୨୦୨୨**
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଅସିତ ନନ୍ଦ .....ବାଦୀ/ଦରଖାସ୍ତକାରୀ
ବନାମ
ତ୍ରାହି ଜଗନ୍ନାଥ କନଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ୍, ମାର୍ଫତ- ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ
.....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ ୩.- ସୁକାନ୍ତ କୁମାର ପଟ୍ଟନାୟକ, ପିତା- ସ୍ୱର୍ଗତ ନିମାଇଁଚରଣ ପଟ୍ଟନାୟକ, ଗ୍ରାମ- ଗ୍ରାମଡ଼ିହି, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୫୪

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜାଲସରେ ଆସନ୍ତା ତା- ୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣିକରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ ୧୭, ମୌଜା- ଗ୍ରାମଡ଼ିହି

ସାବକ
ଖାତା ନମ୍ବର-୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ଶାରଦ-୨, ରକବା- ମୋଟ ଏ ୬.୦୨୧ ଡେସିମିଲ ରୁ ଏ ୧.୨୦୪.୨ ଡେସିମିଲ ରୁ ଏ ୦.୩୬୦ ଡେସିମିଲ ରୁ , ଏ ୦.୦୯୧.୮୨ ଡେସିମିଲ ,ସ୍ୱତ୍ୱ- ସ୍ଥିତିବାନ।

ହାଲ
ଖାତା ନମ୍ବର-୯୬,ପ୍ଲଟ୍ ନମ୍ବର-୬୭୪, କିସମ- ଶାରଦ ଅଣ ଜଳ ସେଚିତ- ୨, ରକବା- ମୋଟ ଏ ୩.୮୪୭ ଡେସିମିଲରୁ ଏ ୦.୦୯୧.୮୨ ଡେସିମିଲ , ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା: ୩୦।୦୭।୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ-୧୯୦୨

# ଚାଲିବା ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ଦୈନିକ ସକାଳେ ଓ ସନ୍ଧ୍ୟାରେ ଚାଲିବା ସହ ଖାଦ୍ୟ ଖାଇବା ପରେ ଚାଲିବା ନେଇ ଭାରତୀୟ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। ଉପରୋକ୍ତ ବିଷୟକୁ ନେଇ ସଦ୍ୟତମ ତଥ୍ୟ ଭାବେ ଆମ ଦେଶର ଆଧୁନିକ ଚିକିତ୍ସା ବିଜ୍ଞାନ ବିଭାଗର ୨୦୦ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ପ୍ରାୟ ୯୫୦୦୦ ଲୋକଙ୍କୁ ନେଇ ପରୀକ୍ଷା ଓ ଗବେଷଣା କରିଥିଲେ। ବହୁ ବର୍ଷ ପୂର୍ବରୁ ଆମ ଭାରତୀୟ ପାରମ୍ପରିକ ମୌଳିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ସ୍ୱାସ୍ଥ୍ୟ ପାଇଁ ଯେଉଁସବୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ଉଲ୍ଲେଖ ରହିଛି, ବର୍ତ୍ତମାନ ଆଧୁନିକ ଚିକିତ୍ସା ବିଜ୍ଞାନ ବହୁ ପରୀକ୍ଷା ନିରୀକ୍ଷା କରି ଏହା ଠିକ୍ ବୋଲି ପ୍ରମାଣିତ କରିଛି।''



ଆମ ଭାରତୀୟ ଐତିହ୍ୟ ଓ ପରମ୍ପରା ଅତି ମହାନ। ଆମର ପୂର୍ବ ପିଢ଼ିମାନେ ଜୀବନକୁ ସୁସ୍ଥ ସତେଜ ତଥା ନୀରୋଗ ରଖିବା ପାଇଁ ଦୈନନ୍ଦିନ ଜୀବନଶୈଳୀ ଏବଂ ଖାଦ୍ୟପେୟ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ହେଲେ ଆଜିର ଯୁବପିଢ଼ିଙ୍କ ଜୀବନଶୈଳୀ ସମ୍ପୂର୍ଣ୍ଣ ଅଲଗା କହିଲେ ଆଦୌ ଭୁଲ ହେବ ନାହିଁ। ଆମରି ପୂର୍ବଜମାନେ ସକାଳୁ ବ୍ରହ୍ମ ମୁହୂର୍ତ୍ତରୁ ଉଠି ନିତ୍ୟକର୍ମ ସାରି ନିଜର ଭିନ୍ନ ଭିନ୍ନ କର୍ମସ୍ଥଳୀ ହେଉ କିମ୍ବା କ୍ଷେତକୁ ଯାଇ ନିଜର କାମରେ ଲାଗିପଡୁଥିଲେ। କିଛି ଲୋକ ଭୋର ସକାଳୁ ଉଠି କ୍ଷେତକୁ ଚାଲି ଚାଲି ଯାଇ ନିଜର କର୍ମ କରୁଥିଲେ। ଅପରାହ୍ନରେ ମଧ୍ୟ କ୍ଷେତରେ କାମ କରି ସନ୍ଧ୍ୟାରେ ଘରକୁ ଫେରୁଥିଲେ। ଏହାଦ୍ୱାରା ଶାରୀରିକ ପରିଶ୍ରମ ହେଉଥିଲା। ରାତ୍ରରେ ଭଲ ନିଦ ହେବା ହେତୁ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରାୟ ନୀରୋଗ ରହୁଥିଲା। ସେମାନଙ୍କର ଏଭଳି ଜୀବନଶୈଳୀ ପାଇଁ କେତେକେ ଦୀର୍ଘାୟୁ ଜୀବନ କଟାଉଥିଲେ। ସେମାନଙ୍କୁ ଡାଇବେଟିସ୍ ବା ମଧୁମେହ, ଉଚ୍ଚ ରକ୍ତଚାପ, କ୍ୟାନ୍ସର ଭଳି ମାରାତ୍ମକ ରୋଗ ପ୍ରାୟ ପାଖ ମାଡ଼ିପାରୁନଥିଲା। ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଆମେ ଖାଦ୍ୟ ଖାଇବା ଅଳ୍ପ କିଛି ସମୟ ପରେ ଅତିକମ୍‌ରେ ୧୦୦ପାଦ ଚାଲିବା ଉଚିତ। ଏହାଦ୍ୱାରା ଶରୀରରେ ଜମୁଥିବା ଚର୍ବିର ମାତ୍ରା କେତେକାଂଶରେ କମିଯାଇଥାଏ। ମୋଟାପଣ ହ୍ରାସ ପାଏ। ମଧୁମେହ ଓ ଉଚ୍ଚରକ୍ତଚାପ ସନ୍ତୁଳିତ ରହିଥାଏ।

ଖାଇବା ପ୍ରକ୍ରିୟାକୁ ନେଇ ଆମ ସାମାଜିକ ପ୍ରଥାରେ ଗୋଟିଏ ଢଗ ରହିଛି, 'ଖାଇ ଚାଲିଲେ ବଢ଼ଇ ଆୟୁ, ଖାଇ ବସିଲେ ବଢ଼ଇ ବାୟୁ, ଖାଇ ଶୋଇଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ'। ଅର୍ଥାତ ଆମେ ଖାଦ୍ୟ ଖାଇବାର ଅଳ୍ପ କିଛି ସମୟ ପରେ ପ୍ରାୟତଃ ୧ରୁ ୧୦ମିନିଟ୍ ଠିକ୍ ସମୟ ଠିକ୍ ପ୍ରକାରେ ଚାଲିବା ଆମ ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର। ତା'ସହ ଉଚ୍ଚ ରକ୍ତଚାପ, ମଧୁମେହ, ବାହ୍ୟ ଚର୍ମର କୁଞ୍ଚନ ଦୂର ହେବା ସହ କ୍ୟାନ୍ସର ଭଳି ମାରାତ୍ମକ ରୋଗକୁ ପ୍ରତିରୋଧ କରିବା ସାମର୍ଥ୍ୟ ଶରୀରରେ ସୃଷ୍ଟି ହୋଇଥାଏ। ଆମ ସ୍ୱାସ୍ଥ୍ୟର ବହୁତ ସମସ୍ୟାର ସମାଧାନ ହୋଇ ଯାଇଥାଏ। ଆଧୁନିକ ସ୍ୱାସ୍ଥ୍ୟ ବିଜ୍ଞାନ ବହୁ ପରୀକ୍ଷା କରି ଏଥିରେ ସହମତି ପ୍ରକାଶ କରିଛନ୍ତି। ଖାଇବା ପରେ ପରେ ଖଟ କିମ୍ବା ଚୌକିରେ ବସି ରହିବା ଦ୍ୱାରା ଶରୀର ସ୍ଥୂଳତା ଆସିବା ସହ ଖାଦ୍ୟ ଠିକ ଭାବରେ ପରିପକ୍ୱ ହୋଇପାରି ନ ଥାଏ। ଏହାଦ୍ୱାରା ପେଟରେ ଅମ୍ଳ ଓ ବାୟୁ ସୃଷ୍ଟି ହୋଇଥାଏ, ଯାହାଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଖାଇବା ପରେ ପରେ ଖଟ କିମ୍ବା ଆରାମ ଚେୟାରରେ ଶୋଇପଡିବା ଦ୍ୱାରା ପେଟରେ ଚର୍ବି ବଢ଼ିବା ସହ, ପେଟ ବାହାରିବା, ଶରୀରରେ ସ୍ଥୂଳତା ଆସିଥାଏ। ଶରୀରରେ ଓଜନ ବୃଦ୍ଧି ହୋଇଥାଏ। ଶରୀରର ଆକୃତି ଅସ୍ୱାଭାବିକ ବୃଦ୍ଧି ହୋଇଥାଏ। ଖାଦ୍ୟ ଖାଇ ଅଳ୍ପ ସମୟ ପରେ ପୁଣି ଖାଦ୍ୟ ଖାଇବା ଦ୍ୱାରା ପେଟରେ ଖାଦ୍ୟ ଠିକ୍ ଭାବେ ଜୀର୍ଣ୍ଣ ହୋଇ ନ ଥାଏ। ଫଳରେ ଖାଇଥିବା ଏହି ଖାଦ୍ୟ ବିଷାକ୍ତ ହୋଇ ଝାଡ଼ାବାନ୍ତି ସମସ୍ୟା ସୃଷ୍ଟି କରିଥାଏ।

ଦୈନିକ ସକାଳେ ଓ ସନ୍ଧ୍ୟାରେ ଚାଲିବା ସହ ଖାଦ୍ୟ ଖାଇବା ପରେ ଚାଲିବା ନେଇ ଭାରତୀୟ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। ଉପରୋକ୍ତ ବିଷୟ ଉପରେ ସଦ୍ୟତମ ତଥ୍ୟ ଭାବେ ଆମ ଦେଶର ଆଧୁନିକ ଚିକିତ୍ସା ବିଜ୍ଞାନ ବିଭାଗର ୨୦୦ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ପକ୍ଷରୁ ପ୍ରାୟ ୯୫୦୦୦ ଲୋକଙ୍କୁ ନେଇ ପରୀକ୍ଷା ଓ ଗବେଷଣା କରିଥିଲେ। ବହୁ ବର୍ଷ ପୂର୍ବରୁ ଆମ ଭାରତୀୟ ପାରମ୍ପରିକ ମୌଳିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ସ୍ୱାସ୍ଥ୍ୟ ପାଇଁ ଯେଉଁସବୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ଉଲ୍ଲେଖ ରହିଛି, ବର୍ତ୍ତମାନ ଆଧୁନିକ ଚିକିତ୍ସା ବିଜ୍ଞାନ ବହୁ ପରୀକ୍ଷା ନିରୀକ୍ଷା କରି ଏହା ଠିକ୍ ବୋଲି ପ୍ରମାଣିତ କରିଛି। ଏସବୁ ତଥ୍ୟକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ପଠାଯାଇଥିଲା। ଉକ୍ତ ସଂଗଠନ ଏଥିରେ ସହମତି ମଧ୍ୟ ପ୍ରକାଶ କରିଛି। ଏହା ଆମ ପାଇଁ ନିଶ୍ଚୟ ଏକ ସୁଖଦ ବାର୍ତ୍ତା।

ସ୍ୱାସ୍ଥ୍ୟ ବିଶେଷଜ୍ଞ ମତରେ ଖାଦ୍ୟ ଖାଇବାର ଅଳ୍ପ କିଛି ସମୟ ପରେ ୧-୧୦ ମିନିଟ ଚାଲିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ। ତା'ସହ ଜୀବନଶୈଳୀ ପରିବର୍ତ୍ତନ ଆସିଥାଏ। ବିଶେଷଭାବରେ ରାତ୍ରଭୋଜନ ପରେ ନିଜର ସକ୍ଷମ ଅନୁଯାୟୀ କିଛି ସମୟ ଚାଲିବା ଦ୍ୱାରା ଆମ ଶରୀରରେ ରକ୍ତ ସର୍କରା ସନ୍ତୁଳିତ ରହିଥାଏ। ପେଟରେ ଚର୍ବି ନ ଜମି ଏହା ଶକ୍ତିରେ ପରିଣତ ହୋଇଥାଏ। ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖିବା ସହ କେତେକ ଜଟିଳ ରୋଗକୁ ନିୟନ୍ତ୍ରିତ ରଖିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ସକାଳେ ଓ ରାତ୍ର ବେଳା ଖାଦ୍ୟ ଖାଇବାର ଅଳ୍ପ ସମୟ ପରେ ଯଦି ୧ରୁ ୧୦ ମିନିଟ ଆମେ ଚାଲି ଚାଲି ଆସି ଅଳ୍ପ ସମୟ ବିଶ୍ରାମ ନେବା ଏହାଦ୍ୱାରା ମନ ଖୁସି ରହିବା ସହ ମାନସିକ ଚାପ କେତେକାଂଶରେ କମିଥାଏ। ଚିଡ଼ିଚିଡ଼ା ସ୍ୱଭାବ ହ୍ରାସ ପାଇବା ସହ ଭଲ ନିଦ ହୋଇଥାଏ। ତା' ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ରକ୍ତଚାପ, ମଧୁମେହ, କର୍କଟ ଭଳି ରୋଗ ମଧ୍ୟ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ।

ସଦ୍ୟତମ ଗବେଷଣାରୁ ଜଣାଯାଇଛି ଯେ, ଉପରୋକ୍ତ ତଥ୍ୟ ଆମ ଶରୀର ଉପରେ ଶତପ୍ରତିଶତ ଅନୁକୂଳ ପ୍ରଭାବ ପକାଇଥାଏ। ଯେଉଁମାନେ ଖାଇସାରିବା ପରେ କିଛି ସମୟ ଚାଲିଥାନ୍ତି ତାଙ୍କ ସ୍ୱାସ୍ଥ୍ୟ ଅନେକାଂଶରେ ଫିଟ୍ ରହିବା ସହ ବର୍ଷ ବର୍ଷ ଧରି ଜ୍ୱର ଓ ଥଣ୍ଡା ଭଳି ରୋଗ ହୋଇନଥାଏ। ଆମ ଭାରତୀୟ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଓ ଆଧୁନିକ ଚିକିତ୍ସା ବିଜ୍ଞାନର ଖାଦ୍ୟ ଖାଇବା ପରେ କିଛି ସମୟ ଚାଲିବା ଦ୍ୱାରା ବହୁ ଜଟିଳ ରୋଗ ନିୟନ୍ତ୍ରିତ ହେଉଥିବା ଗବେଷଣା ତଥ୍ୟରୁ ଜଣାପଡିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏଥିରେ ସହମତି ପ୍ରକାଶ କରିଥିବା ହେତୁ, ସଦ୍ୟତମ ଏହି ସ୍ୱାସ୍ଥ୍ୟ ବାର୍ତ୍ତା ଆମ ମନୁଷ୍ୟ ସମାଜ ପାଇଁ ବହୁ ହିତକର ହୋଇପାରିବ।

ଉପରୋକ୍ତ ସମସ୍ତ ତଥ୍ୟକୁ ଆମେ ଅନୁଶୀଳନ କରି ପ୍ରତିଦିନ ଖାଦ୍ୟ ଖାଇବା ପରେ କିଛି ସମୟ ଚାଲିବା ଆବଶ୍ୟକ। ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ବହୁ ଜଟିଳ ରୋଗକୁ ପ୍ରତିରୋଧ କରିବା ସମ୍ଭବ ହୋଇଥାଏ। ତା' ସହ ଆମେ ଅନେକାଂଶରେ ନୀରୋଗ ରହିବା ସହ ଦୀର୍ଘାୟୁ ଭାବେ ବଞ୍ଚି ରହିପାରିବା।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ପ୍ଲାଷ୍ଟିକ ସାମଗ୍ରୀ ଓ ଜଳ ପ୍ରଦୂଷଣ



ଜଳ ପ୍ରଦୂଷଣର ଅନ୍ୟତମ କାରଣ ହେଉଛି ପ୍ଲାଷ୍ଟିକ ସାମଗ୍ରୀ। ଏଗୁଡ଼ିକୁ ବ୍ୟବହାର କରାଯିବା ପରେ ଯେତେବେଳେ ଫିଙ୍ଗି ଦିଆଯାଉଛି ତାହା ପରିବେଶକୁ ପ୍ରଦୂଷଣ କରୁଛି। ଜଳରେ ମିଶିବା ପରେ ମଧ୍ୟ ନଦୀ, ସମୁଦ୍ର, ହ୍ରଦ ଆଦିର ଜଳ ବିଷାକ୍ତ ହେଉଛି। ଏକ ହିସାବରୁ ଜଣାଯାଏ ଯେ, ପ୍ରତି ବର୍ଷ ପ୍ରାୟ ୮୮ ଲକ୍ଷ ଟନ୍ ପ୍ଲାଷ୍ଟିକ ସାମଗ୍ରୀ ସମୁଦ୍ର ତଟବର୍ତ୍ତୀ ଅଧିବାସୀଙ୍କ ବ୍ୟବହାର ଯୋଗୁ ସମୁଦ୍ରରେ ଆବର୍ଜନା ରୂପେ ମିଶିଥାଏ। ଅର୍ଥାତ ସମୁଦ୍ରରେ ପ୍ରତି ମିନିଟରେ ପ୍ରାୟ ୧ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶୁଛି, ଯାହା ଏକ ଟ୍ରକ ଭର୍ତ୍ତି ଆବର୍ଜନା ସଙ୍ଗେ ସମାନ। ଏହି ପ୍ଲାଷ୍ଟିକ ଆବର୍ଜନା ସମୟକ୍ରମେ ଭାଙ୍ଗି କ୍ଷୁଦ୍ର କ୍ଷୁଦ୍ର କଣିକାରେ ପରିଣତ ହୁଏ, ଯାହାକୁ 'ମାଇକ୍ରୋପ୍ଲାଷ୍ଟିକ' କହନ୍ତି। ଏହା ଘଟଣାକ୍ରମେ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବିଭିନ୍ନ ଜଳଚର ଜୀବ ଯଥା ମାଛ, କଇଁଛ,ଡଲଫିନ୍, ତିମି, ସାମୁଦ୍ରିକ ପକ୍ଷୀଙ୍କ ଶରୀରକୁ ସଂଚାରିତ ହୁଏ। ଏହା ସେମାନଙ୍କ ପାକସ୍ଥଳୀରେ ଭରିଯିବା ହେତୁ ସେମାନଙ୍କ ଖାଦ୍ୟ ଗ୍ରହଣ କ୍ଷମତା ଗୁରୁତର ହ୍ରାସ ପାଇ ପରିଶେଷରେ ସମାନଙ୍କ ମୃତ୍ୟୁ ଘଟେ। ପ୍ଲାଷ୍ଟିକ ଜାତ କିଛି ପଦାର୍ଥ (ଯଥା ମାଛ ଧରିବା ପାଇଁ ସମୁଦ୍ରରେ ବିଛା ଯାଉଥିବା ଜାଲ) ସାମୁଦ୍ରିକ ଜୀବଙ୍କ ଶରୀରରେ ଗୁଡ଼ାଇ ହୋଇଯିବା ଦ୍ୱାରା ସେମାନଙ୍କ ଚଳପ୍ରଚଳ କ୍ଷମତା ଓ ଗତିଶୀଳତା ଯଥେଷ୍ଟ ହ୍ରାସ ପାଇ ପରିଶେଷରେ ସେମାନେ ଶିକାରୀ ଜୀବ ଦ୍ୱାରା ଶିକାର ହୋଇଥାନ୍ତି। ଏକ ହିସାବରୁ ଜଣାଯାଏ ଯେ, ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ପ୍ରତି ବର୍ଷ ପ୍ରାୟ ୧ ଲକ୍ଷ ସାମୁଦ୍ରିକ ପକ୍ଷୀଙ୍କ ମୃତ୍ୟୁ ଘଟୁଛି। ଏକ ଆକଳନରୁ ଜଣାଯାଏ ଯେ, ଏହି ଧାରା ଅବ୍ୟାହତ ରହିଲେ ଆଗାମୀ ୨୦୫୦ ମସିହା ବେଳକୁ ସମୁଦ୍ରରେ ବିସର୍ଜିତ ମୋଟ ପ୍ଲାଷ୍ଟିକର ଓଜନ ସମୁଦାୟ ମାଛଙ୍କ ଓଜନକୁ ମଧ୍ୟ ଟପିଯିବ।

## ଜୀବନଶୈଳୀ ଅସନ୍ତୁଳିତ ରହିଲେ...



ଆଜିକାଲି ନିଜ ଜୀବନଶୈଳୀକୁ ସନ୍ତୁଳିତ ରଖିବା ଏକ ସହଜ କଥା ନୁହେଁ। ଏହାର ପ୍ରଭାବ ଆମ ଶରୀର ଉପରେ ପଡିଥାଏ। ତେଣୁ ଜଣେ ବ୍ୟକ୍ତି ଏ ନେଇ ସଚେତନ ରହିବା ନିହାତି ଦରକାର। ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତିଙ୍କର ଜୀବନଶୈଳୀ ଦୀର୍ଘ ମାସ ଧରି ଅସନ୍ତୁଳିତ ରହିଲା ତେବେ ତାହା ଡାଇବେଟିସ୍ ବା ମଧୁମେହର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ଅନ୍ୟପକ୍ଷରେ ଡାଇବେଟିସ୍ ଯଦି ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟି ଶକ୍ତି ଉପରେ ପଡ଼ିଥାଏ। ଜୀବନଶୈଳୀକୁ ସନ୍ତୁଳିତ ରଖିବା ଲାଗି ଏକ ରୁଟିନ୍ ପ୍ରସ୍ତୁତ କରନ୍ତୁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ରାତିରେ ଅତିକମ୍‌ରେ ୭-୮ଘଣ୍ଟା ଶୁଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜକୁ ଟେନସନ୍ ଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ । ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଶରୀର ଅନେକାଂଶରେ ସୁସ୍ଥ ରହେ ଏବଂ ଏହାର ଭଲ ପ୍ରଭାବ ମାନସିକତା ଉପରେ ପଡିଥାଏ।

## ସ୍କିଜୋଫ୍ରେନିୟା: କିଛି କଥା



ସ୍କିଜୋଫ୍ରେନିୟା ରୋଗ ମୁଖ୍ୟତଃ ୧୫-୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ମସ୍ତିଷ୍କରେ ମୁଖ୍ୟତଃ ଡୋପାମିନ ନାମକ ରାସାୟନିକ ପଦାର୍ଥ (ନ୍ୟୁରୋଟ୍ରାନ୍ସମିଟର)ର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତିକ ହୋଇଥାଏ। ଅନୁସନ୍ଧାନରୁ ଜଣାପଡିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିୟା ହୋଇ ଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୧୦ ପ୍ରତିଶତ ଆଶଙ୍କା ଥାଏ। ଏହି ରୋଗ ଦ୍ୱାରା ବ୍ୟକ୍ତିର ବ୍ୟବହାର, ଭାବନା, ଆବେଗ ଓ କାର୍ଯ୍ୟଦକ୍ଷତା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ଭାବେ କରିପାରେ ନାହିଁ ଏବଂ ନିଦ କମିଯାଏ। ରୋଗୀ କିଛି କାରଣ ନ ଥାଇ କଥା ଶୁଣାଯାଉଛି ଓ ଶୂନ୍ୟବାଣୀ ହେଉଛି ବୋଲି କହିଥାଏ। କେତେକ ରୋଗୀ ନ ଥିବା ବସ୍ତୁ ବା ବ୍ୟକ୍ତିମାନଙ୍କୁ ଦେଖି ପାରୁଛନ୍ତି ବୋଲି ମଧ୍ୟ କହିଥାନ୍ତି। ରୋଗୀମାନେ ବେଳେ ବେଳେ ଏ ସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। ଏହି ପ୍ରତିକ୍ରିୟାରେ ସେମାନେ ନିଜେ ମନେ ମନେ କଥା ହୁଅନ୍ତି। ଛୋଟ ଛୋଟ କଥାରେ ଚିଡ଼ିଚିଡ଼ା ଓ ଉତ୍ତେଜିତ ହୋଇପଡ଼ନ୍ତି। ସେମାନେ ଘରୋଇ ଦାୟିତ୍ୱ ନେବା, କର୍ମ କ୍ଷେତ୍ରରେ କାର୍ଯ୍ୟ ଭାର ନେବା ଓ ବିଭିନ୍ନ ସାମାଜିକ ପରିସ୍ଥିତିରେ ନିଜକୁ ଖାପ ଖୁଆଇ ଚଳାଇବାରେ ଅସମର୍ଥ ହୁଅନ୍ତି। କିଛି ରୋଗୀ ଆତ୍ମହତ୍ୟା କରିବାକୁ ଉଦ୍ୟମ ମଧ୍ୟ କରିଥାନ୍ତି। ସ୍କିଜୋଫ୍ରେନିୟା ଏକ ଜଟିଳ ରୋଗ ହେଲେ ମଧ୍ୟ ଏହାର ଚିକିତ୍ସା ଅତି ସହଜରେ କରିହେବ। ଏଭଳି ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ ନିହାତି ଜରୁରୀ।

## ସ୍ମରଣ ଶକ୍ତି ବୃଦ୍ଧି ଅନ୍ତରାଳେ...



ସ୍ମରଣ ଶକ୍ତିକୁ ବୃଦ୍ଧି କରିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ଏହାର କେତୋଟି ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ପ୍ରଥମ କଥା ହେଲା ସକାରାତ୍ମକ ମାନସିକତା। ଏହଦ୍ୱାରା ଜଣେ ନିଜ ସ୍ମରଣ ଶକ୍ତିକୁ ପୂର୍ବାପେକ୍ଷା ବୃଦ୍ଧି କରିପାରିବ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ତା'ସହ ସଙ୍ଗୀତ ମାଧ୍ୟମରେ ଜଣେ ନିଜର ସ୍ମରଣ ଶକ୍ତି ବଢ଼ାଇପାରେ। ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ଜଦି ଜଣେ ନିଜର ମନ ପସନ୍ଦର ଗୀତକୁ ଶୁଣନ୍ତି ତେବେ ଏହା ତାଙ୍କର ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇଥାଏ। ନିଜର ପ୍ରିୟ ଗୀତକୁ ବାରମ୍ବାର ଶୁଣିବା ଦ୍ୱାରା ଆମ ସ୍ନାୟୁ କୋଷଗୁଡ଼ିକୁ ପୂର୍ବାପେକ୍ଷା ସକ୍ରିୟ ରହିଥାଆନ୍ତି। ତା'ସହ ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ହୋଇଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମନ ପ୍ରଫୁଲ୍ଲିତ ରୁହେ। ଯେ କୌଣସି କାର୍ଯ୍ୟ କରିବା ପାଇଁ ଆଗ୍ରହ ସୃଷ୍ଟି ହୁଏ ଏବଂ ନିଷ୍ପତ୍ତି ନେବାର କ୍ଷମତାକୁ ବି ବଢ଼ାଏ।

## ସ୍ୱାସ୍ଥ୍ୟ ସୂଚନା

➔ଖାଇ ସାରିବା ପରେ ପରେ ଚା', କଫି କିମ୍ବା ମୃଦୁ ଥଣ୍ଡା ପାନୀୟ ପିଇବା ଅଭ୍ୟାସ ଥିଲେ ତାହାକୁ ବର୍ଜନ କରନ୍ତୁ। କାରଣ ଏହାର ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିଥାଏ। ଏପରିକି ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ପ୍ରଭାବିତ ହେବାର ଆଶଙ୍କା ରହିଛି।

➔ମେଦ ବୃଦ୍ଧିର ଏକ କାରଣ ବିଷୟରେ ଆପଣ ଜାଣନ୍ତି ? କେତେକଙ୍କର ଅଭ୍ୟାସ ଥାଏ ଯେ ସେମାନେ ଖାଇବା ସମୟରେ ହେଉ ଅବା ଠିକ୍ ଖାଇ ସାରିବା ପରେ ପରେ ପାଣି ପିଇଥାଆନ୍ତି। ଏହାଦ୍ୱାରା ଓଜନ ବଢ଼ିଥାଏ। ତେଣୁ ଖାଇବାର ଅତିକମ୍‌ରେ ଅଧ ଘଣ୍ଟାଏ ପୂର୍ବରୁ କିମ୍ବା ପରେ ପାଣି ପିଅନ୍ତୁ।

➔ଦାନ୍ତମୂଳ ଯେପରି ପରିଷ୍କାର ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। କାରଣ ଖାଦ୍ୟର ଅବଶିଷ୍ଟାଂଶ ଦାନ୍ତ ମୂଳରେ ରହିଗଲେ ତାହା ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଖାଇ ସାରିବା ପରେ ଭଲ ଭାବରେ କୁଳି କରନ୍ତୁ। କେବଳ ସକାଳେ ନୁହେଁ, ରାତ୍ରଭୋଜନ ପରେ ଭଲ ଭାବରେ ଦାନ୍ତ ଘଷନ୍ତୁ।

➔ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍‌ର ଭଲ ପ୍ରଭାବ ଶରୀର ଉପରେ ପଡ଼ିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ଏହାଦ୍ୱାରା ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ। ତା' ସହ ଅଣ୍ଟାଜନିତ ଯନ୍ତ୍ରଣାରୁ କେତେକାଂଶରେ ଉପଶମ ମିଳିଥାଏ।

➔ବୟସ ୫୦ ଟପିଥିଲେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ସମୟରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହୁଅନ୍ତୁ। ତା' ସହ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

➔ଆଖୁ ରସରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ରକ୍ଷା କରିଥାଏ।

➔ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରି ପାରିବେ।



## ବାଦଲ ଫଟା ବର୍ଷା

(ଶେଷ ଭାଗ)

ତେବେ ପ୍ରଶ୍ନ ଉଠେ ଯେ ଆମର ହିମାଳୟ ଅଞ୍ଚଳ ଏତେ ବାଦଲଫଟା ପ୍ରବଣ କାହିଁକି? ପ୍ରକୃତରେ ହିମାଳୟ ପର୍ବତମାଳାରେ ସମୁଦ୍ର ପତ୍ତନଠାରୁ ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ। କିଛି ଅଞ୍ଚଳ ଯଥା ବଦ୍ରିନାଥ, କେଦାରନାଥଠାରେ ଅଧିକାଂଶ ବାଦଲ ଫାଟିବା ଘଟଣା ଦେଖିବାକୁ ମିଳିଥାଏ। ବଦ୍ରିନାଥ ଓ କେଦାରନାଥର ସମୁଦ୍ର ପତ୍ତନଠାରୁ ଉଚ୍ଚତା ଯଥାକ୍ରମେ ୩୩୦୦ ଓ ୩୫୮୩ ମିଟର। ଏଠାକାର ଉତ୍ତୁଙ୍ଗ ପର୍ବତମାଳାରେ ବାଧାପାଇ ଜଳୀୟବାଷ୍ପ ଭରା ମୌସୁମୀବାୟୁ ଆକାଶରେ ବିପୁଳ ମାତ୍ରାରେ ଜମା ହେବାକୁ ଲାଗେ ଏବଂ ବାଦଲ ଫାଟିବା ପାଇଁ ଅନୁକୂଳ ପରିସ୍ଥିତି ସଷ୍ଟି କରେ।

ବାଦଲଫଟା ଓ ପ୍ରବଳ ବର୍ଷା ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ରହିଛି। କୌଣସି ସ୍ଥାନରେ ବୃଷ୍ଟିପାତ ପରିମାଣକୁ ସାଧାରଣତଃ ମିଲିମିଟର (ମି.ମି.) ଏକକରେ ପ୍ରକାଶ କରାଯାଏ। ଏହି ଏକକରେ, ବୃଷ୍ଟିପାତ ସମୟରେ ୧ ବର୍ଗ ମିଟର ଅଞ୍ଚଳ ଉପରେ ୧ ଲିଟର ବର୍ଷାଜଳ ସଂଗୃହୀତ ହେଲେ ତାହାକୁ ୧ ମି.ମି. ବୃଷ୍ଟିପାତ ବୋଲି ଧରାଯାଏ। ଘଣ୍ଟାକୁ ବୃଷ୍ଟିପାତ ପରିମାଣ ୨.୫ ମି.ମି. କିମ୍ବା ତା'ଠାରୁ କମ୍ ହେଲେ ତାହାକୁ ସ୍ୱଳ୍ପ ବର୍ଷା, ୨.୫ ମି.ମି. ରୁ ୧୦ ମି.ମି. ମଧ୍ୟରେ ସୀମିତ ରହିଲେ ମଧ୍ୟମ ବର୍ଷା, ୧୦ ମି.ମି.ରୁ ୫୦ ମି.ମି. ମଧ୍ୟରେ ରହିଲେ ଭାରି ବର୍ଷା ଏବଂ ୫୦ ମି.ମି.ରୁ ଅଧିକ ହେଲେ ପ୍ରବଳ ବର୍ଷା ବୋଲି କୁହାଯାଏ। ମାତ୍ର କୌଣସି ସ୍ଥାନରେ ଏକ ଘଣ୍ଟା ସମୟ ମଧ୍ୟରେ ୧୦୦ ମି.ମି. କିମ୍ବା ତା'ଠାରୁ ଅଧିକ ପରିମାଣର ବର୍ଷା ହୋଇଗଲେ ତାହାକୁ ପାଣିପାଗ ବିଜ୍ଞାନର ପରିଭାଷା ଅନୁଯାୟୀ 'ବାଦଲ ଫାଟିବା' ବୋଲି କୁହାଯିବ। ଅର୍ଥାତ କୌଣସି ସ୍ଥାନରେ ବୃଷ୍ଟିପାତକୁ 'ବାଦଲ ଫାଟିବା' କୁହାଯିବା ପାଇଁ ହେଲେ ପ୍ରବଳ ବର୍ଷା ପରିସ୍ଥିତି ସମୟରେ ହେଉଥିବା ବୃଷ୍ଟିପାତ ପରିମାଣର ଦ୍ୱିଗୁଣ କିମ୍ବା ତା'ଠାରୁ ଅଧିକ ବର୍ଷା ହେଉଥିବା ଆବଶ୍ୟକ। ଏଭଳି ଅଚାନକ ଓ ପ୍ରବଳ ବୃଷ୍ଟିପାତ କାରଣରୁ କୌଣସି ସୀମିତ ଓ ଆବଦ୍ଧ ସ୍ଥାନରେ ଜଳର ନିଷ୍କାସନ ଘଟି ନ ପାରି ବନ୍ୟା ଆସିବା ସ୍ୱାଭାବିକ।

ଏବେ ବିଶ୍ୱରେ ବାଦଲ ଫାଟିବା ଘଟଣାର ପ୍ରବଳତା ତଥା ବାରମ୍ବାରତା ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଛି। ପ୍ରକୃତିର ଏହି ବିଗିଡା ମିଜାଜକୁ ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟ ବିଶ୍ୱ ତାପନ ପ୍ରକ୍ରିୟା ସହିତ ସଂଶ୍ଲିଷ୍ଟ କରାଯାଉଛି। ବାୟୁମଣ୍ଡଳ ଓ ସମୁଦ୍ରପୃଷ୍ଠର ତାପମାତ୍ରା ବୃଦ୍ଧି ଯୋଗୁ ଜଳର ବାଷ୍ପିଭବନ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି ଏବଂ ବାୟୁମଣ୍ଡଳରେ ଅଧିକ ଜଳୀୟବାଷ୍ପ ଜମାହୋଇ ବାଦଲ ଫାଟିବା ଘଟଣାର କାରଣ ହେଉଛି।

ପାଣିପାଗ ବିଜ୍ଞାନର ଏବେକାର ଜ୍ଞାନକୌଶଳରେ ବନ୍ୟା, ବାତ୍ୟା ଭଳି ବାଦଲ ଫାଟିବା ଘଟଣାର ପୂର୍ବାନୁମାନ କରାଯାଇପାରିବ ନାହିଁ ଏବଂ ଏଥି ନିମନ୍ତେ କୌଣସି ଆଗୁଆ ସୂଚନା ଜାରି କରିବା ସମ୍ଭବ ନୁହେଁ। କେବଳ ବାଦଲ ଫାଟିବା ପ୍ରବଣ ସ୍ଥାନଠାରୁ ଦୂରେଇ ରହିବା ଏବଂ ବ୍ୟକ୍ତିଗତ ସତର୍କତା ଅବଲମ୍ବନ ହିଁ ଏକମାତ୍ର ପ୍ରତିକାର ବ୍ୟବସ୍ଥା। ସରକାରଙ୍କ ତରଫରୁ ବାଦଲଫଟା ପ୍ରବଣ ସ୍ଥାନଗୁଡିକରେ ଉପଯୁକ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରାଗଲେ ଏହି ବିପର୍ଯ୍ୟୟର ତୀବ୍ରତା ଓ ପ୍ରକୋପତାକୁ ପ୍ରଶମନ କରାଯାଇ ପାରିବ।



-ନିକୁଞ୍ଜ ବିହାରୀ ସାହୁ,
ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୦୧୮୭୦୮୮୫୮

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୮/୨୦୨୫ Bhubaneswar, Monday, September 8/ 2025

# ଭାରତକୁ ବିଶ୍ୱକପ୍ ଯୋଗ୍ୟତା



ଗୋଲ୍ ସ୍କୋର କରିବା ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଦଳର ଖେଳାଳି।

## ହକି ଏସିଆ କପ୍
### ଭାରତର ଚତୁର୍ଥ ଟାଇଟଲ

ରାଜଗିର(ବିହାର),୭।୯

ରାଜଗିର ହକି ଷ୍ଟାଡିୟମରେ ଚାଲିଥିବା ହକି ଏସିଆ କପ୍‌ର ୧୨ତମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତ ୪-୧ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ କୋରିଆକୁ ହରାଇ ଚାମ୍ପିୟନ ହୋଇଛି। ଭାରତୀୟ ଦଳ ଚତୁର୍ଥ ଥର ପାଇଁ ଏହି ଟ୍ରଫି ଉଠାଇଛି। ଏହି ବିଜୟ ସହ ଭାରତୀୟ ଦଳ ଆସନ୍ତାବର୍ଷ ହେବାକୁ ଥିବା ହକି ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଛି। ତେବେ ଟୁର୍ନାମେଣ୍ଟରେ ସର୍ବାଧିକ ୫ ଥର ଟାଇଟଲ ଜିତିବାର ରେକର୍ଡ କୋରିଆ ନାମରେ ରହିଛି। ସର୍ବାଧିକ ଥର ଟାଇଟଲ ଜିତିବାରେ କୋରିଆ ପଛକୁ ୪ ଟାଇଟଲ ସହ ଭାରତ ଦ୍ୱିତୀୟ ସ୍ଥାନରେ ଓ ପାକିସ୍ତାନ ୩ ଟାଇଟଲ ସହ ତୃତୀୟ ସ୍ଥାନରେ ରହିଛି। ଅନ୍ତିମ ଥର ଭାରତ ୨୦୧୭ରେ ଢାକାରେ ଅନୁଷ୍ଠିତ ସଂସ୍କରଣରେ ଟ୍ରଫି ଉଠାଇଥିଲା।

ମ୍ୟାଚ୍ ଆରମ୍ଭରୁ ଭାରତୀୟ ଦଳ ଆକ୍ରମଣାତ୍ମକ ରଣନୀତି ଆପଣେଇଥିଲା। ଫଳରେ ପ୍ରଥମ ମିନିଟ୍‌ରେ ହରମନପ୍ରୀତ ସିଂଙ୍କଠାରୁ ପାଇଥିବା ପାସ୍‌କୁ ସୁଖଜିତ ସିଂ ଗୋଲରେ ପରିଣତ କରିଥିଲେ। ପ୍ରଥମ କ୍ୱାର୍ଟରରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ହେଲେ ଜୁଗରାଜ ସିଂ ଏହାକୁ ଗୋଲ୍‌ରେ ପରିଣତ କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଦିଲପ୍ରୀତ ସିଂ ଚମତ୍କାର ଢଙ୍ଗରେ ଏକ ଫିଲ୍ଡ ଗୋଲ୍ କରିଥିଲେ। ଏଥିଯୋଗୁ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତୀୟ ଦଳ ୨-୦ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଦିଲପ୍ରୀତ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଭାରତୀୟ ଦଳର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇଥିଲେ। ଚତୁର୍ଥ କ୍ୱାର୍ଟରରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଓଡ଼ିଶାର ଅମିତ ରୋହିଦାଶ ଗୋଲରେ ପରିଣତ କରିଥିଲେ। ଏହାର ଏକ ମିନିଟ୍ ପରେ କୋରିଆକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ଯାହାକୁ ସୋନ ଡେନ ଗୋଲରେ ପରିଣତ କରି ଏକମାତ୍ର ଗୋଲ ପରିଶୋଧ କରିଥିଲେ।



ଭୁବନେଶ୍ୱର: ଦୁଇ ଥର ବିଶ୍ୱ କରାଟେ ସେନସେଇ ଅମିର ମେହଦି ଜେଦେ ରବିବାର କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ କଳିଙ୍ଗ ଷ୍ଟାଡିୟମଠାରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ନିକଟରେ ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ଓ ରାଜ୍ୟ କରାଟେ ସଂଘର ସଭାପତି ଡ. ହରି ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଅଛନ୍ତି।

# ନେମାରଙ୍କ ପାଇଁ ଛାଡ଼ିଗଲେ ୧୦ ହଜାର କୋଟି

ବ୍ରାସିଲ,୭।୯

ନିକଟରେ ପ୍ରାଣ ହରାଇଥିବା ବ୍ରାଜିଲର ଜଣେ ଧନୀ ବ୍ୟକ୍ତି ଫୁଟବଲ ସୁପରଷ୍ଟାର ନେମାରଙ୍କ ଲାଗି ୧୦ ହଜାରରୁ ଅଧିକ କୋଟି ଟଙ୍କା ଛାଡ଼ି ଯାଇଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ମୁତାବକ, ବ୍ରାଜିଲର ଜଣେ କୋଟିପତି ତାଙ୍କ ୱିଲ୍‌ରେ ନେମାରଙ୍କ ଲାଗି ୮୪୬ ମିଲିଅନ୍ ପାଉଣ୍ଡ୍ସ ବା ୧୦,୦୭୭ କୋଟି ଟଙ୍କା ଛାଡ଼ି ଯାଇଛନ୍ତି। ନେମାରଙ୍କ ଭଳି ଉକ୍ତ କୋଟିପତିଙ୍କ ଦେଶ ବ୍ରାଜିଲ ହୋଇଥିଲେ ବି ଦୁହେଁ କଦାପି ପରସ୍ପରକୁ ଭେଟି ନ ଥିଲେ। ଉକ୍ତ ଅଜ୍ଞାତ କୋଟିପତିଙ୍କ ପତ୍ନୀ କିମ୍ବା କୌଣସି ଛୁଆ ନ ଥିଲେ। ତାଙ୍କର ୱିଲ ପୋର୍ଟୋ ଆଲେଗ୍ରେ କାର୍ଯ୍ୟାଳୟରେ ଚୂଡ଼ାନ୍ତ ହୋଇଛି ଏବଂ ସେଥିରେ ଜୁନ ୧୨ ତାରିଖରେ ଦୁଇ ସାକ୍ଷୀଙ୍କ ହସ୍ତାକ୍ଷର ରହିଛି। ତେବେ ଏ ସଂକ୍ରାନ୍ତରେ ନେମାର କୌଣସି ପ୍ରତିକ୍ରିୟା ରଖି ନାହାନ୍ତି।

# ଭର୍ଷ୍ଟାପେନ୍ ଜିତିଲେ ଇଟାଲିଆନ ଗ୍ରାଁ ପ୍ରି

ମୋଞ୍ଜା (ଇଟାଲି), ୭।୯ (ଏପି)

ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଚମତ୍କାର ଡ୍ରାଇଭିଂ କରି ଟାଇଟଲ ଦାବିଦାର ମ୍ୟାକଲରେନର ଦୁଇ ଡ୍ରାଇଭର ଲାଣ୍ଡୋ ନୋରିସ ଓ ଓସ୍କାର ପିଆଷ୍ଟ୍ରିଙ୍କୁ ପଛରେ ପକାଇ ଏଠାରେ ରବିବାର ଅନୁଷ୍ଠିତ ଇଟାଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଚଳିତ ମେ ମାସ ପରେ ଏହା ତାଙ୍କର ପ୍ରଥମ ଏବଂ ସିଜନରେ ତୃତୀୟ ଟାଇଟଲ। ଏହି ୪ଥର ବିଶ୍ୱ ଚାମ୍ପିୟନ ଶନିବାର ଫର୍ମୁଲା-୧ ଇତିହାସରେ ଦ୍ରୁତତମ ଲାପ୍ ସହ ପୋଲ୍ ପୋଜିଶନ ହାସଲ କରିଥିଲେ। ରବିବାରର ଫଳାଫଳ ପରେ ଟାଇଟଲ ଦୌଡ଼ରେ ପ୍ରଥମ ସ୍ଥାନରେ ରହିଥିବା ପିଆଷ୍ଟ୍ରି ଏବଂ ଦ୍ୱିତୀୟ ସ୍ଥାନରେ ରହିଥିବା ତାଙ୍କ ଟିମ୍‌ମେଟ୍ ନୋରିସଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ୩୧କୁ ହ୍ରାସ ପାଇଛି। ରେସ୍ ଆରମ୍ଭ ପୂର୍ବରୁ ନୋରିସ ଅଷ୍ଟ୍ରେଲୀୟ ଡ୍ରାଇଭରଙ୍କଠାରୁ ୩୪ ପଏଣ୍ଟ ପଛରେ ଥିଲେ। ରେସ୍‌ରେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଚାର୍ଲ୍ସ ଲେକ୍‌ରେକ୍ (ଫେରାରି), ଜର୍ଜ ରସେଲ (ମର୍ସିଡିଜ୍), ଲୁଇସ୍ ହାମିଲଟନ (ଫେରାରି), ଆଲେକ୍‌ଜାଣ୍ଡର ଆଲବନ୍ (ୱିଲିୟମ୍ସ), ଗାବ୍ରିଏଲ୍ ବୋର୍ଟୋଲେଟୋ (ସୌବେର), କିମି ଆଣ୍ଟୋନେଲି (ମର୍ସିଡିଜ୍) ଓ ଆଇଜାକ୍ ହାଜାର।



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ।

# ଜଷ୍ଟିସ ରାଓଙ୍କ ନେତୃତ୍ୱରେ ୩ ଜଣିଆ କମିଟି ଗଠିତ

**ନୂଆଦିଲ୍ଲୀ,୭।୯(ପି.ଟି.):** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ନୂଆ କମର୍ସିଆଲ ପାର୍ଟନର ଖୋଜିବା ପାଇଁ ପୂରା ଟେଣ୍ଡର ପ୍ରକ୍ରିୟାର ତଦାରଖ ଲାଗି ଅଲ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପୂର୍ବତନ ଜଷ୍ଟିସ ଏଲ୍ ନାଗେଶ୍ୱର ରାଓଙ୍କ ନେତୃତ୍ୱରେ ଏକ ୩ ଜଣିଆ କମିଟି ଗଠନ କରିଛି। କମିଟିର ଅନ୍ୟ ଦୁଇ ସଦସ୍ୟ ହେଲେ ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ଅଡିଟ୍ ଓ କମ୍ପ୍ଲାଏନ୍ସ କମିଟି ସଦସ୍ୟ କେଶବରନ ମୁରୁଗାସୁ ଓ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଦ୍ୱିତୀୟ ରାଜ୍ୟ ସ୍କୁଲ୍ସ ଓପନ ଚେସ୍: ସତ୍ୟମ୍ ସ୍ୱରୂପ ଚାମ୍ପିୟନ

ଭୁବନେଶ୍ୱର, ୭।୯ (ବିଜୟ ରଣା)

ଡିଏଭି ସ୍କୁଲ ପୋଖରିପୁଟ୍ ଆନୁକୂଲ୍ୟରେ ଦ୍ୱିତୀୟ ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଗୁରୁନାନକ ପବ୍ଲିକ ସ୍କୁଲ, କଟକର ସତ୍ୟମ୍ ସ୍ୱରୂପ ସାହୁ ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱରର ସ୍ୱସ୍ତିକ ତ୍ରିପାଠୀ ୪.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ନାରାୟଣ -ଇ- ଟେକ୍ନୋ ସ୍କୁଲର ଆୟୁଷ୍ମାନ ମହାନ୍ତି, ଆପିଜେ ସ୍କୁଲର ପ୍ରାଂଶୁ ଦାଶ ଓ ଡିଏଭି ପବ୍ଲିକ ସ୍କୁଲ ୟୁନିଟ୍-୮ର ଆକର୍ଷ ପ୍ରକାଶ ପ୍ରତ୍ୟେକ ୪ ପଏଣ୍ଟ ସହ ଯଥାକ୍ରମେ ୩ୟରୁ ୫ମ ସ୍ଥାନ ଅଧିକାର କରିଥିଲେ। ବାଳିକା ବିଭାଗରେ ଶ୍ରେୟାଂଶୀ ଛୋଟରାୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ମିତପ୍ରଜ୍ଞା ପଟ୍ଟନାୟକ ଦ୍ୱିତୀୟ ହୋଇଥିଲେ। ୧୪ବର୍ଷରୁ କମ୍, ୧୨ବର୍ଷରୁ କମ୍, ୧୦ବର୍ଷରୁ କମ୍ ଓ ୮ ବର୍ଷରୁ କମ୍ ବିଭାଗରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡିଏଭି ପବ୍ଲିକ ସ୍କୁଲ, ପୋଖରିପୁଟ୍‌ର ପ୍ରିନ୍ସପାଲ ବିପିନ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍କୁଲର ସିନିୟର ସୁପରଭାଇଜର ଶିତିକାନ୍ତ ପତି, ଟୁର୍ନାମେଣ୍ଟ ଡାରେକ୍ଟର ଦୀପକ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ସାବାଲେଙ୍କାଙ୍କୁ ଚତୁର୍ଥ ଗ୍ରାଣ୍ଡସ୍ଲାମ



ଟ୍ରଫି ସହ ମହିଳା ସିଙ୍ଗଲ୍ସ ଚାମ୍ପିୟନ ଆରିନା ସାବାଲେଙ୍କା।

## ୟୁଏସ୍ ଓପନ

ନ୍ୟୁୟର୍କ, ୭।୯

ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ସଫଳତାର ସହ ତାଙ୍କର ୟୁଏସ୍ ଓପନ ଟାଇଟଲ ବଜାୟ ରଖିଛନ୍ତି। ଏଥିସହିତ ସେ ଟେନିସ ଲିଜେଣ୍ଡ ସେରେନା ୱିଲିଅମ୍ସଙ୍କ ପରେ ପ୍ରଥମ ମହିଳା ଖେଳାଳି ଭାବେ ସାବାଲେଙ୍କା ୟୁଏସ୍ ଓପନରେ ଟାଇଟଲ ବଜାୟ ରଖିଛନ୍ତି। ସେରେନା ୨୦୧୪ରେ ପ୍ରଥମ ମହିଳା ଭାବେ ୟୁଏସ୍ ଓପନରେ ଲଗାତର ଦୁଇ ଥର ଟାଇଟଲ ଜିତିଥିଲେ। ଚଳିତ ୟୁଏସ୍ ଓପନରେ ଟାଇଟଲ ଜିତିବା ପୂର୍ବରୁ ୨୭ ବର୍ଷୀୟ ସାବାଲେଙ୍କା ୱିମ୍ବଲଡନ ସେମିଫାଇନାଲରେ ଓ ଫ୍ରେଞ୍ଚ ଓପନ ଫାଇନାଲରେ ପରାସ୍ତ ହୋଇଥିଲେ। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ଏହା ତାଙ୍କ କ୍ୟାରିୟରର ଚତୁର୍ଥ ଗ୍ରାଣ୍ଡସ୍ଲାମ ଓ ମୋଟ ଉପରେ ୨୧ତମ ଟାଇଟଲ। ଅନ୍ୟପକ୍ଷରେ ୨୪ ବର୍ଷୀୟା ଆନିସିମୋଭାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଅପେକ୍ଷା ଜାରି ରହିଛି। ସେ ଏଥିପୂର୍ବରୁ ୱିମ୍ବଲଡନ ଫାଇନାଲରେ ଇଗା ସ୍ୱିଟେକଙ୍କଠାରୁ ପରାସ୍ତ ହୋଇଥିଲେ। ପରାଜୟ ସତ୍ତ୍ୱେ ସେ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍ସରେ ଚତୁର୍ଥ ସ୍ଥାନକୁ ଉଠିବା ସ୍ପଷ୍ଟ ହୋଇଛି।

ରବିବାର ଅନୁଷ୍ଠିତ ଫାଇନାଲରେ ସାବାଲେଙ୍କା ୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କୁ ୬-୩, ୭-୬ (୭/୩) ସିଧାସଳଖ ସେଟ୍‌ରେ ପରାସ୍ତ କରିଛନ୍ତି। ଏକ ଘଣ୍ଟା ୩୪ ମିନିଟ୍ ଧରି ଚାଲିଥିବା ମୁକାବିଲାରେ ସାବାଲେଙ୍କା ପ୍ରଥମ ସେଟ୍‌କୁ ଅପେକ୍ଷାକୃତ ସହଜରେ ଜିତିଥିବା ବେଳେ ଦ୍ୱିତୀୟ ସେଟ୍‌ରେ ତାଙ୍କୁ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରି କି ଦ୍ୱିତୀୟ ସେଟ୍‌ର ଫଳାଫଳ ପାଇଁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ହେଲେ ଏଥିରେ ବେଲାରୁଷର ସାବାଲେଙ୍କା ବାଜି ମାରି ନେଇଥିଲେ।

## ଗ୍ରାନୋଲର୍ସ-ଜେବାଲସଙ୍କୁ ପୁରୁଷ ଡବଲ୍ସ ଟାଇଟଲ

ପଞ୍ଚମ ସିଡ୍ ମାର୍ସେଲ ଗ୍ରାନୋଲର୍ସ ଓ ହୋରାସିଓ ଜେବାଲସ ୟୁଏସ୍ ଓପନ ପୁରୁଷ ଡବଲ୍ସ ଟାଇଟଲ ଜିତିଛନ୍ତି। ଚଳିତ ସିଜନରେ ଏହା ସେମାନଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ। ଏହି ସ୍ପାନିଶ-ଆର୍ଜେଣ୍ଟାଇନ ଯୋଡ଼ି ରବିବାର ଅନୁଷ୍ଠିତ ଫାଇନାଲରେ ୩-୬, ୭-୬ (୭/୪), ୭-୫ ସେଟ୍‌ରେ ବ୍ରିଟିଶ ଯୋଡ଼ି ଜୋ ସାଲିସବରୀ ଓ ନିଲ ସ୍କୁପସ୍କିଙ୍କୁ ପରାସ୍ତ କରିଛନ୍ତି। ଏହା ଗ୍ରାନୋଲର୍ସ ଓ ଜେବାଲ୍ସଙ୍କ ଦ୍ୱିତୀୟ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ। ଏଥିପୂର୍ବରୁ ସେମାନେ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଫାଇନାଲରେ ହରାଇ ଫ୍ରେଞ୍ଚ ଓପନ ଜିତିଥିଲେ। ଗ୍ରାନୋଲର୍ସ ଓ ଜେବାଲସ ୨୦୧୯ ୟୁଏସ୍ ଓପନ ଫାଇନାଲରେ ପରାସ୍ତ ହୋଇଥିଲେ।



ମାର୍ସେଲ ଗ୍ରାନୋଲର୍ସ ଓ ହୋରାସିଓ ଜେବାଲସ।






# ପୁରୁଷ କମ୍ପାଉଣ୍ଡ ଟିମ୍‌କୁ ସ୍ୱର୍ଣ୍ଣ ପଦକ

## ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍

ଗ୍ୱାଙ୍ଗଜୁ, ୭।୯ (ପି.ଟି.)

ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଭାରତୀୟ ପୁରୁଷ ଦଳ କମ୍ପାଉଣ୍ଡ ଇଭେଣ୍ଟରେ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଭାରତୀୟ ମହିଳା ଦଳ ୮ବର୍ଷରେ ପ୍ରଥମ ଥର ପୋଡିୟମ ଫିନିଶ କରିପାରିନାହିଁ। ଭାରତର ଟପ୍ କ୍ୱାଲିଫାୟର ରିଷଭ ଯାଦବ ମଧ୍ୟ ଏକ ଡବଲ୍ ସହ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଭେଟେରାନ ଜ୍ୟୋତି ସୁରେଖାଙ୍କ ସହ ମିକ୍ସଡ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିପାରିଛନ୍ତି। ୨୦୧୭ରୁ ସ୍ଥିର ପ୍ରଦର୍ଶନ କରି ପଦକ ଜିତିଆସୁଥିବା ମହିଳା ଦଳ କିନ୍ତୁ ଏଥର ପ୍ରି-କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛି। ଦ୍ୱିତୀୟ ସିଡ୍ ଯାଦବ ବ୍ୟକ୍ତିଗତ କ୍ୱାଲିଫାୟର୍ସରେ ୮ମ ସ୍ଥାନ ଅଧିକାର କରିଥିଲେ। ତେବେ ଭାରତୀୟ ପୁରୁଷ ତ୍ରୟ ଯାଦବ, ଅମନ ସାଇନି ଓ ପ୍ରଥମେଶ ଫୁଗେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଫାଇନାଲରେ ଫ୍ରାନ୍ସ ଦଳକୁ ୨୩୫-୨୩୩ରେ ହରାଇ ଦେଇଥିଲେ। ଫ୍ରାନ୍ସ ତରଫରୁ ନିକୋଲାସ ଜିରାର୍ଡ, ଜିନ୍ ଫିଲିପ ବୋଲଚ ଓ ଫ୍ରାଙ୍କୋଇସ୍ ଡୁବୋଇସ୍ ପ୍ରତିନିଧିତ୍ୱ କରୁଥିଲେ। କିନ୍ତୁ ଭାରତୀୟ ୟୁନିଟ୍ ଚାପରେ ଥାଇ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନ କରିଥିଲା। ଭାରତୀୟ ଦଳର ଏହି ବିଜୟ ପଛରେ ଅଧିକ ଶ୍ରେୟ ଫୁଗେଙ୍କୁ ଯିବ। କାରଣ ଭାରତ ସର୍ବନିମ୍ନ କ୍ୱାଲିଫାୟର ଭାବେ ୧୯ତମ ସ୍ଥାନରେ ରହିଥିଲା। ଦଳର ଆରମ୍ଭ ଦୁଇଟି ୯-ଏସ୍ ସହ ମଧ୍ୟ ଉତ୍ସାହଜନକ ନ ଥିଲା। ମାତ୍ର ଏହି ୨୨ ବର୍ଷୀୟଙ୍କ ଏକ ଡିସିସିଭ ଫାଇନାଲ ଆରୋ ସମେତ କ୍ରମାଗତ ସିକ୍ସ ୧୦ଏସ୍ ଯୋଗୁ ଭାରତ ଐତିହାସିକ ସ୍ୱର୍ଣ୍ଣ ଜିତିବାରେ ସମର୍ଥ ହୋଇଥିଲା। କେବଳ ଫୁଗେ ନୁହନ୍ତି ଏହି ୩ ତୀରନ୍ଦାଜଙ୍କ ମଧ୍ୟରୁ ପ୍ରତ୍ୟେକ ସଦସ୍ୟ ଚାପକୁ ଠିକଣା ରୂପେ ହାତେଇ ପାରିଥିଲେ ବୋଲି ଭାରତର ମୁଖ୍ୟ କମ୍ପାଉଣ୍ଡ କୋଚ୍ ଜୀବନଜ୍ୟୋତ ସିଂ ତେଜା ପ୍ରକାଶ କରିଛନ୍ତି।



ଅମନ ସଇନି, ରିଷଭ ଯାଦବ ଓ ପ୍ରଥମେଶ ଫୁଗେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ